

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-18 ♦SUNDAY ♦12 JULY 2026 ♦PAGE-12+4 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୮ ♦ରବିବାର ♦୧୨ ଜୁଲାଇ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


**ଭିଏତ୍‌ନାମ୍‌ରେ ଡଙ୍ଗାବୁଡ଼ି**

## ୧୫ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ



■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦକ୍ଷିଣ ଭିଏତନାମର ଫୁ କ୍ୱକ ଦ୍ୱୀପ ନିକଟରେ ଏକ ଦ୍ରୁତଗାମୀ ଡଙ୍ଗା (ସ୍ପିଡ୍‌ବୋଟ୍) ବୁଡ଼ି ଯିବା ଫଳରେ ୧୫ ଜଣ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ଏହି ବୋଟ୍‌ରେ ୩୨ ଜଣ ଭାରତୀୟ ପର୍ଯ୍ୟଟକ ଏବଂ ୪ ଜଣ କ୍ରୁ ସଦସ୍ୟ ଥିଲେ। ଏହି ସ୍ପିଡ୍ ବୋଟ୍‌ଟି ହନ୍ ମେ ରୁତ୍ ଦ୍ୱୀପରୁ ଆନ୍ ଥୋଇ ବନ୍ଦର ଆଡ଼କୁ ଯାଉଥିବା ସମୟରେ କୂଳଠାରୁ ପ୍ରାୟ ୪୦୦ ମିଟର ଦୂରରେ ଓଲଟି ପଡ଼ିଥିଲା। ସେହି ସମୟରେ ସମୁଦ୍ର ଅଶାନ୍ତ ଥିବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତୀୟ ଦୂତାବାସ ଏହି ଦୁଃଖଦ ଘଟଣାକୁ ନେଇ ଗଭୀର ଶୋକ ପ୍ରକାଶ କରିବା ସହ ସ୍ଥାନୀୟ ଅଧିକାରୀଙ୍କ ସହ ମିଶି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରଭାବିତ ପରିବାର ଗୁଡ଼ିକୁ ସହାୟତା ଓ ସୂଚନା ପ୍ରଦାନ କରିବା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ହୋ ଚି ମିନ୍ ସିଟି ଏବଂ ହାନୋଇଠାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି। ▶ପୃଷ୍ଠା-୭



## ପରଲୋକରେ ବିଶିଷ୍ଟ କଣ୍ଠଶିଳ୍ପୀ ଏସ୍ ଜାନକୀ

"ମୁଁ ଯେ ଜାଣେନା କାହା ବାଟ"

■ ମହୀଶୂର, ୧୧।୭ (ଏଜେନ୍ସି): ଭାରତୀୟ ସିନେମା ଜଗତର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ଏସ୍ ଜାନକୀ ଆଉ ନାହାନ୍ତି। ୮୮ ବର୍ଷ ବୟସରେ ଆଜି ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଦକ୍ଷିଣ ଭାରତର ନାଇଟିଙ୍ଗଲ ରୂପେ ପରିଚିତ ଜାନକୀ ଗତକିଛି ଦିନ ଧରି ଅସୁସ୍ଥ ଥିଲେ ଏବଂ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଆନ୍ଧ୍ର ପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ଜାନକୀ ୬ ଦଶନ୍ଧି ଧରି ଭାରତୀୟ ସଙ୍ଗୀତ ଦୁନିଆରେ ସକ୍ରିୟ ଥିଲେ। ସେ ଓଡ଼ିଆ ସମେତ ୨୦ଟି ଭାରତୀୟ ଭାଷାରେ ୪୦ ହଜାରରୁ ଅଧିକ ଗୀତ ଗାଇଥିଲେ। ଏଥିରେ ଓଡ଼ିଆ ବ୍ୟତୀତ ହିନ୍ଦୀ, ତାମିଲ, ତେଲୁଗୁ, ମଲାୟଲମ, କନ୍ନଡ, ବଙ୍ଗଳା, ତୁଲୁ, ଉର୍ଦ୍ଦୁ ଏବଂ ପଞ୍ଜାବୀ ଭାଷା ମଧ୍ୟ ସାମିଲ ରହିଛି। ୨୦୧୬ରେ ସଙ୍ଗୀତ ଦୁନିଆକୁ ଅଲବିଦା କହିଥିବା ଜାନକୀ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟନ ପାଇଁ ୪ ଥର ନେସନାଲ ଫିଲ୍ମ ଫେୟାର ଆୱାର୍ଡ ପାଇଥିଲେ। ଏହାସହିତ ଏହି ମହାନ କଳାକାରଙ୍କୁ ୩୩ଟି ରାଜ୍ୟ ଫିଲ୍ମ ପୁରସ୍କାର ସମେତ ଅନେକ ସରକାରୀ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା।

### ଖାମେନେଇଙ୍କ ହତ୍ୟାର ପ୍ରତିଶୋଧ ନେବୁ: ଇରାନ

# ହତ୍ୟା ଉଦ୍ୟମ ହେଲେ କ୍ଷେପଣାସ୍ତ୍ର ବର୍ଷା: ଟ୍ରମ୍ପ

**ଆକ୍ରମଣ ଲାଗି ଏକ ହଜାର ମିସାଇଲ୍ ପ୍ରସ୍ତୁତ**



■ ୱାସିଂଟନ/ତେହରାନ, ୧୧।୭ (ଏଜେନ୍ସି): ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ଏହି ହତ୍ୟାର ନିଶ୍ଚିତ ରୂପେ ପ୍ରତିଶୋଧ ନିଆଯିବ ବୋଲି ଧମକ ଦେଇଛନ୍ତି ଖାମେନେଇଙ୍କ ଉତ୍ତରାଧିକାରୀ ପୁତ୍ର ମୁଜତବା ଖାମେନେଇ। ଏକ ଲିଖିତ ବାର୍ତ୍ତାରେ ସେ କହିଛନ୍ତି ଯେ ବିନା ଦଣ୍ଡରେ ଶତ୍ରୁଙ୍କୁ ଛଡ଼ାଯିବ ନାହିଁ। ମୁଁ ବଞ୍ଚିଥାଏ କିମ୍ବା ନଥାଏ, କିନ୍ତୁ ଖାମେନେଇଙ୍କ ସମେତ ଯେତେ ସହିଦ ହୋଇଛନ୍ତି ସମସ୍ତଙ୍କ ପାଇଁ ପ୍ରତିଶୋଧ ନିଶ୍ଚିତ ନିଆଯିବ। ଏହା ହେଉଛି ଦେଶବାସୀଙ୍କ ସଂକଳ୍ପ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଇରାନ ପରମାଣୁ ପ୍ରକଳ୍ପ ପ୍ରସ୍ତୁତ କରୁଥିବା ନେଇ ଉପଗ୍ରହ ଚିତ୍ରରୁ ଜଣାପଡ଼ିବା ପରେ ମୁଜତବାଙ୍କ ଏହି ଚେତାବନୀ ଅଧିକ ଦୃଢ଼ୀଭୂତ ହୋଇଛି।

ଅନ୍ୟପକ୍ଷରେ ମୁଜତବା ଖାମେନେଇଙ୍କ ଚେତାବନୀ ଉପରେ ପ୍ରତିକ୍ରିୟା ରଖି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସତର୍କ କରାଇ ଦେଇଛନ୍ତି। ସେ କହିଛନ୍ତି, ଯଦି ଇରାନ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରେ, ତେବେ ଆମେରିକା ପକ୍ଷରୁ ଏହାର ଭୟଙ୍କର ଜବାବ ଦିଆଯିବ। ଏଥିପାଇଁ ୧,୦୦୦ କ୍ଷେପଣାସ୍ତ୍ର ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି। ଏହାର ଲକ୍ଷ୍ୟ ଇରାନ ଆଡ଼କୁ ରହିଛି। ଅସ୍ତ୍ରବିରତି ବୁଝାମଣା ଭଙ୍ଗ ଏବଂ ପରସ୍ପର ଉପରେ ଆକ୍ରମଣ ମଧ୍ୟରେ ଟ୍ରମ୍ପଙ୍କ ଏଭଳି ଧମକ ଉତ୍ତେଜନା ସୃଷ୍ଟି କରିଛି।

ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆରେ ଏକ ପୋଷ୍ଟ ମାଧ୍ୟମରେ ଜଣାଇଛନ୍ତି ଯେ, ଯଦି ଇରାନ ଆମେରିକାର ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କୁ ହତ୍ୟା କରିବାକୁ କୌଣସି ପ୍ରୟାସ କରେ, ତେବେ ଆମେରିକା ସେନାକୁ ପୂର୍ବରୁ ହିଁ ଆକ୍ରମଣ ପାଇଁ ସମସ୍ତ ଅନୁମତି ଦିଆସରିଛି। ଏହି ପ୍ରାଥମିକ ପ୍ରତିକ୍ରିୟା ପରେ ଆହୁରି ହଜାର ହଜାର ମିସାଇଲ୍ ଇରାନ ଉପରେ ନିକ୍ଷେପ କରାଯିବ। ଆମେରିକା ସେନାକୁ ଏ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି ଏବଂ ସେମାନେ ଇରାନକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ପ୍ରସ୍ତୁତ ଅଛନ୍ତି, ଯାହା ଆବଶ୍ୟକ ସ୍ଥଳେ ଆଗକୁ ମଧ୍ୟ ବଢ଼ାଯାଇପାରିବ। ଟ୍ରମ୍ପ କହିଛନ୍ତି, ସେ ଦୀର୍ଘ ସମୟ ଧରି ଇରାନର ଟାର୍ଗେଟରେ ଅଛନ୍ତି। ତେବେ ବର୍ତ୍ତମାନ କୌଣସି ନୂତନ ଆକ୍ରମଣର ଆଶଙ୍କା ନାହିଁ କିମ୍ବା ଇସ୍ରାଏଲ୍ ପକ୍ଷରୁ ମଧ୍ୟ ଏପରି କୌଣସି ଗୁପ୍ତ ସୂଚନା ମିଳିନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କଦାପି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାକୁ ସୁଯୋଗ ଦିଆଯିବ ନାହିଁ।

ସୂଚନାଯୋଗ୍ୟ ଯେ, ବର୍ଷ ୨୦୨୦ରେ ଆମେରିକାର ଏକ ଡ୍ରୋନ୍ ଆକ୍ରମଣରେ ଇରାନର ପ୍ରମୁଖ ସାମରିକ କମାଣ୍ଡର କାସେମ୍ ସୋଲେମାନିଙ୍କ ମୃତ୍ୟୁ ହୋଇଥିଲା, ଯାହାର ପ୍ରତିଶୋଧ ନେବାକୁ ଇରାନ ବାରମ୍ବାର ଧମକ ଦେଇଆସୁଛି। ଏହି ସମୟରେ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନ ପୁଣି ଥରେ ଆମେରିକା ସହ ଆଲୋଚନା କରିବାକୁ ଚାହୁଁଛି। ଆମେରିକା ଏଥିପାଇଁ ରାଜି ହୋଇଥିଲେ ମଧ୍ୟ ପୂର୍ବରୁ ଚାଲିଥିବା ଯୁଦ୍ଧବିରତି ବର୍ତ୍ତମାନ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି ବୋଲି ଇରାନକୁ ସ୍ପଷ୍ଟ କରିଦେଇଛି।

### ଧାର୍ଯ୍ୟ ହେଲା ୩୯ଟି ନୂତନ ଔଷଧର ଖୁଚୁରା ମୂଲ୍ୟ

# ହୃଦ୍‌ରୋଗ ଇଞ୍ଜେକ୍‌ସନ୍ ମୂଲ୍ୟ ୬୦ ହଜାର ଟଙ୍କା

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଜାତୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ କର୍ତ୍ତୃପକ୍ଷ (ଏନ୍‌ପିପିଏ) ୩୯ଟି ନୂତନ ଔଷଧ ଫର୍ମୁଲେସନର ଖୁଚୁରା ମୂଲ୍ୟ ସ୍ଥିର କରିଛି। ଏଥିରେ ଉଚ୍ଚ ରକ୍ତଚାପ, ମଧୁମେହ, ଏଚ୍‌ଆଇଭି, ହୃଦରୋଗ ଏବଂ ଚକ୍ଷୁ ସଂକ୍ରମଣ ଭଳି ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଅନ୍ତର୍ଭୁକ୍ତ। ଏହାଛଡା ହୃଦ୍‌ଘାତ ଘଟଣାରେ ଜମାଟ ବାନ୍ଧି ଥିବା ରକ୍ତକୁ ମିଳାଇ ଦେଉଥିବା ଦାବୀ ଟେନକ୍‌ଟେପ୍ଲାଜ୍ (ଟିଏନ୍‌କେ-ଟିପିଏ) ଇଞ୍ଜେକ୍‌ସନ୍ ମୂଲ୍ୟ ପ୍ରତି ଭାଏଲ୍ ୬୦,୨୩୮.୨୭ ଟଙ୍କା ଧାର୍ଯ୍ୟ କରାଯାଇଛି।

ଔଷଧ (ମୂଲ୍ୟ ନିୟନ୍ତ୍ରଣ) ଅର୍ଡର, ୨୦୧୩ ଅନୁଯାୟୀ ଧାର୍ଯ୍ୟ ଏହି ମୂଲ୍ୟ ରୋଗୀମାନଙ୍କୁ ନିର୍ଦ୍ଧାରିତ, ସୁଲଭ ମୂଲ୍ୟରେ ଔଷଧ ପାଇବାକୁ ସକ୍ଷମ କରାଇବ। ତଥାପି, ଏନ୍‌ପିପିଏ ସ୍ପଷ୍ଟ କରିଛି ଯେ ଏହା ଔଷଧ ମୂଲ୍ୟ ହ୍ରାସ କରିବାର ନିଷ୍ପତ୍ତି ନୁହେଁ, ବରଂ ସେମାନଙ୍କର ସର୍ବାଧିକ ଖୁଚୁରା ମୂଲ୍ୟ ସ୍ଥିର କରିବାର ଏକ ପ୍ରକ୍ରିୟା।

ଏନ୍‌ପିପିଏ ଅନୁଯାୟୀ, ଉଚ୍ଚ ରକ୍ତଚାପର ଚିକିତ୍ସା ପାଇଁ ବ୍ୟବହୃତ ଆମ୍ଲୋଡିପିନ୍, ବିସୋପ୍ରୋଲୋଲ୍ ଏବଂ ଟେଲମିସାର୍ଟାନ୍ ଯୁକ୍ତ ଏକ ମିଶ୍ରଣ ଟାବଲେଟର ମୂଲ୍ୟ ପ୍ରତି ଟାବଲେଟ୍ ୧୪.୭୪ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ସମୟରେ, ନେପାଫେନାକ୍ ଏବଂ ମୋକ୍ସିଫ୍ଲୋକ୍ସାସିନ୍ ଡ୍ରପ୍ (ଚକ୍ଷୁ ଅସ୍ତ୍ରୋପଚାର ପରେ ଜୀବାଣୁ ସଂକ୍ରମଣର ଚିକିତ୍ସା ପାଇଁ ବ୍ୟବହୃତ)ର ମୂଲ୍ୟ ପ୍ରତି ମିଲିଲିଟର ୬୮.୬୪ ଟଙ୍କା ସ୍ଥିର କରାଯାଇଥିବାବେଳେ କ୍ଲୋପିଡୋଗ୍ରେଲ୍, ଆସ୍ପିରିନ୍ ଏବଂ ଆଟୋର୍ଭାଷ୍ଟାଟିନ୍ (ଯାହା ହୃଦଘାତ ଏବଂ ଷ୍ଟ୍ରୋକର ବିପଦ ହ୍ରାସ କରେ) ଥିବା କ୍ୟାପସୁଲ୍ର ମୂଲ୍ୟ ପ୍ରତି କ୍ୟାପସୁଲ୍ ୬.୩୭ ଟଙ୍କା ଧାର୍ଯ୍ୟ ହୋଇଛି। ଏନ୍‌ପିପିଏ ସମସ୍ତ ଔଷଧର ଖୁଚୁରା ବ୍ୟବସାୟୀ ଏବଂ ଡିଲରମାନଙ୍କୁ କମ୍ପାନୀଙ୍କଠାରୁ ପ୍ରାପ୍ତ ମୂଲ୍ୟ ତାଲିକା ସ୍ପଷ୍ଟ ଭାବରେ ପ୍ରଦର୍ଶନ ▶ପୃଷ୍ଠା-୭

# ଚାକିରି ଛାଡୁଛନ୍ତି ଆଇପିଏସ୍

### ଭୁବନେଶ୍ୱର ଡିସିପି ମୀନାଙ୍କ ପରେ ପ୍ରୋବେସନର ରାମଦାସଙ୍କ ଇସ୍ତଫା



**ଓଡ଼ିଶା ନ ଆସି ହାଇଦ୍ରାବଦରେ ପ୍ରଶିକ୍ଷଣ ବେଳେ ଦେଲେ ଇସ୍ତଫା**

■ ଭୁବନେଶ୍ୱର, ୧୧।୭ (ସମିସ): ରାଜ୍ୟରେ ଆଇପିଏସ୍‌ଙ୍କ ମରୁଡି ପଡ଼ିଥିଲା ବେଳେ ଜଣଙ୍କ ପରେ ଜଣେ ଆଇପିଏସ୍ ଚାକିରି ଛାଡୁଛନ୍ତି। ପ୍ରଥମେ ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାକୁ ନେଇ ନାନା ଚର୍ଚ୍ଚା ହେଉଥିବା ବେଳେ ଏବେ ଓଡ଼ିଶା କ୍ୟାଡର୍‌ର ଆଉ ଜଣେ ଆଇପିଏସ୍ ଅଫିସର୍ ଇସ୍ତଫା ଦେଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶା କ୍ୟାଡର୍‌ର ଏହି ଆଇପିଏସ୍ ଜଣଙ୍କ ଓଡ଼ିଶାରେ ଅବସ୍ଥାପିତ ହେବା ପୂର୍ବରୁ ହିଁ ଚାକିରି କରିବେନି ବୋଲି ମନା କରିଦେଇଛନ୍ତି। ଟ୍ରେନିଂ ବେଳଠାରୁ ହିଁ ସେ ପୁଲିସ ଚାକିରିରୁ ଅବ୍ୟାହତି ନେବାକୁ ବସିଛନ୍ତି। ପ୍ରୋବେସନରେ ଥିବା ଏହି ଆଇପିଏସ୍ ଅଧିକାରୀ ଜଣଙ୍କ ହେଲେ ସି.ଏ ରାମଦାସ। ୨୦୨୫ ବ୍ୟାଚ୍‌ର ଏହି ଆଇପିଏସ୍‌ଙ୍କ ବୟସ ୩୩ ହୋଇଥିଲା ବେଳେ ସେ ହାଇଦରାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ନ୍ୟାସନାଲ ପୁଲିସ ଏକାଡେମୀରେ ପ୍ରୋବେସନର ଭାବେ ଟ୍ରେନିଂ ନେଉଛନ୍ତି। ମହାରାଷ୍ଟ୍ରର ଏହି ଆଇପିଏସ୍‌ଙ୍କୁ ମାତ୍ର କିଛିଦିନ ତଳେ ଓଡ଼ିଶା କ୍ୟାଡର ଆବଣ୍ଟନ କରାଯାଇଥିଲା। ସେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରିଥିଲା ବେଳେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପୁଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି ଆମେ ତାଙ୍କର ଇସ୍ତଫା ପତ୍ର ପାଇଛୁ। ପ୍ରଶିକ୍ଷଣରେ ଥିବାରୁ ଏପର୍ଯ୍ୟନ୍ତ ସେ ଓଡ଼ିଶାରେ କାର୍ଯ୍ୟ କରି ନାହାନ୍ତି। ତେବେ କ'ଣ ପାଇଁ ସେ ଇସ୍ତଫା ଦେଇଛନ୍ତି ତାହା ସ୍ପଷ୍ଟ ଭାବେ ଜଣା ନାହିଁ। ▶ପୃଷ୍ଠା-୭


### ପଢ଼ାବହିରେ ମାଳମାଳ ତ୍ରୁଟି

## କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୧।୭ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଘଟଣାର ଅପରାଧିକ ତଦନ୍ତ (କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ୍) ହେବ। ଏନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଘଟଣା ସମ୍ପର୍କରେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ନିକଟରେ ଏଫ୍‌ଆଇଆର୍ ଦେବାକୁ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଇଆର୍‌ଟି) ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଘଟଣାକୁ ଷଡ଼ଯନ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ କହିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଏହାର ମୂଳକୁ ପହଞ୍ଚିବ ବୋଲି ଆଶା କରାଯାଉଛି। ପଢ଼ା ବହିରେ ତ୍ରୁଟି ଘଟଣା ଓଡ଼ିଶା ସମେତ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିବା ସହ ଓଡ଼ିଶା ନିନ୍ଦିତ ହୋଇଥିଲା। ଏହି ଘଟଣା କ୍ଷିପ୍ର ବେଗରେ ଅସନ୍ତୋଷ ସୃଷ୍ଟି କରୁଥିବାବେଳେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ମୁଖ୍ୟମନ୍ତ୍ରୀ ଏକ ତଦନ୍ତ କମିଟି ଗଠନ କରିଥିଲେ। ଏହି କମିଟିର ରିପୋର୍ଟ ଆଧାରରେ ସରକାର ପୂର୍ବତନ ଏସ୍‌ସିଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ୩ଜଣ ସହକାରୀ ନିର୍ଦ୍ଦେଶକଙ୍କୁ ନିଲମ୍ବିତ ଏବଂ ୬ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

**ଅଗଷ୍ଟରେ ବିରତି ନେବ ମୌସୁମୀ**

# ଶୁଖିଲା ପଡ଼ିବ ଅଧା ଭାରତ



**ଅନେକ ରାଜ୍ୟକୁ ଫେରିବ ଶୁଖିଲା, ଗୁଳୁଗୁଳି ପାଗ**

■ ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଦେଶର ଅନେକ ସ୍ଥାନରେ ପ୍ରବଳ ବର୍ଷା ପରେ ବର୍ତ୍ତମାନ ମୌସୁମୀର ଗତିପଥରେ ପରିବର୍ତ୍ତନ ଦେଖାଦେଇଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଏକ ବଡ଼ ଭାଗରେ ବର୍ତ୍ତମାନ ବର୍ଷାର ପରିମାଣ କମିଯିବ ଏବଂ ପୁଣି ଥରେ ଖରା ସହ ପ୍ରବଳ ଗୁଳୁଗୁଳି ପାଗ ଫେରିବ। ବିଗତ ୯ ଦିନ ଧରି ଲଗାତାର ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ପରେ ଏହି ବିରତି ଆସିବାକୁ ଯାଉଛି। ମୌସୁମୀର ମୁଖ୍ୟ ପ୍ରବାହ ବଳୟ ବର୍ତ୍ତମାନ ହିମାଳୟର ପାଦଦେଶ ଆଡ଼କୁ ଗତି କରୁଛି। ଏହାଫଳରେ ପଶ୍ଚିମ ଦିଗରୁ ଶୁଖିଲା ପବନ ଦେଶ ମଧ୍ୟକୁ ପ୍ରବେଶ କରିବ ଏବଂ ଆଗାମୀ ୫ ରୁ ୭ ଦିନ ପର୍ଯ୍ୟନ୍ତ ବର୍ଷାର ପରିମାଣ ହ୍ରାସ ପାଇବ। ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ପ୍ରମୁଖ ରାଜ୍ୟଗୁଡ଼ିକ ହେଲା- ଦିଲ୍ଲୀ, ହରିୟାଣା ଏବଂ ପଞ୍ଜାବ, ରାଜସ୍ଥାନ ଓ ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ, ଛତିଶଗଡ଼ ଓ ତେଲଙ୍ଗାନା। ଏହି ସବୁ ଅଞ୍ଚଳରେ ଶୁଖିଲା ପାଗ ସହିତ ବାୟୁମଣ୍ଡଳରେ ଆଦ୍ରତା ଅଧିକ ରହିବା ହେତୁ ତାପମାତ୍ରା ୪୫ ରୁ ୫୦ ଡିଗ୍ରୀ ସେଲସିୟସ ଭଳି ଅନୁଭୂତ ହୋଇପାରେ, ଯାହା ଅତ୍ୟନ୍ତ କଷ୍ଟଦାୟକ ହେବ। ମୌସୁମୀର ଗତିପଥ ବଦଳିବା ଯୋଗୁଁ ପାହାଡ଼ିଆ ଏବଂ ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ବର୍ଷା ଜାରି ରହିବ। ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ସିକିମ୍ ଏବଂ ଉତ୍ତର-ପୂର୍ବ ଭାରତର ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ଆକଳନ କରିଥିଲା। ଜୁଲାଇ ମଧ୍ୟଭାଗରେ ଏଭଳି ଶୁଖିଲା ପାଗ ଯୋଗୁଁ ବିଶେଷ କରି ଧାନ ଭଳି ଖରିଫ ଫସଲ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ। ଯେଉଁ ଚାଷୀମାନଙ୍କ ପାଖରେ ଜଳସେଚନର ସୁବିଧା ନାହିଁ, ସେମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ଜୁଲାଇ ଶେଷ ଆଡ଼କୁ ପୁଣି ଥରେ ବର୍ଷାର ପରବର୍ତ୍ତୀ ପର୍ଯ୍ୟାୟ ସକ୍ରିୟ ହେବାର ସମ୍ଭାବନା ରହିଛି।

## ଗାଁ ମୁଣ୍ଡରେ ଭାଇକୁ ହତ୍ୟା କଲା ଭାଇ

■ ଜଟଣୀ, ୧୧।୭ (ସମିସ): ମଦ ବାରରେ ବଚସା, ରାତି ଅଧରେ ଗାଁ ମୁଣ୍ଡରେ ଭାଇକୁ ହତ୍ୟା କଲା ଭାଇ। ଗତକାଲି ବିଳମ୍ବିତ ରାତିରେ ଜଟଣୀ ଆଇଆଇଟି ରୋଡ଼ ଖୁଦୁପୁର ଠାରେ ଘଟିଛି ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ। ହତ୍ୟାର ଶିକାର ହୋଇଛନ୍ତି ସ୍ଥାନୀୟ ଖୁଦୁପୁର ଗାଁର ମାର୍କଣ୍ଡ ବଳିୟାରସିଂ ଓରଫ ଜଗା ଏବଂ ହତ୍ୟାକାରୀ ହେଉଛନ୍ତି ତାଙ୍କ ବଡବାପାଙ୍କ ପୁଅ ମହେଶ୍ୱର ହରିଚନ୍ଦନ।

ପୁଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ମାର୍କଣ୍ଡ ଓ ତାଙ୍କ ବଡ଼ ବାପାଙ୍କ ପୁଅ ଟୁକୁ ଉଭୟ ସ୍ଥାନୀୟ ଦୁଖିଆ ବାରରେ ମଦ ପିଇବାକୁ ଯାଇଥିଲେ। ଅଭିଯୁକ୍ତ ମହେଶ୍ୱର ହରିଚନ୍ଦନ ଓରଫ ମହିଆ ମଧ୍ୟ ସେଠାରେ ପହଞ୍ଚିଥିଲେ। ମହିଆକୁ ଦେଖି ଜଗା ତାଙ୍କୁ ପାଖକୁ ଡାକିଥିଲେ ଓ ନୂଆ ଅଟୋ କିଣିବା ଖୁସିରେ ମଦ ପିଆଇବାକୁ କହିଥିଲେ। କିନ୍ତୁ ପାଖରେ ପର୍ଯ୍ୟାପ୍ତ ଟଙ୍କା ନଥିବାରୁ ସେ ମନା କରିବାରୁ ଜଗା ସମସ୍ତଙ୍କ ସାମ୍ନାରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ▶ପୃଷ୍ଠା-୭

### ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାକୁ ବର୍ଷେ ପୂରିଲା

# କୋର୍ଟରେ ଆରମ୍ଭ ହୋଇନି ଶୁଣାଣି

■ ଭୁବନେଶ୍ୱର/ବାଲେଶ୍ୱର, ୧୧।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାକୁ ବର୍ଷେ ପୂରିଛି। ଅଧ୍ୟାପକ ନିର୍ଯ୍ୟାତନା ଦେଉଥିବା ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି କର୍ଣ୍ଣପାତ ନ କରିବାର କରୁଣ ପରିଣତି ସାରା ଦେଶ ଦେଖିଛି। ଏହାପରେ ଶିକ୍ଷାନୁଷ୍ଠାରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ନେଇ ସେତେବେଳେ ହଟଚମଟ ସୃଷ୍ଟି ହୋଇଥିବାବେଳେ ସରକାର ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମାତ୍ର ଏବେ ମଧ୍ୟ ସୌମ୍ୟାଶ୍ରୀଙ୍କ ପରି ବହୁ ନିର୍ଯ୍ୟାତିତ ଛାତ୍ରୀ ନ୍ୟାୟ ଅପେକ୍ଷାରେ ରହିବା ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।



ସଦ୍ୟତମ ସୂଚନା ଅନୁଯାୟୀ, ସୌମ୍ୟାଶ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିବା ଅଧ୍ୟାପକ ସମୀର ନାୟକ ଏବେ ଜେଲ୍‌ରେ ଥିବାବେଳେ ଆତ୍ମଦାହ ପାଇଁ ଉସୁକାଇଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଦୁଇ ସଦସ୍ୟ ଓ ଅଭିଯୋଗ

**ତଦନ୍ତ ସାରି ଚାର୍ଜସିଟ୍ ଦାଖଲ ସରିଛି: କ୍ରାଇମ୍‌ବ୍ରାଞ୍ଚ ଡିଜି**

**ଏବେବି ନ୍ୟାୟ ଅପେକ୍ଷାରେ ଅନେକ ନିର୍ଯ୍ୟାତିତ ଛାତ୍ରୀ**

ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଇ ନଥିବା କଲେଜ ଅଧକ୍ଷଙ୍କୁ ବେଲ୍ ମିଳି ସାରିଛି। ଏହି ଘଟଣାର ତଦନ୍ତ ଭାର ସରକାର କ୍ରାଇମ୍‌ବ୍ରାଞ୍ଚକୁ ପ୍ରଦାନ କରିଥିବାବେଳେ ଇତି ମଧ୍ୟରେ ତଦନ୍ତ ମଧ୍ୟ ସରିଛି। ଘଟଣାର ତଦନ୍ତ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ ସାରି ଚାର୍ଜସିଟ୍ ଦାଖଲ ହୋଇଛି। କୋର୍ଟରେ ଏହାର ଶୁଣାଣୀ ଆରମ୍ଭ ହେବ।

ବାଲେଶ୍ୱରରେ ଛାତ୍ରୀଙ୍କ ଆତ୍ମଦାହ ଘଟଣା ପରେ ଉଚ୍ଚଶିକ୍ଷା ବିଭାଗ ଚାପି ରଖିଥିବା ୧୪ଟି ଛାତ୍ରୀ ନିର୍ଯ୍ୟାତନା ମାମଲାରେ ସରକାର ତ୍ୱରିତ ପଦକ୍ଷେପ ନେଇଥିଲେ। ମାତ୍ର ଲୋକଙ୍କ ମନରୁ ଏହି ମାମଲା ଅପସରି ଗଲା ପରେ ସ୍ଥିତି ପୂର୍ବପରି ରହିଛି। ରାଜ୍ୟର ବହୁ ଶିକ୍ଷାନୁଷ୍ଠାନରେ ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀମାନେ ▶ପୃଷ୍ଠା-୭

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ଦୁଇ ଶ୍ରମିକଙ୍କ ମୃତ୍ୟୁ





■ ଭୁବନେଶ୍ୱର ୧୧।୭ (ସମିସ): ରାଜଧାନୀର ବିଜେବି ନଗର ଅଞ୍ଚଳରେ ଅଘଟଣ ଘଟିଛି। ପାଇଖାନା ଟାଙ୍କି ସଟରିଂ ଖୋଲୁଥିବା ବେଳେ ଅଣନିଃଶ୍ୱାସୀ ହୋଇ ଦୁଇ ଜଣ ଶ୍ରମିକ ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଥାନା ଚରଡ଼ାର ଧୁମା ଟୁଡୁ (୪୦) ଓ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଜିଲ୍ଲା ଚିରଞ୍ଜିବିପୁରର ପ୍ରବୀର ଦାସ (୫୬)। ବଡ଼ଗଡ଼ ଥାନା ପୁଲିସ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଧୁମାଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ହେଲେ ପ୍ରବୀରଙ୍କ ମୃତଦେହ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଆସନ୍ତାକାଲି ପରିବାର ଲୋକେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ କହିଛି। ▶ପୃଷ୍ଠା-୭

# ମା'ଙ୍କ ପୂର୍ବରୁ ବାପାଙ୍କୁ ବି ହତ୍ୟା କରିଥିଲା ଝିଅ!


ଜୟପୁର, ୧୧।୭(ଏଜେନ୍ସି): ଜୟପୁରର ଚାଞ୍ଚଲ୍ୟକର ମାଆ ହତ୍ୟା ମାମଲାରେ ବର୍ତ୍ତମାନ ଏକ ନୂଆ ମୋଡ଼ ଆସିଛି। ଗିରଫ ହୋଇଥିବା ଆଇନ ଛାତ୍ରୀ ଆୟୁଷୀ କେବଳ ନିଜ ମାଆ ନୁହେଁ, ବରଂ ଗତବର୍ଷ ନିଜ ବାପାଙ୍କୁ ମଧ୍ୟ ହତ୍ୟା କରିଥିବା ନେଇ ତାଙ୍କ ମାମୁଁ ରାକେଶ ଶର୍ମା ଅଭିଯୋଗ କରିଛନ୍ତି। ସମ୍ପତ୍ତି ଏବଂ ମାଆଙ୍କ ସରକାରୀ ଚାକିରି ପାଇବା ଆଶାରେ ଆୟୁଷୀ ଏହି ସବୁ କାଣ୍ଡ ଘଟାଇଥିବା ପୁଲିସ ସନ୍ଦେହ କରୁଛି। ଗତ ଜୁଲାଇ ୩ ତାରିଖରେ ଆୟୁଷୀଙ୍କ ମାଆ ନୀରଜ ଶର୍ମାଙ୍କୁ ଏକ ଏସୟୁଭି ଗାଡ଼ି ମାଡ଼ କରି ହତ୍ୟା କରାଯାଇଥିଲା। ଏହି ଘଟଣାକୁ ଏକ ସଡ଼କ ଦୁର୍ଘଟଣାର ରୂପ ଦେବା ପାଇଁ ଆୟୁଷୀ ନିଜ ପିଉସୀ ପୁଅ ଭାଇ ବଳରାମ ସହ ମିଶି ୭ ଲକ୍ଷ ଟଙ୍କାରେ ସୁପାରି କିଲର ନିଯୁକ୍ତ କରିଥିଲେ। ପୁଲିସ ଏହି ମାମଲାରେ ୫ ଜଣ ସୁପାରି କିଲର ଓ ଆୟୁଷୀଙ୍କୁ ଗିରଫ କରି ସାରିଛି। ବର୍ତ୍ତମାନ ଆୟୁଷୀଙ୍କ ମାମୁଁ ଅଭିଯୋଗ ଆଣିଛନ୍ତି ଯେ, ଗତବର୍ଷ ବାପା ବିଜୟ ଶର୍ମା ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହେବା ପରେ ଆୟୁଷୀ ଓ ବଳରାମ ପରିବାରକୁ ଅନ୍ଧାରରେ ରଖି ତାଙ୍କୁ ଏକ ଅଜ୍ଞାତ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ଏବଂ ପରେ ତାଙ୍କର ଖାଦ୍ୟ ନଳୀ (ଫିଡିଂ ଟ୍ୟୁବ୍) କାଢ଼ି ଦେଇ ତାଙ୍କୁ ହତ୍ୟା କରିଥିଲେ। ପୁଲିସ ସୂଚନା ଅନୁସାରେ, ଆୟୁଷୀଙ୍କ ସହ ତାଙ୍କ ପିଉସା ମୋହନ ଓ ଭାଇ ବଳରାମ ମଧ୍ୟ ଏହି ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ। ଏହି ତିନିଜଣ ପରିବାରର ସମସ୍ତ ସମ୍ପତ୍ତିକୁ ନିଜ ମଧ୍ୟରେ ବାଣ୍ଟିବାକୁ ଯୋଜନା କରିଥିଲେ। ଆୟୁଷୀ ଏବଂ ବଳରାମଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ମଧ୍ୟ ଜଣାପଡ଼ିଛି। ବର୍ତ୍ତମାନ ପୁଲିସ ଫେରାର୍ ଥିବା ବଳରାମକୁ ଖୋଜୁଥିବା ବେଳେ ବାପାଙ୍କ ହତ୍ୟା ଅଭିଯୋଗକୁ ନେଇ ଆୟୁଷୀଙ୍କୁ ଅଧିକ ପଚରାଉଚରା ଜାରି ରଖିଛି।



# ସ୍ୱିଜରଲ୍ୟାଣ୍ଡ ବୁଲିବାକୁ ଯାଇ ହାଇଦରାବାଦର ଦମ୍ପତି ନିଖୋଜ

ହାଇଦରାବାଦ୍, ୧୧।୭(ଏଜେନ୍ସି): ସ୍ୱିଜରଲ୍ୟାଣ୍ଡକୁ ଛୁଟି କାଟିବାକୁ ଯାଇଥିବା ହାଇଦରାବାଦର ଜଣେ ଦମ୍ପତି ନିଖୋଜ ହୋଇଯାଇଛନ୍ତି। ଗତ ୨୦ ଦିନରୁ ଅଧିକ ସମୟ ହେବ ସେମାନଙ୍କର ପରିବାର ସହ କୌଣସି ଯୋଗାଯୋଗ ହୋଇପାରି ନାହିଁ। ଦମ୍ପତିଙ୍କର ଦୁଇଟି ଯାକ ମୋବାଇଲ୍ ଫୋନ୍ ବନ୍ଦ ରହିଥିବାରୁ ପୋଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ନିଖୋଜ ଦମ୍ପତି ହାଇଦରାବାଦ ଚେର୍ଲାପଲ୍ଲୀ ଅଞ୍ଚଳର ପଦ୍ମା ଚନ୍ଦ୍ରଶେଖର ଓ ତାଙ୍କ ପତ୍ନୀ ପଦ୍ମା ସ୍ୱପ୍ନା ବୋଲି ଚିହ୍ନଟ ହୋଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଏହି ଦମ୍ପତି ସ୍ୱିଜରଲ୍ୟାଣ୍ଡ ବୁଲିବାକୁ ଯାଇଥିଲେ ଏବଂ ଯାତ୍ରାର ପ୍ରାରମ୍ଭିକ ଦିନଗୁଡ଼ିକରେ ସେମାନେ ପରିବାର ସହ ନିୟମିତ ଯୋଗାଯୋଗରେ ଥିଲେ। କିନ୍ତୁ ଏହାପରେ ହଠାତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ୩ ସପ୍ତାହରୁ ଅଧିକ ସମୟ ଚେଷ୍ଟା କରିବା ପରେ ମଧ୍ୟ ବାପାମାଆଙ୍କ ସହ କୌଣସି ସମ୍ପର୍କ ହୋଇନପାରିବାରୁ ଶେଷରେ ସେମାନଙ୍କ ଝିଅ ପଦ୍ମା ଶ୍ରେୟା ଜୁଲାଇ ୯ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ଝିଅଙ୍କ ଅଭିଯୋଗ ଆଧାରରେ ଚେର୍ଲାପଲ୍ଲୀ ପୋଲିସ ମାମଲା ରୁଜୁ କରି ଦମ୍ପତିଙ୍କ ସନ୍ଧାନ ଆରମ୍ଭ କରିଛି। ବର୍ତ୍ତମାନ ସେମାନେ ସ୍ୱିଜରଲ୍ୟାଣ୍ଡରେ ଅଛନ୍ତି କି ନାହିଁ, ତାହା ଜାଣିବା ପାଇଁ ପୋଲିସ ସେମାନଙ୍କ ଯାତ୍ରା ବିବରଣୀ, ବିମାନ ଟିକେଟ ଓ ଇମିଗ୍ରେସନ ରେକର୍ଡ ଯାଞ୍ଚ କରୁଛି।




**୫୦ କୋଟି ଠକିଥିବା ଅଭିଯୋଗ**

ଅନ୍ୟପକ୍ଷରେ ସେମାନଙ୍କ ବିରୋଧରେ ୫୦ କୋଟି ଟଙ୍କାର ଠକେଇ ଅଭିଯୋଗ ମଧ୍ୟ ହୋଇଛି। ଅଧିକ ଲାଭର ଆଶା ।।ଦେଖାଇ ସେମାନେ ୬୦ ଜଣଙ୍କ ଠାରୁ ୫୦ କୋଟି ଟଙ୍କା ନେଇଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ବ୍ୟବସାୟୀ ଦଂପତି ଚିଟ୍‌ଫଣ୍ଡ ବ୍ୟବସାୟ ଚଳାଇଥିଲେ। ସେମାନେ ଜାଣିଶୁଣି ନିଖୋଜ ହୋଇଯାଇ ନାହାନ୍ତି ତ? ଏହି ଦିଗକୁ ନେଇ ମଧ୍ୟ ପୁଲିସ ଯାଞ୍ଚ ଚଳାଇଛି।

### ରାମ ମନ୍ଦିର ଚାନ୍ଦା ଚୋରି

# ମହିଳା ସିଇଓ ନିଯୁକ୍ତ ହୋଇପାରନ୍ତି

ଅଯୋଧ୍ୟା, ୧୧।୭(ଏଜେନ୍ସି): ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପଦବୀ ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ଟ୍ରଷ୍ଟ କେତେକ ନିର୍ଦ୍ଦିଷ୍ଟ ଯୋଗ୍ୟତା ଓ ସର୍ତ୍ତାବଳୀ ସ୍ଥିର କରିଛି। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ଜୁଲାଇ ୧୮, ୨୦୨୬ ସୁଦ୍ଧା ଆବେଦନ କରିପାରିବେ। ଆବେଦନକାରୀ ଜଣେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ (ଆଇଏଏସ୍) କିମ୍ବା ସମକକ୍ଷ ସରକାରୀ ପଦବୀରେ କାର୍ଯ୍ୟ କରିଥିବା ଆବଶ୍ୟକ। ପ୍ରାର୍ଥୀ ସନାତନ ଧର୍ମ ପ୍ରତି ଗଭୀର ବିଶ୍ୱାସ ଓ ନିଷ୍ଠା ରଖିଥିବା ଜରୁରୀ। ପ୍ରାର୍ଥୀଙ୍କ ବୟସ ୬୦ରୁ ୬୫ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ମନ୍ଦିର ପ୍ରଶାସନ, ଭକ୍ତଙ୍କ ସୁବିଧା ସୁଯୋଗର



ପରିଚାଳନା ଏବଂ ଟ୍ରଷ୍ଟର ଆଗାମୀ ବୃହତ ପ୍ରକଳ୍ପଗୁଡ଼ିକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଏହି ନିଯୁକ୍ତି କରାଯାଉଛି। ପ୍ରାପ୍ତ ଆବେଦନଗୁଡ଼ିକର ଯାଞ୍ଚ ପରେ ଟ୍ରଷ୍ଟର ବରିଷ୍ଠ କମିଟି ଦ୍ୱାରା ଚୂଡ଼ାନ୍ତ ପ୍ରାର୍ଥୀ ଚୟନ କରାଯିବ। ରାମ ମନ୍ଦିରକୁ ମିଳୁଥିବା ଦାନ ଏବଂ ଚାନ୍ଦା ଆଦାୟରେ ବଡ଼ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ କରି କଂଗ୍ରେସ ଶନିବାର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ନ୍ୟାୟିକ ତଦନ୍ତ ପାଇଁ ଦାବି କରିଛି। କଂଗ୍ରେସ ମୁଖପାତ୍ର ଅଜୟ ଉପାଧ୍ୟାୟ ଏହାକୁ 'ଆସ୍ଥା ନାମରେ ଲୁଟ୍' ବୋଲି ଅଭିହିତ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା କହିଛନ୍ତି ଯେ ଏହା କେବଳ ଏକ ଆର୍ଥିକ ଦୁର୍ନୀତି ନୁହେଁ, ବରଂ କୋଟି କୋଟି ଭକ୍ତଙ୍କ ବିଶ୍ୱାସ ସହ ବିଶ୍ୱାସଘାତକତା। ନକଲି ରସିଦ ଏବଂ ନଗଦ ଦାନ ହେରଫେରର ଅଭିଯୋଗ ଆସିବା ପରେ ମଧ୍ୟ କେବଳ ତଳସ୍ତରର କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, କିନ୍ତୁ ଶୀର୍ଷ ଅଧିକାରୀଙ୍କୁ ଛଡ଼ାଯାଇଛି ବୋଲି ସେ କହିଛନ୍ତି।

# ବିଧାୟକଙ୍କୁ ୨୦ କୋଟି ଯଚାଯାଇଛି: ଓମାର

ଶ୍ରୀନଗର, ୧୧।୭(ଏଜେନ୍ସି): ଜମ୍ମୁ ଓ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଜେପି ବିରୋଧରେ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଜାମ୍ମୁର ଜଣେ ନ୍ୟାସନାଲ କନଫରେନ୍ସ ବିଧାୟକଙ୍କୁ ଦଳ ବଦଳ କରି ବିଜେପିରେ ସାମିଲ ହେବା ପାଇଁ ୨୦ ରୁ ୩୦ କୋଟି ଟଙ୍କା, ମନ୍ତ୍ରୀ ପଦ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରସ୍ତ କରିବାର ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ସେ ଦାବି କରିଛନ୍ତି। ବିଜେପି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛି। ଶ୍ରୀନଗରରେ ଏକ ଜନସଭାକୁ ସମ୍ବୋଧିତ କରି ଓମାର



ଅବଦୁଲ୍ଲା କହିଛନ୍ତି ଯେ ବିଜେପି ସହ ଜଡ଼ିତ ସୁପ୍ରିମକୋର୍ଟର ଜଣେ ଓକିଲ ଏହି ବିଧାୟକଙ୍କ ସହ ଏକ ବନ୍ଦ କୋଠରୀରେ ବୈଠକ କରି ଏହି ଅଫର ଦେଇଥିଲେ, ଯାହା ବିଷୟରେ ବିଧାୟକ ଜଣକ ତାଙ୍କୁ ବ୍ୟକ୍ତିଗତ ଭାବେ ଜଣାଇଛନ୍ତି। ନିର୍ବାଚିତ ସରକାରକୁ ଦୁର୍ବଳ କରିବା ପାଇଁ ଏଭଳି ପ୍ରୟାସ କରାଯାଉଛି, କିନ୍ତୁ ଦଳର କୌଣସି ବିଧାୟକ ବିକ୍ରି ହେବେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିସହ ଓମାର ଅବଦୁଲ୍ଲା ଜାମ୍ମୁ ଓ କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ପାହ୍ୟା ଫେରାଇବାରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାରଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚିତ ସରକାର କାର୍ଯ୍ୟଭାର ଗ୍ରହଣ କରିବାର ପ୍ରାୟ ୧୮ ମାସ ପରେ ମଧ୍ୟ କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ପୂରଣ କରିନାହାନ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ପାହ୍ୟା ଫେରସ୍ତ ପାଇବା ଜାମ୍ମୁ କାଶ୍ମୀରବାସୀଙ୍କ ଗଣତାନ୍ତ୍ରିକ ଅଧିକାର ଏବଂ କେନ୍ଦ୍ର ସରକାର ବିନା କୌଣସି ବିଳମ୍ବରେ ଏହି ପ୍ରତିଶ୍ରୁତି ପୂରଣ କରିବା ଉଚିତ।

# ଟିକଟ କଟିବାରୁ ବିଜେପି ନେତା ସମର୍ଥକଙ୍କ ଉଗ୍ର ବିକ୍ଷୋଭ

ଭୋପାଳ, ୧୧।୭(ଏଜେନ୍ସି): ମଧ୍ୟପ୍ରଦେଶ ଦାତିଆ ବିଧାନସଭା ଉପନିର୍ବାଚନ ପାଇଁ ବିଜେପି ନିଜର ବରିଷ୍ଠ ନେତା ତଥା ପୂର୍ବତନ ଗୃହମନ୍ତ୍ରୀ ଡକ୍ଟର ନରୋତ୍ତମ ମିଶ୍ରଙ୍କ ଟିକେଟ୍ କାଟି ସମସ୍ତଙ୍କୁ ଚକିତ କରିଦେଇଛି। ଦଳ ଶେଷ ମୁହୂର୍ତ୍ତରେ



ସଂଗଠନର ପୁରୁଣା ଚେହେରା ଆଶୁତୋଷ ତିୱାରୀଙ୍କୁ ନିଜର ପ୍ରାର୍ଥୀ ଘୋଷଣା କରିଛି। ଏହି ନିଷ୍ପତ୍ତି ପରେ ଦାତିଆ ବିଜେପି ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନରୋତ୍ତମ ମିଶ୍ରଙ୍କ ସମର୍ଥକମାନେ ରାଜପଥକୁ ଓହ୍ଲାଇ ଜୋରଦାର ବିରୋଧ ପ୍ରଦର୍ଶନ କରିଛନ୍ତି। ଅନେକ ମହିଳା ସମର୍ଥକ ରାସ୍ତାରେ ଶୋଇ ରହି ପ୍ରତିବାଦ କରିଥିବା ବେଳେ ଗ୍ୱାଲିୟର-ଝାନ୍ସୀ ଜାତୀୟ ରାଜପଥକୁ ୧୨ ଘଣ୍ଟା ଧରି ଅବରୋଧ କରାଯାଇଛି। କେତେକ ସ୍ଥାନରେ ପଥରମାଡ଼ ଓ ଗଣ୍ଡଗୋଳ ହେବା ଯୋଗୁଁ ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିଛି। ଅନେକ ଦଳୀୟ ପଦାଧିକାରୀ ମଧ୍ୟ ନିଜ ପଦବୀରୁ ଇସ୍ତଫା ଦେବାକୁ ଘୋଷଣା କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ଅନୁସାରେ, ନରୋତ୍ତମ ମିଶ୍ର ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ କଂଗ୍ରେସର ହଜାର ହଜାର ନେତାଙ୍କୁ ବିଜେପିରେ ସାମିଲ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ଆସନଟି କଂଗ୍ରେସ ବିଧାୟକ ରାଜେନ୍ଦ୍ର ଭାରତୀଙ୍କ ସଦସ୍ୟତା ରଦ୍ଦ ହେବା ପରେ ଖାଲି ପଡ଼ିଥିଲା। ଆସନ୍ତା ଜୁଲାଇ ୩୦ ତାରିଖରେ ଏଠାରେ ଭୋଟ୍ ଗ୍ରହଣ ହେବ ଏବଂ ଅଗଷ୍ଟ ୩ ତାରିଖରେ ଭୋଟ୍ ଗଣତି କରାଯିବ।



# ଟ୍ରମ୍ପଙ୍କ ଚିନ୍ତା ବଢ଼ାଇଲା ଇରାନ

## ଇରାନ ପୁଣି ନିର୍ମାଣ କରୁଛି ପରମାଣୁ ପ୍ରକଳ୍ପ

ତେହରାନ, ୧୧।୭(ଏଜେନ୍ସି): ଆମେରିକା ବିମାନ ଆକ୍ରମଣରେ ଧ୍ୱଂସ ହୋଇଯାଇଥିବା ନିଜର ଏକ ପ୍ରମୁଖ ଭୂତଳ ପରମାଣୁ ପ୍ରକଳ୍ପକୁ ଇରାନ ପୁଣି ଥରେ ନିର୍ମାଣ କରୁଥିବା ନୂତନ ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି। ଗଣମାଧ୍ୟମ ଓ ପ୍ରତିରକ୍ଷା ସଂସ୍ଥାଗୁଡ଼ିକ ଦ୍ୱାରା ଜାରି ଏହି ଚିତ୍ରଗୁଡ଼ିକ ପାର୍ଚିନ ସାମରିକ କମ୍ପ୍ଲେକ୍ସ ଭିତରେ ଥିବା 'ତାଲେଘାନ-୨' ଗୁପ୍ତ ଭୂତଳ କେନ୍ଦ୍ରର ବୋଲି ଜଣାପଡ଼ିଛି। ଜୁନ୍ ଏବଂ ଜୁଲାଇ ୨୦୨୬ ମଧ୍ୟରେ ନିଆଯାଇଥିବା ଚିତ୍ରରୁ ସ୍ପଷ୍ଟ ହେଉଛି ଯେ, ଇରାନ ଆକ୍ରମଣରେ ହୋଇଥିବା କ୍ଷୟକ୍ଷତିର ଆକଳନ ସାରି ଏବେ ସେଠାରେ ସ୍ଥାୟୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଛି। ବୋମା ମାଡ଼ ହୋଇଥିବା ଗାତଗୁଡ଼ିକୁ କଂକ୍ରିଟ୍ ଓ ଲୁହା ରଡ୍ ସାହାଯ୍ୟରେ ବନ୍ଦ କରାଯାଉଛି। ଜୁନ୍ ଶେଷ ଆଡ଼କୁ ଆମେରିକା ଏବଂ ଇରାନ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ଇରାନ ସାମରିକ ପରମାଣୁ ଗବେଷଣା ନକରିବାକୁ ସହମତି ପ୍ରକାଶ କରିଥିଲା। ମାତ୍ର ଏହି ନୂତନ ନିର୍ମାଣ କାର୍ଯ୍ୟ ଚୁକ୍ତିର ଉଲ୍ଲଂଘନ କରୁଛି।



ଚଳିତ ବର୍ଷ ମାର୍ଚ୍ଚ ଏବଂ ଏପ୍ରିଲ୍ ମାସରେ ଆମେରିକା ଏହି ପରମାଣୁ କେନ୍ଦ୍ର ଉପରେ ଦୁଇ ଦୁଇ ଥର ବୋମା ମାଡ଼ କରି ଏହାକୁ ଛାରଖାର କରିଦେଇଥିଲା। ଏହାପୂର୍ବରୁ ଅକ୍ଟୋବର ୨୦୨୪ରେ ଇସ୍ରାଏଲ୍ ମଧ୍ୟ ଏହି ସ୍ଥାନକୁ ଧ୍ୱଂସ କରିଥିଲା। ନିକଟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହ ଚାଲିଥିବା ଅସ୍ତ୍ରବିରତି ଶେଷ ହୋଇଥିବା ଘୋଷଣା କରିବା ପରେ ଏହି ସାଟେଲାଇଟ୍ ଚିତ୍ର ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି। ଏହାକୁ ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଚିନ୍ତା ବଢ଼ିଯାଇଛି। ସେ କହିଛନ୍ତି ଯେ କୌଣସି ବି ସ୍ଥିତିରେ ସେ ଇରାନକୁ ପରମାଣୁ କେନ୍ଦ୍ର ନିର୍ମାଣ କରିବାକୁ ଦେବେନାହିଁ।

# ମୌସୁମୀ ତାଣ୍ଡବ: ୟୁପିରେ ୩ ଦିନରେ ୧୫ ମୃତ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ମୌସୁମୀ ବର୍ଷା ବିପର୍ଯ୍ୟୟ ସୃଷ୍ଟି କରିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ବର୍ଷା କରାଉଥିବା ବାଦଲ ବର୍ତ୍ତମାନ ପୂର୍ବ ଏବଂ ଉତ୍ତର-ପୂର୍ବ



ଭାରତ ଆଡ଼କୁ ଗତି କରିଛି। ଏହାଫଳରେ ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ମେଘାଳୟ, ମିଜୋରାମ ଓ ତ୍ରିପୁରାରେ ପ୍ରବଳ ବର୍ଷା ଜାରି ରହିଛି। ଅପରପକ୍ଷରେ ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ସମେତ ୧୦ଟି ରାଜ୍ୟରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ମୌସୁମୀ ଦୁର୍ବଳ ରହିବ। ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ୩ ଦିନ ମଧ୍ୟରେ ଏଠାରେ ବିଭିନ୍ନ ବର୍ଷା ଜନିତ ଦୁର୍ଘଟଣାରେ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ହାପୁଡ଼ ଅଞ୍ଚଳରେ ରାସ୍ତା ଓ ଅଣ୍ଡରପାସ ଗୁଡ଼ିକରେ ପାଣି ଜମି ରହିବା ଯୋଗୁଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଜନୌରରେ ଗଙ୍ଗା ଓ ମାଲନ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମାଲନ ନଦୀର ପ୍ରବଳ ସ୍ରୋତରେ ୪ ଜଣ ବାଳକ ଭାସି ଯାଇଛନ୍ତି। ଏହାସହ ଏକ ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ ମିରଟ-ବିଜନୌର ଜାତୀୟ ରାଜପଥ ଏବଂ ହରିଦ୍ୱାର ରୋଡ୍‌ରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ରାଜ୍ୟର ୧୧୮ଟି ରାସ୍ତା ବନ୍ଦ ରହିଛି। ଯମୁନୋତ୍ରୀ ଜାତୀୟ ରାଜପଥର ପ୍ରାୟ ୧୦୦ ମିଟର ରାସ୍ତା ଧୋଇଯାଇଛି, ଯାହାଫଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କ୍ରମାଗତ ବର୍ଷା ଯୋଗୁଁ ଏଠାରେ ୩୨୦ରୁ ଅଧିକ ରାସ୍ତା ବନ୍ଦ ହୋଇଯାଇଛି। ଚଣ୍ଡୀଗଡ଼-ଶିମଳା ଚାରିଲେନ୍ ବିଶିଷ୍ଟ ରାସ୍ତାରେ ଏକ ବିରାଟ ପଥର ଖସିପଡ଼ିବା ଯୋଗୁଁ ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅବରୋଧ ହୋଇଛି। ମିଜୋରାମର ଲୁଙ୍ଗଲେଇ ଜିଲ୍ଲାରେ ନଦୀଗୁଡ଼ିକର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ପ୍ରଶାସନ ପକ୍ଷରୁ ୮୦ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟର ପ୍ରାୟ ୨୯ଟି ସ୍ଥାନରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି। ବୁଆଲଟେ ଗ୍ରାମ ନିକଟରେ ଜାତୀୟ ରାଜପଥ-୫୪ ସମ୍ପୂର୍ଣ୍ଣ ଅବରୋଧ ହୋଇ ରହିଛି, ଯାହାଫଳରେ ଗତ ୪ ଦିନ ହେବ ଅନେକ ପର୍ଯ୍ୟଟକ ସେଠାରେ ଫସି ରହିଛନ୍ତି। ବର୍ତ୍ତମାନ ରାସ୍ତା ସଫା କରିବା କାର୍ଯ୍ୟ ଜାରି ରହିଛି। ଏଭଳି ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆଇଆଇଟି ରୁର୍କୀ କ୍ୟାମ୍ପସରୁ ଏକ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି, ଯେଉଁଠାରେ ଛାତ୍ରଛାତ୍ରୀମାନେ ବର୍ଷାକୁ ଉପଭୋଗ କରି ଡଙ୍ଗା ଶୈଳୀରେ ନୃତ୍ୟ କରୁଥିବାର ଦେଖାଯାଇଛି।

**■ ଉତ୍ତରାଖଣ୍ଡ, ହିମାଚଳରେ ୪୩୮ ରାସ୍ତା ବନ୍ଦ**
**■ ମିଜୋରାମରେ ପର୍ଯ୍ୟଟକ ଫସିଲେ**

# ଜାମିନରେ ଆସି ୬ ଜଣଙ୍କୁ ହତ୍ୟା

ହାଇଦରାବାଦ୍, ୧୧।୭(ଏଜେନ୍ସି): ନିଜ ସ୍ତ୍ରୀ ଓ ପିଲାମାନଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅନ୍ୟ ପରିବାରର ତିନି ଜଣଙ୍କୁ ହତ୍ୟା କରିବା ଭଳି ଏକ ଅତ୍ୟନ୍ତ ବୀଭତ୍ସ ଖବର ସାମନାକୁ ଆସିଛି। ପସକୋ ମାମଲାରେ ଗିରଫ ପରେ ଜାମିନରେ ଆସି ସେ ଏଭଳି ନାରକରୀୟ କାଣ୍ଡ ଘଟାଇଛି। ଅଭିଯୁକ୍ତ ହେଉଛି ରାଜକୁମାର (୩୫)। ହତ୍ୟାକାଣ୍ଡ ଘଟାଇବା ପରେ ନିଜ ବାପାଙ୍କୁ ଫୋନ୍ କରି କହିଥିଲା, 'ମୁଁ ଏମାନଙ୍କୁ ମାରିଦେଇଛି।' ଏହାପରେ ସେ ନିଜ ମୋବାଇଲ୍ ଫୋନ୍ ବନ୍ଦ କରିଦେଇଥିଲା।



ସେ ଆତ୍ମହତ୍ୟା କରିବାକୁ ଯାଉଥିବା ନେଇ ବାପାଙ୍କୁ କହିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୋଲିସ ବର୍ତ୍ତମାନ ସ୍ପେଶାଲ୍ ଟିମ୍ ଗଠନ କରି ଅଭିଯୁକ୍ତକୁ ଖୋଜୁଛି। ୨୦୧୮ ମସିହାରେ ରାଜକୁମାର ଓ ପାର୍ବତୀ ପ୍ରେମ ବିବାହ କରିଥିଲେ ଏବଂ ସେମାନଙ୍କର ତିନୋଟି ସନ୍ତାନ ଥିଲେ। ଗତ ମେ ମାସରେ ଜଣେ ନାବାଳିକାକୁ ପିଛା କରିବା ଓ ନିର୍ଯାତନା ଦେବା ଅଭିଯୋଗରେ ରାଜକୁମାର ଗିରଫ ହୋଇଥିଲା। କିନ୍ତୁ ଏହି ହତ୍ୟାକାଣ୍ଡର ଘଟାଇବାର ମାତ୍ର ଏକ ସପ୍ତାହ ପୂର୍ବରୁ କୋର୍ଟରୁ ସେ ଅଗ୍ରୀମ ଜାମିନ ପାଇଥିଲା। ଜାମିନରେ ଆସିବା ପରେ ପ୍ରଥମ ନିଜ ପିତ୍ନ, ଦୁଇ ଶିଶୁପୁତ୍ରଙ୍କ ହତ୍ୟା କରିଥିଲା। ଏହାପରେ ସେ ଅଭିଯୋଗକାରିଣୀ ନାବାଳିକା, ତାର ମାଆ ଓ ଆଇମାଙ୍କୁ ହତ୍ୟା କରିଥିବା ପୁଲିସ ପକ୍ଷରୁ କୁହାଯାଇଛି। ୬ ଜଣଙ୍କୁ ଅତି ନୃଶଂସ ଭାବେ ହତ୍ୟଶ କରିବା ପରେ ସେ ଫେରାର ହୋଇଯାଇଛି।

# 'ସତଲୁଜ୍' ଚଳଚ୍ଚିତ୍ରକୁ ନେଇ ହଙ୍ଗାମା



ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲଜିତ୍ ଦୋସାଞ୍ଜଙ୍କ ଅଭିନୀତ ଚଳଚ୍ଚିତ୍ର 'ସତଲୁଜ୍'କୁ ନେଇ ବଡ଼ ଧରଣର ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ଏହି ଫିଲ୍ମ ଉପରେ କଟକଣା ଲଗାଇଥିବା ବେଳେ ଏହାକୁ ବିରୋଧ କରୁଛନ୍ତି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସଜିପିସି) ଏବଂ ଅକାଳୀ ଦଳ। କଟକଣା ତୁରନ୍ତ ହଟାଇବା ଲାଗି ସେମାନେ ଦାବି କରିଛନ୍ତି। କିନ୍ତୁ ଏହି ଫିଲ୍ମ ଭାରତର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବାରୁ କଟକଣା ହଟିବ ନାହିଁ ବୋଲି କେନ୍ଦ୍ର ସରକାର ଆଜି ପୁଣି ଥରେ ସ୍ପଷ୍ଟ କରିଦେଇଛନ୍ତି।

ସୂଚନା ଥାଉକି ହନି ତ୍ରେହାନଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ମାନବାଧିକାର କର୍ମୀ ଜସୱନ୍ତ ସିଂହ ଖାଲରାଙ୍କ ଜୀବନୀ ଉପରେ ଆଧାରିତ। ୧୯୮୪ ରୁ ୧୯୯୪ ମଧ୍ୟରେ ପଞ୍ଜାବରେ ହଜାର ହଜାର ଅଜ୍ଞାତ ଶବର ଦାହ ସମ୍ପର୍କରେ ସେ ଅନୁସନ୍ଧାନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ୧୯୯୫ରେ ପୋଲିସ ଦ୍ୱାରା ଅପହରଣ ଓ ହତ୍ୟାର ଶିକାର ହୋଇଥିଲେ। ଏହି ସମୟରେ ଆତଙ୍କବାଦ ପଞ୍ଜାବରେ ଭୟଙ୍କର ରୂପ ନେଇଥିଲା। ଫିଲ୍ମରେ ଖାଲରାଙ୍କ ଉପରେ ଫୋକସ କରାଯାଇଥିବା ବେଳେ ଆତଙ୍କବାଦ ସଂପର୍କରେ କିଛି ଉଲ୍ଲେଖ କରାଯାଇ ନାହିଁ। ଅନ୍ୟପକ୍ଷରେ ସୁରକ୍ଷା ବାହିନୀର ଚରିତ୍ର ଉପରେ ପ୍ରଶ୍ନ ଉଠାଯାଇଛି।

ଗତ ଜୁଲାଇ ୩ ତାରିଖରେ ଏହି ଫିଲ୍ମ ଜିଓ ଓଟିଟି ପ୍ଲାଟଫର୍ମରେ ମୁକ୍ତିଲାଭ କରିବାର ମାତ୍ର ଦୁଇ ଦିନ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସୁରକ୍ଷା କାରଣ ଦର୍ଶାଇ ଏହାକୁ ହଟାଇ ଦେଇଥିଲା। ଏହାପରେ ଆଇଟି ନିୟମ ୨୦୨୧ ଅନୁଯାୟୀ ଏକ ଆନ୍ତଃ-ବିଭାଗୀୟ କମିଟି ଗଠନ କରାଯାଇଥିଲା। କମିଟି ଦର୍ଶାଇଛି ଯେ, ଫିଲ୍ମର କାହାଣୀ ସନ୍ତୁଳିତ ନୁହେଁ ଏବଂ ଏଥିରେ ଉଗ୍ରବାଦୀମାନଙ୍କ କାର୍ଯ୍ୟକଳାପକୁ ହାଲୁକା ଭାବେ ଦେଖାଯାଇଥିବା ବେଳେ ସୁରକ୍ଷା ବାହିନୀର କାର୍ଯ୍ୟାନୁଷ୍ଠାନକୁ ଅତିରଞ୍ଜିତ କରାଯାଇଛି।

# ଲାଲ୍‌କିଲ୍ଲାକୁ ବୋମା ଧମକ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲ୍ଲୀର ଐତିହାସିକ ଲାଲ୍‌କିଲ୍ଲାକୁ ବୋମାରେ ଉଡ଼ାଇ ଦେବା ପାଇଁ ଶୁକ୍ରବାର ଦିନ ଏକ ଧମକ୍ ମିଳିଥିଲା, ତେବେ ଏହା ପରବର୍ତ୍ତୀ ସମୟରେ ମିଥ୍ୟା ବୋଲି ଜଣାପଡ଼ିଛି। ମୁମ୍ବାଇ ପୋଲିସ ନିୟନ୍ତ୍ରଣ କକ୍ଷକୁ ଜଣେ ଅଜ୍ଞାତ ବ୍ୟକ୍ତି ଫୋନ୍ କରି ଏହି ସୂଚନା ଦେଇଥିଲେ। ଏହାପରେ ମୁମ୍ବାଇ ପୋଲିସ ତୁରନ୍ତ ଦିଲ୍ଲୀ ପୋଲିସକୁ ସତର୍କ କରାଇ ଦେଇଥିଲା। ସୂଚନା ପାଇବା ମାତ୍ରେ ସୁରକ୍ଷା କର୍ମୀ ଏବଂ ଉତ୍ତର ଜିଲ୍ଲା ପୋଲିସ ପକ୍ଷରୁ ଲାଲ୍‌କିଲ୍ଲା ପରିସରରେ ବ୍ୟାପକ ସେର୍ଚ୍ଚ ଅପରେସନ ବା ଯାଞ୍ଚ କରାଯାଇଥିଲା। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସେଠାରୁ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା ଏବଂ ପୋଲିସ ଏହି ଫୋନ୍ କଲ୍‌କୁ ଏକ ମିଥ୍ୟା ଚେତାବନୀ ବୋଲି ଘୋଷଣା କରିଛି। ବର୍ତ୍ତମାନ ପୋଲିସ ଫୋନ୍ କରିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳରେ ଏଭଳି ଅନେକ ମିଥ୍ୟା ବୋମା ମାଡ଼ ଚେତାବନୀ ମିଳୁଛି।



# ନେପାଳ ହ୍ରଦରେ ଗାଧୋଇବା ବେଳେ ବୁଡ଼ିଗଲେ ଭାରତୀୟ ପର୍ଯ୍ୟଟକ

ପୋଖରା, ୧୧।୭(ଏଜେନ୍ସି): ନେପାଳର ପର୍ଯ୍ୟଟନ ସହର ପୋଖରାସ୍ଥିତ ଫେୱା ହ୍ରଦରେ ଗାଧୋଇବା ବେଳେ ବୁଡ଼ି ଯାଇ ବିହାରର ଜଣେ ୨୮ ବର୍ଷୀୟ ଭାରତୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ରୋହିତ କୁମାର ବୋଲି ପୁଲିସ ସୂଚନା ଦେଇଛି। ରୋହିତ ତାଙ୍କର ଚାରିଜଣ ସାଙ୍ଗଙ୍କ ସହ ପୋଖରା ବୁଲିବାକୁ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେମାନେ ଫେୱା ହ୍ରଦ ମଝିରେ ଥିବା ତାଲ ବରାହୀ ମନ୍ଦିର ଦର୍ଶନ କରିଥିଲେ। ମନ୍ଦିର ନିକଟରେ ଡଙ୍ଗା ଲାଗିବା ପରେ ରୋହିତ ଓ ତାଙ୍କର ଜଣେ ସାଙ୍ଗ ହ୍ରଦରେ ଗାଧୋଇବାକୁ ଓହ୍ଲାଇଥିଲେ। ଏହି ସମୟରେ ରୋହିତ ହଠାତ୍ ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ପ୍ରାୟ ସନ୍ଧ୍ୟା ୫ଟା ବେଳେ ଉଦ୍ଧାରକାରୀ ଦଳ ରୋହିତଙ୍କୁ ହ୍ରଦରୁ ବାହାର କରିଥିଲେ। ତାଙ୍କୁ ତୁରନ୍ତ ପୋଖରାର ପଶ୍ଚିମାଞ୍ଚଳ ଆଞ୍ଚଳିକ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ କହିଛି।



# ଭାରତ ସୀମା ନିକଟରେ ଚୀନ୍‌ର ନୂଆ ମେଗା ଡ୍ୟାମ୍

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଭାରତୀୟ ସୀମାଠାରୁ ମାତ୍ର ୫୦ କିଲୋମିଟର ଦୂର ତିବ୍ବତର ୟାରଲୁଙ୍ଗ ସାଙ୍ଗପୋ (ବ୍ରହ୍ମପୁତ୍ର) ନଦୀର ନିମ୍ନ ଅବବାହିକାରେ ଚୀନ୍ ବିଶ୍ୱର ସବୁଠାରୁ ବଡ଼ ଜଳବିଦ୍ୟୁତ ପ୍ରକଳ୍ପ ନିର୍ମାଣ କରୁଛି। ଏହି ମେଗା ଡ୍ୟାମ୍ ଯୋଗୁଁ ଭାରତ ଏବଂ ବାଂଲାଦେଶରେ ଜଳ ଯୋଗାଣ ଓ ପରିବେଶ ଉପରେ ପଡ଼ିବାକୁ ଥିବା ପ୍ରଭାବକୁ ନେଇ ପୂର୍ବରୁ ଚିନ୍ତା ପ୍ରକାଶ ପାଇଥିଲା। ଏବେ ଚୀନ୍ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକ ଭୂତାତ୍ତ୍ୱିକ ସର୍ଭେ ରିପୋର୍ଟରୁ ଏହି ପ୍ରକଳ୍ପର ସୁରକ୍ଷାକୁ ନେଇ ଏକ ବଡ଼ ଚେତାବନୀ ସାମ୍ନାକୁ ଆସିଛି। 'ଚାଇନା ଜିଓଲୋଜିକାଲ୍ ସର୍ଭେ'ର ତତ୍ତ୍ୱାବଧାନରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ଏହି ପ୍ରକଳ୍ପର ଜଳାଶୟ (ରିଜର୍ଭୟାର) ଅଞ୍ଚଳ ଦେଇ 'ପାଇଝେନ୍ ଫଲ୍ଟ' (ଏକ ସକ୍ରିୟ ଭୂକମ୍ପ ପ୍ରବଣ ରେଖା) ଗତି କରିଛି। ଏହି ଫଲ୍ଟ ଲାଇନ୍ ବରଫ ଯୁଗ (ପ୍ଲାଇଷ୍ଟୋସିନ୍) ଏବଂ ହୋଲୋସିନ୍ ସମୟରୁ (ପ୍ରାୟ ୯,୫୦୦ ବର୍ଷ ପୂର୍ବେ) ସକ୍ରିୟ ରହିଛି। ଏହା ଯୋଗୁଁ ସେହି ଅଞ୍ଚଳର ପଥରଗୁଡ଼ିକ ଦୁର୍ବଳ ହୋଇଯାଇଛି, ଯାହା ଡ୍ୟାମ୍, ପୋଲ, ଟନେଲ୍ ଏବଂ ରାସ୍ତା ଭଳି ଭିତ୍ତିଭୂମିର ସ୍ଥାୟୀତ୍ୱ ପ୍ରତି ଗମ୍ଭୀର ବିପଦ ସୃଷ୍ଟି କରୁଛି। ବିଶେଷଜ୍ଞଙ୍କ ମତରେ, ଏହି ଅଞ୍ଚଳର ଭୂଗଠନ ଅତ୍ୟନ୍ତ ଆଲଗା ଏବଂ ଦୁର୍ବଳ। ଏଭଳି ସ୍ଥିତିରେ ଭୂକମ୍ପ କିମ୍ବା ଜଳାଶୟରେ ଦୀର୍ଘ ସମୟ ଧରି ପାଣି ଜମି ରହିବା ଦ୍ୱାରା ନଦୀର ଦୁଇ ପାର୍ଶ୍ୱରେ ଥିବା ପାହାଡ଼ ଗୁଡ଼ିକ ଭୁଶୁଡ଼ିବା ସହ ବଡ଼ ଧରଣର ଭୂସ୍ଖଳନ ହୋଇପାରେ। ରିପୋର୍ଟରେ ୨୦୧୭ ମସିହାରେ ତିବ୍ବତରେ ଆସିଥିବା ୬.୯ ତୀବ୍ରତାର ଭୂକମ୍ପର ଉଦାହରଣ ଦିଆଯାଇ କୁହାଯାଇଛି ଯେ, ଭବିଷ୍ୟତରେ ଏଠାରେ ବଡ଼ ଭୂକମ୍ପ ଆସିଲେ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ସମଗ୍ର ପ୍ରକଳ୍ପ ବିପନ୍ନ ହୋଇପାରେ। ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଜଳବିଦ୍ୟୁତ ପ୍ରକଳ୍ପରୁ ବାର୍ଷିକ ପ୍ରାୟ ୩୦୦ ବିଲିୟନ କିଲୋୱାଟ୍-ଆୱାର୍ ବିଦ୍ୟୁତ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର କ୍ଷମତା ଚୀନ୍‌ର ପ୍ରସିଦ୍ଧ 'ଥ୍ରୀ ଗୋର୍ଜେସ୍ ଡ୍ୟାମ୍' ଠାରୁ ପ୍ରାୟ ତିନି ଗୁଣ ଅଧିକ। ୟାରଲୁଙ୍ଗ ସାଙ୍ଗପୋ ନଦୀ ଭାରତର ଅରୁଣାଚଳ ପ୍ରଦେଶ ଓ ଆସାମ ଦେଇ 'ବ୍ରହ୍ମପୁତ୍ର' ଏବଂ ବାଂଲାଦେଶରେ 'ଯମୁନା' ନାମରେ ପ୍ରବାହିତ ହେଉଛି। ତେଣୁ ଏହି ଡ୍ୟାମ୍‌ରେ କୌଣସି ପ୍ରକାରର ଅଘଟଣ ଘଟିଲେ ତଳମୁଣ୍ଡରେ ଥିବା ଭାରତ ଓ ବାଂଲାଦେଶର ବ୍ୟାପକ ଅଞ୍ଚଳରେ ଜଳପ୍ଲାବନ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ବିପଦକୁ ଏଡ଼ାଇବା ପାଇଁ ନିର୍ମାଣ ସମୟରେ ପାହାଡ଼ିଆ ଢାଲୁଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ କଂକ୍ରିଟ୍ ପ୍ରତିବନ୍ଧକ ନିର୍ମାଣ କରିବାକୁ ଏହି ସର୍ଭେ ରିପୋର୍ଟରେ ଚୀନ୍‌କୁ ସୁପାରିଶ କରାଯାଇଛି।


କେନ୍ଦ୍ରାପଡ଼ା ଜିଲ୍ଲା ଉନ୍ନୟନ ବୋର୍ଡ ନିର୍ବାଚନରେ ବିଜୟୀ ସଭ୍ୟ ଓ ଜିଲ୍ଲାର ନେତୃବର୍ଗ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି।


ପୂର୍ବତନ ବିଧାୟକ ଅଳକା ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ନେତା, ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀମାନଙ୍କ ସହ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ନବୀନ ପଟ୍ଟନାୟକ ଆଲୋଚନା କରୁଛନ୍ତି

### ଶିଳ୍ପ କ୍ଷେତ୍ରରେ ବୃହତ୍ ପୁଞ୍ଜି ବିନିଯୋଗର ପ୍ରସ୍ତାବ ଦେଲେ କୁମାର ମଙ୍ଗଲମ୍ ବିର୍ଲା

# କଂସାରୀଗୁଡ଼ା ଆଲୁମିନା ରିଫାଇନାରୀରେ ୧୨ ହଜାର କୋଟିର ନିବେଶ

ଭୁବନେଶ୍ୱର,୧୧।୭ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କଂସାରୀଗୁଡ଼ାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଗ୍ରୀନଫିଲ୍ଡ ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ହେବ। ଏହି ପ୍ରକଳ୍ପଟି ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିକଶିତ କରାଯାଉଛି। ପ୍ରକଳ୍ପର ଦୀର୍ଘକାଳୀନ ସମ୍ଭାବନା ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ମିଳୁଥିବା ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି ରିଫାଇନାରୀର କ୍ଷମତାକୁ ଆହୁରି ୨ ମିଲିୟନ ଟନ୍ ବୃଦ୍ଧି କରାଯିବ। ଏଥିପାଇଁ ୧୨,୦୦୦ କୋଟି ଟଙ୍କାର ଅତିରିକ୍ତ ପୁଞ୍ଜିନିବେଶର ପ୍ରସ୍ତାବ ଦେଇଛି ଆଦିତ୍ୟ ବିର୍ଲା ଗ୍ରୁପ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଚେୟାରମ୍ୟାନ କୁମାର ମଙ୍ଗଲମ ବିର୍ଲାଙ୍କ ସାକ୍ଷାତ ସମୟରେ ଶ୍ରୀ ବିର୍ଲା ଉପରୋକ୍ତ ପ୍ରସ୍ତାବ ରଖିଛନ୍ତି। ପ୍ରସ୍ତାବିତ ସମ୍ପ୍ରସାରଣ ସହ କଂସାରୀଗୁଡ଼ା ରିଫାଇନାରୀର ମୋଟ କ୍ଷମତା ବାର୍ଷିକ ୩ ମିଲିୟନ ଟନ୍‌କୁ ବୃଦ୍ଧି ପାଇବ ଏବଂ ଏଥିରେ ସମୁଦାୟ ପୁଞ୍ଜିନିବେଶ ପ୍ରାୟ ୨୦,୦୦୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ବିର୍ଲାଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ରାଜ୍ୟରେ ବିର୍ଲା ପକ୍ଷରୁ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ ପୁଞ୍ଜିନିବେଶର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ରାଜ୍ୟରେ ବିର୍ଲା ଗ୍ରୁପ୍ ଦ୍ୱାରା କାର୍ଯ୍ୟକାରୀ




**ଏହି ସମ୍ପ୍ରସାରଣ ଭାରତର ଅଗ୍ରଣୀ ଧାତୁ ଓ ଧାତୁ ବିଜ୍ଞାନ ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ଅଧିକ ଦୃଢ଼ କରିବ: ମୁଖ୍ୟମନ୍ତ୍ରୀ**

ହେଉଥିବା ପ୍ରମୁଖ ପ୍ରକଳ୍ପଗୁଡ଼ିକର ରୂପାୟନ ସମ୍ପର୍କରେ ଆଲୋଚନା ହେବା ସହ ଏଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବର୍ତ୍ତମାନ ଯେଉଁସବୁ କ୍ଷେତ୍ରରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ବିଶେଷ ଉପସ୍ଥିତି ନାହିଁ, ସେହିସବୁ କ୍ଷେତ୍ରରେ କମ୍ପାନୀର ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ ତଥା ବିସ୍ତାର ଦିଗରେ ମଧ୍ୟ ଆଲୋଚନା କରାଯାଇଛି। ଆଲୁମିନା ରିଫାଇନାରୀ ପ୍ରକଳ୍ପର ସମ୍ପ୍ରସାରଣ ଦ୍ୱାରା ବ୍ୟାପକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ସହ ସ୍ଥାନୀୟ ଉଦ୍ୟୋଗ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ ଶିଳ୍ପଗୁଡ଼ିକ ପାଇଁ ଅଧିକ ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ଖଣିଜ ସମ୍ପଦର ସାମର୍ଥ୍ୟ ରାଜ୍ୟ ମଧ୍ୟରେ ଅଧିକ ମୂଲ୍ୟ ସଂଯୋଜନା, ଉନ୍ନତ ବିନିର୍ମାଣ ଏବଂ ଗୁଣାତ୍ମକ ନିଯୁକ୍ତିରେ ରୂପାନ୍ତରିତ ହେବା ଆବଶ୍ୟକ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଲୁମିନିୟମ ଏହି ଦୂରଦୃଷ୍ଟିର କେନ୍ଦ୍ରବିନ୍ଦୁ ଅଟେ। ଆମେ କେବଳ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦନରେ ଦେଶର ନେତୃତ୍ୱ ନେବାକୁ ଚାହୁଁନାହୁଁ, ବରଂ ରିଫାଇନିଂ ଏବଂ ପ୍ରାଥମିକ ଧାତବ ଠାରୁ ଆରମ୍ଭ କରି ଡାଉନଷ୍ଟ୍ରିମ ଏବଂ ଉନ୍ନତ ଉତ୍ପାଦ ପର୍ଯ୍ୟନ୍ତ ସମଗ୍ର ଭାଲ୍ୟୁ ଚେନ୍ (ମୂଲ୍ୟ ଶୃଙ୍ଖଳ)ରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ। କଂସାରୀଗୁଡ଼ା ରିଫାଇନାରୀର ସମ୍ପ୍ରସାରଣ ଏହି ଗତିକୁ ଆହୁରି ମଜବୁତ କରିବ ଏବଂ ଭାରତର ଅଗ୍ରଣୀ ଧାତୁ ଓ ମେଟାଲର୍ଜି ହବ୍ ଭାବରେ ଓଡ଼ିଶାର ସ୍ଥିତିକୁ ଅଧିକ ଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ରୂପାୟନ ଏବଂ ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବିର୍ଲା ଗ୍ରୁପକୁ ଆଶ୍ୱାସନା ଦେଇଛନ୍ତି। ସେ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ ଏକ ସମନ୍ୱିତ ଆଭିମୁଖ୍ୟ ମାଧ୍ୟମରେ କମ୍ପାନୀକୁ ଜମି, ଭିତ୍ତିଭୂମି, ସେବା, ଆନୁଷ୍ଠାନିକ ମଞ୍ଜୁରୀ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ଆବଶ୍ୟକତା ଯୋଗାଇବାରେ ସରକାର କମ୍ପାନୀ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଏହି ବୈଠକରେ ବିର୍ଲା ଗ୍ରୁପ୍‌ର ବର୍ତ୍ତମାନ ଏବଂ ପ୍ରସ୍ତାବିତ ପୁଞ୍ଜିନିବେଶ ଯଥା ଆଲୁମିନିୟମ, ଆଲୁମିନା, କେମିକାଲ୍ସ, ସିମେଣ୍ଟ, ଅକ୍ଷୟ ଶକ୍ତି, ଟେକ୍ସଟାଇଲ୍ ଏବଂ ପୋଷାକ ଆଦି କ୍ଷେତ୍ରର ସମୀକ୍ଷା କରାଯାଇଥିଲା। ଏହା ବ୍ୟତୀତ ତମ୍ବା ବିଶୋଧନ (କପର ରିଫାଇନିଂ), କପର-କ୍ଲାଡ୍ ଲାମିନେଟ୍ସ ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ, ଟେକ୍ନିକାଲ ଟେକ୍ସଟାଇଲ୍ସ, ପେଣ୍ଟସ୍, ଅଳଙ୍କାର ନିର୍ମାଣ ଏବଂ ଉନ୍ନତ ଆଲୁମିନିୟମ ଉତ୍ପାଦ କ୍ଷେତ୍ରରେ ସମ୍ଭାବ୍ୟ ପୁଞ୍ଜିନିବେଶ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

### ରୋଗୀ ହୋଇ ଡାକିଲେ; କଳାକନା ବୁଲାଇ ଚାଲିଗଲେ

## ଡାକ୍ତରଙ୍କ ହାତଗୋଡ଼ ବାନ୍ଧି ଲୁଟିନେଲେ ଟଙ୍କା ଓ ସୁନା



ଧର୍ମଗଡ଼,୧୧।୭(ସମିସ): ଧର୍ମଗଡ଼ ସହରର କେନ୍ଦ୍ରସ୍ଥଳ ତଥା ଉପ ଜିଲ୍ଲାପାଳଙ୍କ ବାସଭବନ କାନ୍ଥକୁ ଲାଗି ରହିଥିବା ଡାକ୍ତରଙ୍କ ସରକାରୀ ବାସଭବନରୁ ଶୁକ୍ରବାର ରାତିରେ ଡକାୟତି ହୋଇଯାଇଛି। ଧର୍ମଗଡ଼ ସରକାରୀ ଚିକିତ୍ସାଳୟରେ କାର୍ଯ୍ୟରତ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଅଜିତ କୁମାର ଦାସଙ୍କ ଘରୁ ଲୁଟ୍ ହୋଇଛି। ଶୁକ୍ରବାର ରାତି ପ୍ରାୟ ୧ଟା୧୫ ମିନିଟ୍ ସମୟରେ ଡାକ୍ତର ଶ୍ରୀ ଦାସ ଡାକ୍ତରଖାନା ପରିସରରେ ଥିବା ସରକାରୀ କ୍ୱାର୍ଟର୍ସରେ ଶୋଇଥିବାବେଳେ ଡକାୟତମାନେ କବାଟ ବାଡାଇ ଥିଲେ। ରୋଗୀ ହୋଇଥିବେ ଭାବି ଡାକ୍ତର କବାଟ ଖୋଲିବା ମାତ୍ରେ ୪ଜଣ ମୁଖାପିନ୍ଧା ଡକାୟତ ଘର ଭିତରକୁ ପଶି ଆସି ଡାକ୍ତରଙ୍କ ହାତଗୋଡ଼ ବାନ୍ଧି ଦେବାସହ ମୁହଁରେ ଟେପ୍ ଲଗାଇ ଦେଇଥିଲେ। ଏସବୁ ଭିତରେ କିନ୍ତୁ ଡାକ୍ତର ଦାସ ସାହସ କରି ଜଣେ ଡକାୟତଙ୍କ ପକେଟରୁ ବନ୍ଧୁକ ଛଡ଼ାଇ ନେଇ ଫାୟାର କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଗୁଳି ଫୁଟି ନଥିଲା। ତିନିଜଣ ଡାକ୍ତରଙ୍କୁ ପୁଜାଘର ଭିତରେ ଜଗି ବସିଥିଲାବେଳେ ଚତୁର୍ଥ ଡକାୟତ ଜଣକ ବେଡ୍‌ରୁମରେ ଥିବା ଆଲମିରା ଖୋଲି ଟଙ୍କା ଲୁଟ୍ କରିଥିଲା। ଆଲ୍‌ମିରାରେ ଥିବା ପ୍ରାୟ ୮୦ ହଜାର ଓ ଡାକ୍ତରଙ୍କ ପର୍ସରେ ଥିବା ୨ହଜାର ଟଙ୍କା ସହ ଡା. ଦାସ ପିନ୍ଧିଥିବା ୫୪ ଗ୍ରାମର ସୁନା ଚେନ୍ ଓ ଦୁଇଟି ମୁଦି ନେଇ ଫେରାର ମାରିଥିଲେ। ଖବର ପାଇ ଧର୍ମଗଡ଼ ପୁଲିସ ସମେତ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ। ଗତ କିଛିଦିନଧରି ଧର୍ମଗଡ଼ ସହରରେ କ୍ରମାଗତ ଭାବେ ଚୋରି, ରାହାଜାନୀ, ଡକାୟତି ଓ ବୃଦ୍ଧି ପାଇଥିଲାବେଳେ ସ୍ଥାନୀୟ ପୁଲିସ୍ ଏହାର ଟେର୍ ପାଉନାହିଁ। ଧର୍ମଗଡ଼ ଉପଖଣ୍ଡରେ ଜଣେ ଆଇପିଏସ ଅଧିକାରୀ ଉପଖଣ୍ଡ ପୁଲିସ ଅଧିକାରିଣୀ ଥିବାବେଳେ ଚୋରମାନେ କ୍ରମାଗତ ଭାବେ ଚୋରି କରି ତାଙ୍କ ପ୍ରତି ଆହ୍ୱାନ ସୃଷ୍ଟି କରିଛନ୍ତି।

### ପଦାରେ ପଡ଼ିଲା ଝାରସୁଗୁଡ଼ା ବିଜେପିର ଗୋଷ୍ଠୀକନ୍ଦଳ

## ଟଙ୍କ ସମର୍ଥକଙ୍କ ବିରୋଧ; ସୁରେଶ ହଟହଟା



ଝାରସୁଗୁଡ଼ା,୧୧।୭ (ସମିସ): ଝାରସୁଗୁଡ଼ାରେ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବେଶ୍ ହଟହଟା ହୋଇଛନ୍ତି। ହିର୍ମା ପଞ୍ଚାୟତ କନ୍ଦାଘାଟର ମା' ସମେଶ୍ୱରୀଙ୍କ ପୀଠକୁ ଯାଉଥିବାବେଳେ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ଭେଡ଼େନ ନଦୀ ନିକଟରେ ନିଜ ଦଳର କିଛି କର୍ମୀ ତଥା ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମର୍ଥକ ମନ୍ତ୍ରୀଙ୍କୁ ଜୋର୍‌ଦାର୍ ବିରୋଧ କରିଥିଲେ। କିଛି କର୍ମୀ ସ୍ଥାନୀୟ ସଂଗଠନ, ନେତୃତ୍ୱ ଓ ଦଳୀୟ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିବା ପୂର୍ବକ ସ୍ଲୋଗାନ ଦେଇଥିଲେ। ଗୋ ବ୍ୟାକ୍ ଗୋ ବ୍ୟାକ୍ ବୋଲି ନାରାବାଜି କରିଥିଲେ। ଏହାଫଳରେ ପରିସ୍ଥିତି ଅଣାୟତ ହୋଇ ପଡିଥିଲା। ମନ୍ତ୍ରୀଙ୍କ ସୁରକ୍ଷାରେ ଥିବା ଏସକର୍ଟ ଟିମ୍ (ପୁଲିସ) ମଧ୍ୟ କିଛି କରିପାରି ନ ଥିଲା। କେବଳ ଚାହିଁ ରହିବା ଛଡ଼ା ପୁଲିସ ପାଖରେ ଆଉ କୌଣସି ବିକଳ୍ପ ନ ଥିଲା। ଅବଶ୍ୟ କିଛି ପୁଲିସ ଉତ୍ତ୍ୟକ୍ତ କର୍ମୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କର୍ମୀ କିନ୍ତୁ ବୁଝିବା ଉପରେ ନ ଥିଲେ। ଶେଷରେ ବାଧ ହୋଇ ମନ୍ତ୍ରୀ କାର୍‌ରୁ ଓହ୍ଲାଇ ଥିଲେ। କର୍ମୀଙ୍କ ରାଗ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ବୁଝାଇବାକୁ ଚେଷ୍ଟା କରି ବିଫଳ ହେବାରୁ ଶେଷରେ ବିରକ୍ତ ହୋଇ ଚିତ୍କାର କରିବା ସହ ମନ୍ତ୍ରୀ ହାତ ଉଠାବାକୁ ବାଧ ହୋଇଥିଲେ। ବିରୋଧ ବେଳେ କିଛି ମହିଳା କର୍ମୀ ମନ୍ତ୍ରୀଙ୍କ ଗାଡ଼ି ଆଗରେ ଶୋଇପଡିବାରୁ ପୁଲିସକୁ ନୟାନ୍ତ ହୋବାକୁ ପଡିଥିଲା। ବହୁ କଷ୍ଟରେ ମନ୍ତ୍ରୀ ଦଳୀୟ କର୍ମୀଙ୍କ ବିରୋଧରୁ ବାହାରି ଗାଡ଼ିରେ ବସିବା ପରେ ଗନ୍ତବ୍ୟ ପଥରେ ଯାଇଥିଲେ। ମନ୍ତ୍ରୀଙ୍କ କାର୍‌କେଡ୍ ସେଠାରୁ ବାହାରିଯିବା ପରେ ମଧ୍ୟ ପଛରେ କର୍ମୀ ହୋ ହାଲ୍ଲା କରିଥିଲେ। ଏହି ଘଟଣାର ଭିଡିଓ ଆଜି ବେଶ୍ ଭାଇରାଲ୍ ହେଉଛି। ଘଟଣାକୁ ନେଇ ଆଜି ଝାସୁଗୁଡ଼ା ଏବଂ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଘଟଣାରୁ ବିଜେପିର ଗୋଷ୍ଠୀ କନ୍ଦଳ ପଦାରେ ପଡିଛି।

## ହୀରାକୁଦର ବନ୍ଦହେଲା ଆଉ ୫ ଗେଟ୍

ସମ୍ବଲପୁର, ୧୧।୭ (ସମିସ) : ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ, ଗତ ୯ ତାରିଖ ପୂର୍ବାହ୍ନ ୧୧ଟାରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୪ଟି ଗେଟ୍ ଖୋଲାଯାଇ ଅପରାହ୍ଣରେ ଆଉ ୬ଟି ଗେଟ୍ ଏହିପରି ମୋଟ ୧୦ଟି ଖୋଲା ଯାଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାପରେ ଗତକାଲି ସନ୍ଧ୍ୟା ସାଢ଼େ ୬ଟା ସମୟରେ ଆଉ ୨ଟି ଗେଟ୍ ବନ୍ଦ କରାଯାଇଥିଲା। ଏହାପରେ ପୁଣି ଆଜି ଅପରାହ୍ଣ ୩ଟା ସମୟରେ ଆଉ ସନ୍ଧ୍ୟାରେ ୨ଟି ଗେଟ୍ ବନ୍ଦ କରାଯାଇଛି। ହୀରାକୁଦ ନଦୀବନ୍ଧରୁ ମୋଟ ୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଶନିବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୫୪ ଫୁଟ ରହିଛି। ନଦୀବନ୍ଧର ବାମପଟର ୨ଟି ଓ ଡାହାଣ ପଟର ଗୋଟିଏ ଏହିପରି ୩ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୦,୪୪୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୨,୫୪୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୬୩,୭୩୩ କ୍ୟୁସେକ୍, ପାୱାର ଚେନାଲ ଦେଇ ୨୫,୦୩୨ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୫୩୦ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୧୭୪୫୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଲଠାରେ ୧,୮୨,୦୦୦ କ୍ୟୁସେକ, ବାରମୁଲଠାରେ ୧,୭୭,୫୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୮୭,୭୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧.୪୦ ମିମି ଏବଂ ତଳମୁଣ୍ଡରେ ୨.୦୭ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।






# ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ବେଆଇନ୍!

ଭୁବନେଶ୍ୱର, ୧୧।୭(ସମିସ): ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ(ଓୟୁଏଚ୍‌ଏସ୍)ରେ ପରୀକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ୫୨ ରୁ ଅଧିକ ସେମିଷ୍ଟାରର ପରୀକ୍ଷା ଏବେଯାଏଁ ହୋଇପାରିନି। ଏହାରି ମଧ୍ୟରେ ପରୀକ୍ଷା ନିୟନ୍ତ୍ରକଙ୍କ ନିଯୁକ୍ତି ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଙ୍କ ନିଯୁକ୍ତିକୁ ନେଇ ଖୋଦ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଶ୍ନ ଉଠାଇବା ସହ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ସ୍ପଷ୍ଟିକରଣ ମାଗିଛି।

ସୂଚନା ଅନୁଯାୟୀ, ବିଶ୍ୱବିଦ୍ୟାଳୟରେ ପରୀକ୍ଷା ନିୟନ୍ତ୍ରକ ନିଯୁକ୍ତି ପାଇଁ ୨୦୨୪ ଫେବୃଆରୀରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ସହିଦ ରେଣ୍ଡୋ ମାଝୀ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍ (ଏସ୍‌ଆର୍‌ଏମ୍-ଏମ୍‌ସିଏଚ୍)ରେ ଫାର୍ମାକୋଲୋଜି ବିଭାଗର ପ୍ରାଧ୍ୟାପକ ଥିବା ଡ. ୱାଇ ରୋଜା ରମଣୀ ନିଯୁକ୍ତି ପାଇବାକୁ ଚୟନ ହୋଇଥିଲେ। ପରୀକ୍ଷା ନିୟନ୍ତ୍ରକ ପଦରେ ଯୋଗ ଦେବା ପୂର୍ବରୁ ସରକାରଙ୍କ ଠାରୁ ନୋ ଅବଜେକସନ୍

**■ ବିନା ଏନ୍‌ଓସିରେ ଦିଆଯାଇଛି ନିଯୁକ୍ତି**
**■ ସ୍ପଷ୍ଟୀକରଣ ମାଗିଲା ସ୍ୱାସ୍ଥ୍ୟ ବିଭାଗ**

ସାର୍ଟିଫିକେଟ୍ (ଏନ୍‌ଓସି) ବାଧ୍ୟତାମୂଳକ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା। ମାତ୍ର ପରୀକ୍ଷା ନିୟନ୍ତ୍ରକ ଭାବେ ଯୋଗଦେଇଥିବା ଡ. ରମଣୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନ୍‌ଓସି ପ୍ରଦାନ କରାଯାଇନାହିଁ। ଏହା ସତ୍ତ୍ୱେ ଭବାନୀପାଟଣା ଏସ୍‌ଆର୍‌ଏମ୍-ଏମ୍‌ସିଏଚ୍‌ର ଅଧକ୍ଷ ତାଙ୍କୁ କିପରି ରିଲିଭ୍ କଲେ ଏବଂ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ ତାଙ୍କୁ ବିନା ଏନ୍‌ଓସିରେ କିପରି ନିଯୁକ୍ତି ପ୍ରଦାନ କଲେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ କଠୋର ଆଭିମୁଖ୍ୟ ପୋଷଣ କରିଛି। ବିନା ଏନ୍‌ଓସିରେ ତାଙ୍କୁ କିପରି ନିଯୁକ୍ତି ଦିଆଗଲା ବୋଲି ସ୍ପଷ୍ଟିକରଣ ରଖିବାକୁ ଗତ ମେ ମାସ ୨୫ ତାରିଖରେ ନିର୍ଦ୍ଦେଶ ଦେଇଛି। ଅପରପକ୍ଷରେ ପରୀକ୍ଷା ପରିଚାଳନାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ପରୀକ୍ଷା ନିୟନ୍ତ୍ରକଙ୍କ ଦକ୍ଷତା ଓ ନିଯୁକ୍ତି ଉପରେ ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିବା ସହ ତାଙ୍କୁ ବହିଷ୍କାର କରିବାକୁ ରଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି କରିଛନ୍ତି।

# ନାଲକୋରେ ଏମଏସଏମଇ ଏବଂ ମାଇକ୍ରୋ ଉଦ୍ୟୋଗୀ ବିକ୍ରେତା କର୍ମଶାଳା



**ଅନୁଗୋଳ,୧୧।୭(ସମିସ):** ଏନଏସଆଇସି ଏସସିଏସଟି-ହବ୍ ଆନୁକୂଲ୍ୟରେ ତଥା ନାଲକୋ ମ୍ୟାଟେରିଆଲ ପରଚେଜ ବିଭାଗ ସହାୟତରେ ଏମଏସଏମଇ ଏବଂ ମାଇକ୍ରୋ ଉଦ୍ୟୋଗୀ ବିକ୍ରେତା କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ନାଲକୋ (ଏସ ଆଣ୍ଡ ପି) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଣବ କୁମାର ଦାସ ଯୋଗଦେଇ ଏହି ରାଜ୍ୟସ୍ତରୀୟ କର୍ମଶାଳାକୁ ଉଦଘାଟନ କରିଥିଲେ। ଜି-ଇ-ଏମ ପୋର୍ଟାଲ ପଞ୍ଜିକୃତ କ୍ଷୁଦ୍ର ଓ ଅଣୁ ଉଦ୍ୟୋଗୀମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ଏହି ପୋର୍ଟାଲ ମାଧ୍ୟମରେ ବିକ୍ରି କରିପାରିବେ। ଦ୍ରବ୍ୟ ବିକ୍ରି ଟେଣ୍ଡରରେ ୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ସେହି ସଂରକ୍ଷଣ ଭିତରେ ପୁନଶ୍ଚ ମହିଳା ଉଦ୍ୟୋଗୀ ବିକ୍ରେତାଙ୍କ ପାଇଁ ୩ ପ୍ରତିଶତ ଓ ଏସସିଏସଟିଙ୍କ ପାଇଁ ୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏମଏସଏମଇ ଏବଂ ମାଇକ୍ରୋ ଉଦ୍ୟୋଗୀ ବିକ୍ରେତାମାନେ ସିଧାସଳଖ ସରକାରୀ ଉଦ୍ୟୋଗକୁ ଉତ୍ପାଦନ ବିକ୍ରି କରି ଦେଶର ଆର୍ଥିକ ବ୍ୟବସ୍ଥାରେ ନିଜକୁ ସାମିଲ କରିପାରିବେ। ବିଶେଷ କରି ଏସସି-ଏସଟି ବର୍ଗର ଉଦ୍ୟୋଗୀମାନଙ୍କୁ ସଚେତନତା କରାଇ ଆର୍ଥିକ ବିକାଶରେ ସାମିଲ ହୋଇପାରିବେ ବୋଲି ଇଡି ଦାସ ପ୍ରକାଶ କରିଥିଲେ। ଏନଏସଆଇସିର ଏସସି-ଏସଟି-ହବର ପ୍ରୋଗ୍ରାମ କୋଅର୍ଡିନେଟର ସୁଶୀଲ ସାହୁ, ଆନନ୍ଦ କିଶୋର ବଳ ପାୱାରପଏଣ୍ଟ ମାଧ୍ୟମରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ଅନ୍ୟତମମାନଙ୍କ ମଧ୍ୟରେ ସିଜିଏମ ସ୍ମେଲ୍ଟର, ସିଜିଏମ ସିପିପି, ସିଜିଏମ ମ୍ୟାଟେରିଆଲ, ଅନୁଗୋଳ ଡିଆଇସି ମ୍ୟାନେଜର ହିମାଂଶୁ ସାହୁ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗୀ ଯୋଗଦେଇ ଆଲୋଚନାରେ ସାମିଲ ହୋଇଥିଲେ।

# ଶିକାର ବିରୋଧୀ ବ୍ୟାରେକ ଉଦଘାଟିତ



**ଛେଣ୍ଡିପଦା,୧୧।୭(ସମିସ):** ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳରେ ଶିକାର ବିରୋଧୀ ବ୍ୟରେକ ଉଦଘାଟିତ ହୋଇଛି। ଛେଣ୍ଡିପଦା ବନାଞ୍ଚଳର ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସଞ୍ଜୟ କୁମାର ସ୍ୱାଇଁ, ଡିଏଫଓ ନୀତୀଶ କୁମାର ପ୍ରମୁଖ ଯୋଗଦେଇଥିଲେ। ଏହି ବ୍ୟାରେକ ୩୫ଲକ୍ଷ ୨୮ ହଜାର ୮ ୫ ୯ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ବେଳେ ଛେଣ୍ଡିପଦା ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ହେଉଥିବା ଅବୈଧ ବନ୍ୟଜନ୍ତୁ ଶିକାର ଓ ବନ୍ୟଜନ୍ତୁ ସୁରକ୍ଷା ଦିଗରେ ବିଶେଷ ସହାୟକ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

# ରହସ୍ୟଜନକ ଭାବେ ସଂଯୋଗୀକରଣ ରାସ୍ତା ବନ୍ଦ

## ● ଅସୁବିଧା ଭୋଗୁଛନ୍ତି ଜନସାଧାରଣ

**ଅନୁଗୋଳ,୧୧।୭(ସମିସ):** ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ସହର ନିକଟ ଛେଳିଆପଡ଼ାସ୍ଥିତ ବାଇପାସ ସଂଯୋଗୀକରଣ ରାସ୍ତାକୁ ରହସ୍ୟଜନକ ଭାବେ ବନ୍ଦ କରିଦିଆଯାଇଛି। କିଏ ଓ କାହିଁକି ଏହାକୁ ବନ୍ଦ କଲେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମହୀଧରପୁର ଅଞ୍ଚଳରୁ ଆସୁଥିବା ଲୋକଙ୍କ ପାଇଁ ଏହି ରାସ୍ତା ଜାତୀୟ



ରାଜପଥକୁ ଉଠିବାର ମୁଖ୍ୟ ସଂଯୋଗ ପଥ। ଦୈନିକ ଶହ ଶହ ଲୋକ ଏହା ଉପରେ ନିର୍ଭର କରନ୍ତି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣର ଟିମ୍ ମୁଖ୍ୟ ବଦ୍ରିନାରାୟଣ ପାଣ୍ଡେଙ୍କୁ ଯୋଗାଯୋଗ କରାଯିବାରେ ବିଭାଗ ତରଫରୁ କୌଣସି ରାସ୍ତା ବନ୍ଦ କରାଯାଇ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ତେବେ କିଏ ଓ କାହିଁକି ରାସ୍ତା ବନ୍ଦ କଲା ତାହା ଜଣାପଡ଼ିନାହିଁ। ଏନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ରାସ୍ତା ଖୋଲିବାକୁ ସାଧାରଣରେ ଦାବି ହୋଇଛି।

# ଦବିଯାଇଥିବା ରାସ୍ତା ମରାମତି କଲା ପୂର୍ତ୍ତ ବିଭାଗ

**କିଶୋରନଗର,୧୧।୭(ସମିସ):** ନିମ୍ନମାନର କାମ ଯୋଗୁ ପ୍ରଥମ ବର୍ଷାରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ଠାରୁ ରଣିଆକଟା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନୂତନ ପୂର୍ତ୍ତ ରାସ୍ତା ଜାମୁନାଳ ପୋଲ ପାର୍ଶ୍ୱରେ ଧୋଇ ନଷ୍ଟ ହୋଇଥିଲା। ଏନେଇ 'ସକାଳ'ରେ ଖବରରେ ପ୍ରକାଶ ପରେ ପୂର୍ତ୍ତ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ଜେସିବି ଲଗାଇ ରାସ୍ତା ମରାମତି କରିବା ଫଳରେ ଲୋକଙ୍କ ଯାତାୟାତ ସୁଗମ ହୋଇଛି।



**ଦୁଇ ଟ୍ରକ୍ ମୁହାଁମୁହିଁ ଧକ୍କା**

# ଜଳିଗଲା ଗୋଟିଏ ଟ୍ରକ୍; ଜଣେ ମୃତ, ଜଣେ ଗୁରୁତର

**କଣିହାଁ,୧୧।୭(ସମିସ):**

୧୪୯ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ସମଲ ଥାନା ଅନ୍ତର୍ଗତ ଗଙ୍ଗାଧରପୁର ନିକଟରେ ଶନିବାର ସକାଳେ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି। ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହେବା ପରେ ଗୋଟିଏ ଟ୍ରକରେ ନିଆଁ ଲାଗିଯାଇଥିଲା। ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ଟ୍ରକ ଚାଳକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ କଙ୍କଡ଼ାହାଡ଼ ବ୍ଲକ ପାଟବେଢ଼ା ଗ୍ରାମର ପ୍ରଶାନ୍ତ କୁମାର ସାହୁ (୫୫)। ସେହିପରି ଅନ୍ୟ ଟ୍ରକ ଚାଳକ ଗୁରୁତର ହୋଇଛନ୍ତି। ତେବେ ତାଙ୍କ ପରିଚୟ ମିଳିନାହିଁ। ତାଙ୍କୁ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।





ସୂଚନା ଅନୁସାରେ, ପାଉଁଶ ବୋଝେଇ ହାଇୱା ଖମାର ପଟୁ ଯାଉଥିବା ବେଳେ ବିପରୀତ ପିଟିରି ପଟୁ ଆସୁଥିବା ଖାଲି ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ପ୍ରଚଣ୍ଡ ଥିଲା ଯେ ପାଉଁଶ ବୋଝେଇ ଟ୍ରକରେ ନିଆଁ ଲାଗିଯାଇଥିଲା। କିଛି ସମୟ ମଧ୍ୟରେ ଟ୍ରକ ହୁତୁହୁତୁ ହୋଇ ଜଳିଯାଇଥିଲା। ଦୁର୍ଘଟଣା ପରେ ରାଜପଥରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା। ସମଲ ଥାନା ପୁଲିସ ଓ କଣିହାଁ ଅଗ୍ନିଶମ

● ଗଙ୍ଗାଧରପୁର ନିକଟରେ ଭୟାବହ ଦୁର୍ଘଟଣା
● ରାଜପଥରେ ଦୀର୍ଘ ସମୟ ଯାତାୟାତ ବାଧାପ୍ରାପ୍ତ

ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଆହତ ଚାଳକଙ୍କୁ ମେଡିକାଲ ପଠାଇଥିଲା। ଏ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଟ୍ରକ୍ ଧକ୍କାରେ +୩ ଛାତ୍ରୀ ଗୁରୁତର

● ଉଠାଦୋକାନୀଙ୍କ କବ୍‌ଜାରେ ଜାତୀୟ ରାଜପଥ
● ଟ୍ରାଫିକ୍ ସମସ୍ୟାରୁ ଘଟୁଛି ବାରମ୍ବାର ଦୁର୍ଘଟଣା

**ବଣ୍ଟାଁରପାଳ,୧୧।୭(ସମିସ):** ବଣ୍ଟାଁରପାଳ ଥାନା ନିକଟ ନୂଆହତା ପଞ୍ଚାୟତ ଟେଲକୋ ଛକରେ ଟ୍ରକ୍ ଧକ୍କାରେ ଜଣେ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆହତ ଛାତ୍ରୀ ଜଣକ ହେଲେ ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ସ୍କୁଲ



ସାହିର ପ୍ରକାଶ ସାମଲଙ୍କ ଝିଅ ଅର୍ଚ୍ଚିତା ସାମଲ (୧୯)। ସୂଚନା ମୁତାବକ ଅର୍ଚ୍ଚିତା ବଣ୍ଟାଁରପାଳ ପିଏସ୍‌ଏସ୍‌ଜେ କଲେଜର +୩ ଶ୍ରେଣୀରେ ପାଠ ପଢ଼ନ୍ତି। ଶନିବାର ସେ ସାଇକଲରେ କଲେଜ ଯାଉଥିବା ସମୟରେ ଟେଲକୋ ଛକ ନିକଟରେ ପଛ ପାଖରୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଅର୍ଚ୍ଚିତା ଗୁରୁତର ହୋଇ ପଡ଼ିଯାଇଥିଲେ। ପଥଚାରୀମାନେ ଟ୍ରକ୍‌କୁ ଅଟକାଇବା ସହ ଅର୍ଚ୍ଚିତାଙ୍କୁ ଉଦ୍ଧାର କରି ବଣ୍ଟାଁରପାଳ ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ କଟକ ସ୍ଥାନାନ୍ତର କରାଇଛନ୍ତି। ଟେଲକୋ ଛକରେ ଥିବା ଉଠା ଦୋକାନୀଙ୍କ ପାଇଁ ରାଜପଥରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଆଜିର ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଟ୍ରକ୍ ଜବତ କରିଛି।

**ସିଆର୍‌ଏଫ୍‌ଏମ୍ ଯୋଜନାର ବ୍ୟାପକ ହେରଫେର ଘଟଣା**

# ସହକାରୀ କୃଷି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

**କିଶୋରନଗର,୧୧।୭(ସମିସ):** କିଶୋରନଗର ବ୍ଲକରେ ସିଆର୍‌ଏଫ୍‌ଏମ୍ ଯୋଜନାର ବ୍ୟାପକ ବିହନ ଓ ସାର ହେରଫେର ଘଟଣାରେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷର ଏହି ମାମଲାରେ କିଶୋରନଗରର ସହକାରୀ କୃଷି ଅଧିକାରୀ (ଏଏଓ) ଦୀପ୍ତିମୟୀ ସିଂହଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ଡ୍ରାଫ୍ଟ ଚାର୍ଜ ତୁରନ୍ତ ପ୍ରଦାନ କରିବାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି। ବିଭାଗର ଯୁଗ୍ମ ସଚିବ ପ୍ରାଚୀ ମହାପାତ୍ର ଗତ ୪ ତାରିଖ କୃଷି ନିର୍ଦ୍ଦେଶକଙ୍କୁ ଯୁଗ୍ମ ତଦନ୍ତ ରିପୋର୍ଟର ସୁପାରିସ ଆଧାରରେ ସିଂହଙ୍କ ବିରୋଧରେ ଶୃଙ୍ଖଳାଗତ ପ୍ରକ୍ରିୟା ଆରମ୍ଭ ନିମନ୍ତେ ଆବଶ୍ୟକ ଡ୍ରାଫ୍ଟ ଚାର୍ଜ ଓ ପ୍ରମାଣପତ୍ର ଯଥାଶୀଘ୍ର ପଠାଇବାକୁ କହିଛନ୍ତି। ଏହି ପତ୍ରର ନକଲ ଅନୁଗୁଳ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ (ସିଡିଏଓ)ଙ୍କୁ ମଧ୍ୟ ଆବଶ୍ୟକୀୟ ପଦକ୍ଷେପ ପାଇଁ ପଠାଯାଇଛି।

ସୂଚନାଯୋଗ୍ୟ, ୨୦୨୪-୨୫ରେ ବିହନ, ସାର ଓ ଔଷଧ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ତତ୍କାଳୀନ ସିଡିଏଓ ଏହାର ତଦନ୍ତ ପାଇଁ ଆଠମଲ୍ଲିକ ଏଡିଓଙ୍କ ଅଧକ୍ଷତାରେ ଏକ ଯୁଗ୍ମ ତଦନ୍ତ କମିଟି ଗଠନ କରିଥିଲେ। ଚାଷୀଙ୍କୁ ସାର ଓ ଔଷଧ ବଣ୍ଟନ କରିବା ପରିବର୍ତ୍ତେ ଏହାକୁ ବିକ୍ରି କରି ଦିଆଯାଇଥିବା ଜଣାପଡ଼ିଥିଲା। ଏହି ବଡ଼ଧରଣର ଦୁର୍ନୀତିର ତଦନ୍ତ କରି କମିଟି ଦେଇଥିବା ରିପୋର୍ଟ ଆଧାରରେ ଏବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି।

# ପ୍ରାଣୀଧନ କେନ୍ଦ୍ରରେ ନାହିଁ ବିଦ୍ୟୁତ୍ ସଂଯୋଗ

**ଅନୁଗୋଳ,୧୧।୭(ସମିସ):** ସରକାର ମୌଳିକ ସୁବିଧା ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ୍ୟ ଖୋଦ ସରକାରୀ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବିଦ୍ୟୁତ ନ ଥିବାରୁ ପ୍ରାଣୀ ଚିକିତ୍ସା

**ପଶୁ ଚିକିତ୍ସା ସେବା ଠପ୍**



ଠପ୍ ହୋଇଯାଇଛି। ବଣ୍ଟାଁରପାଳ ବ୍ଲକ ମହୀଧରପୁର ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରରେ ପ୍ରାୟ ଦେଢ଼ ମାସ ହେଲା ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଗତ ମେ ୨୫ ତାରିଖ ଦାୟିତ୍ୱରେ ଥିବା ବିକ୍ରମ କୁମାର ସାହୁ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରିଥିଲେ। ବିଭିନ୍ନ ଦପ୍ତର ଦୌଡ଼ିବା ପରେ ବି ସମାଧାନ ହୋଇନାହିଁ। ଫଳରେ କୃମି ପରୀକ୍ଷା, ଟିକାକରଣ ଓ କୃତ୍ରିମ ପ୍ରଜନନ ଭଳି ସେବା ଠପ୍ ହୋଇଛି। ଏହି କେନ୍ଦ୍ର ଉପରେ ଆଖପାଖ ଅଞ୍ଚଳର ଚାଷୀ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସା ପାଇଁ ନିର୍ଭର କରନ୍ତି। ବିଦ୍ୟୁତ ନ ଥିବାରୁ ଫ୍ରିଜରେ ରଖିବାକୁ ଥିବା ଔଷଧ ନଷ୍ଟ ହେବା ଆଶଙ୍କା ସହ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ହିନ୍ଦୋଳ ସେକ୍ସନରୁ ବିଦ୍ୟୁତ ଆସିଥିଲେ ମଧ୍ୟ ଯନ୍ତ୍ରୀ ଓ ଏସଟିଓଙ୍କ ଅନୁପସ୍ଥିତି ଯୋଗୁଁ ସଂଯୋଗ ମିଳୁ ନ ଥିବା ଅଭିଯୋଗ ହୋଇଛି।

# ବାର୍‌ହା ଆକ୍ରମଣରେ ୩ ଗୁରୁତର

**ଅନୁଗୋଳ,୧୧।୭(ସମିସ):** ଅନୁଗୋଳ ଜିଲ୍ଲା ବନ୍ତଲା ବନାଞ୍ଚଳ ନୂଆକ୍ଷେତ ବିଟ୍ ବଡ଼ କନ୍ତକୂଳ ପଞ୍ଚାୟତ ସିନ୍ଦିରି ସାହିରେ ବାରହା ଆକ୍ରମଣରେ ତିନିଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ସିନ୍ଦିରି ସାହିର ଅଭୟ ସାମଲଙ୍କ ସ୍ତ୍ରୀ ସରୋଜିନୀ ସାମଲ (୬୫), ଶରତ ସାମଲଙ୍କ ପୁଅ ମଣ୍ଟୁ ସାମଲ (୨୮), ଲକ୍ଷ୍ମଣ ନାଏକଙ୍କ ପୁଅ ବିଟୁ ନାଏକ (୩୨)। ଶନିବାର ସକାଳେ ଘର ନିକଟ ବିଲରେ ସରୋଜିନୀ, ମଣ୍ଟୁ, ଏବଂ ବିଟୁ ତଳି ଜଗିଥିବା ବେଳେ ହଠାତ୍ ଜଙ୍ଗଲରୁ ବାରହା ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଫଳରେ ତିନିଜଣ



ଚିତ୍କାର କରିବାରୁ ଅନ୍ୟ ଲୋକମାନେ ଆସି ବାରହାକୁ ଘଉଡ଼ାଇବା ସହ ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ବିଭାଗୀୟ ଗାଡ଼ିରେ ତିନିଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସରୋଜିନୀଙ୍କ ହାତ, କାନ୍ଧ, ପିଠି, ପେଟରେ ଗଭୀର ଆଘାତ ଲାଗିଥିବା ବେଳେ ବିଟୁ ଓ ମଣ୍ଟୁଙ୍କ ଛାତି, ହାତ ଏବଂ ଗୋଡ଼ରେ ଆଘାତ ଲାଗିଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

■ କଟୁରିରେ ଆକ୍ରମଣ ମାମଲା

# ଦୋଷୀକୁ ୩ବର୍ଷ କାରାଦଣ୍ଡ

**ତାଳଚେର,୧୧।୭(ସମିସ):** ଜଣେ ବ୍ୟକ୍ତିଙ୍କୁ କଟୁରିରେ ଆକ୍ରମଣ କରି ୪ହଜାର ଟଙ୍କା ଛଡ଼ାଇନେବା ମାମଲାରେ ତାଳଚେର ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଧ୍ରୁବ ସୋଲାଙ୍କୀ ତାଳଚେର ଥାନା ଅନ୍ତର୍ଗତ ରେମୁଆଁ ନୂଆସାହିର ଲୋକନାଥ ପଟ୍ଟନାୟକକୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ କାରାଦଣ୍ଡ ସହ ୫ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୩ମାସ କାରାଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ ୨୦୨୬ ଫେବୃଆରୀ ୧୪ରେ ଭିକାରୀ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଋଣ ଟଙ୍କା ଆଦାୟ କରୁଥିବା ସମୟରେ ରେମୁଆଁ ନୂଆସାହିର ଟୁକୁନୁ ଓରଫ ଲୋକନାଥ ପଟ୍ଟନାୟକ ତାଙ୍କୁ ଅଟକାଇ କଟୁରିରେ ଆକ୍ରମଣ କରି ଜୋରଜବରଦସ୍ତ ୪ହଜାର ଟଙ୍କା ଛଡ଼ାଇ ନେଇଥିଲା। ଏନେଇ ଭିକାରୀ ତାଳଚେର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁକରି ଲୋକନାଥକୁ କୋର୍ଟଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟ ଆଧାରରେ ଅଦାଲତ ଲୋକନାଥକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଆସିଷ୍ଟାଣ୍ଟ ପବ୍ଲିକ ପ୍ରସିକ୍ୟୁଟର୍ ବିନୟ ନନ୍ଦ, ବିପୁଳ ବଳ, ତନୁଜା ପ୍ରଧାନ, ମାନସ ପରିଡ଼ା ମାମଲା ପରିଚାଳନା କରିଥିଲେ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

## ● ଗୁରତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

**ବଣ୍ଟାଁରପାଳ,୧୧।୭(ସମିସ):** ବଣ୍ଟାଁରପାଳ ଥାନା ଅନ୍ତର୍ଗତ ଗଡ଼ ବୁଢ଼ାପଙ୍କ ପଞ୍ଚାୟତ ପନ୍ଦରଭରଣିଆ ଗ୍ରାମର ସୁଶାନ୍ତ ସାହୁ ଶୁକ୍ରବାର ରାତି ୯ଟାରେ ଏମସିଏଲକୁ ଡ୍ୟୁଟି କରିବାକୁ ଯାଉଥିବା ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଛନ୍ତି। ଆକ୍ରମଣରେ ସୁଶାନ୍ତ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଏ ନେଇ ପୁଲିସକୁ ସୂଚନା ଦେଇଥିଲେ। ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ, ଏସ୍‌ଆଇ ଅମିତ୍ ମିଶ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସୁଶାନ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି। ଆକ୍ରମଣର କାରଣ ଜଣାପଡ଼ିନାହିଁ। ପୁଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ କରିଛି।

# ଶିକ୍ଷକ-ଅଭିଭାବକ ବୈଠକ



**ବଇଣ୍ଡା,୧୧।୭(ସମିସ):** ଅନୁଗୋଳ ଜିଲ୍ଲା ହଣ୍ଡପା ମହାନଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଶିକ୍ଷକ-ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଦ୍ୟାଳୟର କିପରି ବିକାଶ ହେବା ସହ ସମସ୍ତ ସମସ୍ୟା ସମାଧାନ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିସହ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ନୂତନ ଅଧ୍ୟକ୍ଷ ଭାବେ ବାପୁଜୀ ପ୍ରଧାନ, ଉପାଧ୍ୟକ୍ଷ ଭାବେ ରୀନା ପ୍ରଧାନଙ୍କୁ ଚୟନ କରାଯାଇଛି। ବୈଠକରେ ମୁନା ବିଶ୍ୱାଳ, ବିଶାଖା ଉମାନ୍ତ, ପଦ୍ମିନୀ ଜେନା, କବିତା ସ୍ୱାଇଁ, ଦିଲୀପ କୁମାର ସାହୁ, ଜ୍ୟୋସ୍ନାମୟୀ ବେହେରା, ଦୟାନିଧି ସାହୁ, ଲକ୍ଷେଶ୍ୱର ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଯୋଗଦେଇଥିଲେ। ନୂତନ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କୁ ହଣ୍ଡପା ପଞ୍ଚାୟତ ବିଜେପି ସଭାପତି ମହେଶ୍ୱର ଛତ୍ରିଆଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଛି।

# ଜରାଜୀର୍ଣ୍ଣ ସିଙ୍ଗଡ଼ା ନାଳ ବ୍ରିଜ ବିପଦପୂର୍ଣ୍ଣ

**କଣିହାଁ,୧୧।୭(ସମିସ):**

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ବାଲାଙ୍ଗୀ ଓ ନକନକା ଗ୍ରାମ ନିକଟରେ ସିଙ୍ଗଡ଼ା ନାଳ ଉପରେ ନିର୍ମିତ ବ୍ରିଜ ବର୍ତ୍ତମାନ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ

**୩୫ ବର୍ଷ ପୁରୁଣା ବ୍ରିଜର ଚଟାଣରେ ବଡ଼ ବଡ଼ ଫାଟ**

**ଚଳାଚଳ କରୁଛି ଶତାଧିକ ଭାରୀଯାନ, ଶୀଘ୍ର ମରାମତି ଦାବି**

ବିପଦସଙ୍କୁଳ ପୋଇପଡ଼ିଛି। ପ୍ରାୟ ୩୫ ବର୍ଷ ପୂର୍ବେ ଏନଟିପିସି ତାଳଚେର କଣିହାଁ ବିଦ୍ୟୁତ ପ୍ରକଳ୍ପ ନିର୍ମାଣ ସମୟରେ ଭାରୀ ଯନ୍ତ୍ରାଂଶ ପରିବହନ ଓ ଗୋଡ଼ିବନ୍ଧ ରାଜପଥ ୨୩ ଅଞ୍ଚଳକୁ ସଡ଼କ ସଂଯୋଗ ପାଇଁ ଏହି ବ୍ରିଜ



ନିର୍ମାଣ କରାଯାଇଥିଲା। ପରେ ଏହି ସଡ଼କ ଜାତୀୟ ରାଜପଥ ୫୩ର ଅଂଶରେ ପରିଣତ ହେବା ସହ କଣିହାଁ ଶିଳ୍ପାଞ୍ଚଳର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ପାଲଟିଛି। ଏହି ରାସ୍ତା ଦେଇ ଏନଟିପିସି, ଜେଆଇପିଏଲ, କଣିହାଁ କୋଇଲା ଖଣି ସମେତ ବିଭିନ୍ନ ଶିଳ୍ପସଂସ୍ଥାର ଶତାଧିକ କୋଇଲା, ପାଉଁଶ ବୋଝେଇ ଟ୍ରକ ଓ ଅନ୍ୟ ଭାରୀଯାନ ପ୍ରତିଦିନ ଚଳାଚଳ କରୁଛି। ଦୀର୍ଘ ବର୍ଷ ଧରି ଅତ୍ୟଧିକ ଚାପ ପଡ଼ିବା ଫଳରେ ବ୍ରିଜର ଚଟାଣ ବିଭିନ୍ନ ସ୍ଥାନରେ ଫାଟିଯିବା ସହ ଏହାର ଅବସ୍ଥା ଦିନକୁ ଦିନ ବିପଜ୍ଜନକ ହେବାରେ ଲାଗିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବ୍ରିଜର ମରାମତି କିମ୍ବା ସୁରକ୍ଷା ଯାଞ୍ଚ ନେଇ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ବ୍ରିଜର ବର୍ତ୍ତମାନ ସ୍ଥିତିକୁ ନେଇ ଯାତ୍ରୀ, ଚାଳକ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ବିଶେଷକରି ଭାରୀଯାନ ଚଳାଚଳ ସମୟରେ ବ୍ରିଜରେ କମ୍ପନ ଅନୁଭୂତ ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ଏହି ପରିସ୍ଥିତିରେ କଣିହାଁ ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଜନସାଧାରଣ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗକୁ ତୁରନ୍ତ ବ୍ରିଜ ବୈଷୟିକ ଯାଞ୍ଚ କରାଇ ଆବଶ୍ୟକ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଦାବି କରିଛନ୍ତି। ସମୟ ଥାଉ ଥାଉ ପଦକ୍ଷେପ ନିଆ ନ ଗଲେ ଭବିଷ୍ୟତରେ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା ଥିବା ସେମାନେ ପ୍ରକାଶ କରିଛନ୍ତି।

### ନିମ୍ନମାନର କାମ କରି ଓସିସି ଛୁ'

# ଧସୁଛି ଚିତ୍ରୋପ୍ଳା ନଦୀବନ୍ଧ; ତାଳି ପକାଉଛି ଜଳ ସମ୍ପଦ ବିଭାଗ

ଗରଦପୁର, ୧୧।୭ (ସମିସ)



ପୁଦୋଲୋ ଜଳସମ୍ପଦ ନଦୀବନ୍ଧ ଉପଖଣ୍ଡ କାର୍ଯ୍ୟାଳୟର ବେପରୁଆ ମନୋଭାବ ଯୋଗୁଁ ଚିତ୍ରୋପ୍ଳା ନଦୀବନ୍ଧ ଅତଡ଼ା ଖସିଲାଣି। ଦୁଇମାସ ତଳେ ପ୍ରାୟ ୧୨ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ନିର୍ମାଣ ନିଗମ ଦ୍ୱାରା ଏହି ନଦୀବନ୍ଧ କାମକୁ ମାଟି ଓ ଗୋଡି ପକାଇ ପୁନରୁଦ୍ଧାର ସହ କଳାବୁଦା ସେତୁଠାରୁ ପୁଦୋଲୋ ପର୍ଯ୍ୟନ୍ତ ପିଚୁ ହୋଇଥିଲା। ଉକ୍ତ ନଦୀବନ୍ଧ କାମକୁ ପୁଦାଲୋ ନଦୀବନ୍ଧ ଉପଖଣ୍ଡ ବା ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ତଦାରଖ କରୁଥିଲେ। ତେବେ ବିଭାଗୀୟ ଖାମଖିଆଲି ଓ ଉଦାସୀନତା ଯୋଗୁଁ ଏବେ ନଦୀବନ୍ଧର ପହଣା, ପଦିଆ, ଜିରାଳ, ତିକନପୁର ଓ ଉଦକମଳଠାରେ ଅତଡ଼ା ଖସିବାକୁ ବସିଛି। ସେପଟେ ଓଡ଼ିଶା ନିର୍ମାଣ ନିଗମ ନିମ୍ନମାନର କାମ ଶେଷ କରି ଛୁ ହେବା ସହିତ ଝାଡ଼ିଝୁଡ଼ି ହୋଇ ବସିଛି। ଏହି ନଦୀବନ୍ଧ ଧସିବା ଦ୍ୱାରା ନଦୀକୂଳିଆ ଅଧିବାସୀ ଆଶଙ୍କା ଭିତରେ ଅଛନ୍ତି। ଯଦି ବିଭାଗ ନଦୀବନ୍ଧ ଧସିବା ଜାଗା ମରାମତି ଓ ବନ୍ୟା ନିୟନ୍ତ୍ରଣ ସହ ପାଣି ରୋକିବା ପାଇଁ ସଠିକ ଭାବେ କାମ ନ କେ, ତେବେ ନଦୀରେ ବନ୍ୟା ଆସିଲେ ଧସିଥିବା ସ୍ଥାନରେ ଘାଇ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଗ୍ରାମବାସୀ କହିଛନ୍ତି। ଏପରି ସ୍ଥଳେ ଜଳସମ୍ପଦ ବିଭାଗ ପିଚୁ ହୋଇଥିବା ଓ ଧସିଥିବା ସ୍ଥାନରେ ନାଲି ମାଟି ପକାଇ ତାଳି ପକାଇ ଗ୍ରାମବାସୀଙ୍କ ଅସନ୍ତୋଷକୁ ଚାପି ଦେବାରୁ ବସିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ରାମବାସୀଙ୍କ ଯାତାୟାତ ପାଇଁ ବିଭିନ୍ନ ଗଡ଼ା କରି ପିଚୁ ହୋଇଥିବା ସ୍ଥାନରୁ ଫେରା ଫେରା ପିଚୁ ଉଠିଗଲାଣି। ମାତ୍ର ଦୁଇମାସ ତଳେ ପିଚୁ ହୋଇଥିଲେ ମଧ୍ୟ ଅସରାଏ ବର୍ଷାରେ ପିଚୁ ଧୋଇ ହୋଇ ମାଟି ଦେଖାଯାଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ଧସିଥିବା ସ୍ଥାନରେ ମରାମତି କାର୍ଯ୍ୟ ଚାଲିଛି। ନଦୀରେ ବନ୍ୟା ଆସିଲେ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରାଯାଇପାରିବ ବୋଲି କହିଥିଲେ। ଗତବର୍ଷ ବନ୍ୟାରେ ପଦିଆ, ତିକନପୁର ଓ ରସିଲାବାଠାରେ ଘଳିଆ ପଡ଼ିଥିଲା। ଏହାଛଡା ନଦୀରେ ମାତ୍ର ୧୦ ଲକ୍ଷ କ୍ୟୁସେକ ଜଳ ଆସିଲେ, ନଦୀବନ୍ଧ ଯେଉଁଭଳି ଭାବେ ନିର୍ମିତ ହୋଇଛି, ଧସିଥିବା ସ୍ଥାନରେ ମଧ୍ୟ ଘଳିଆ ପଡ଼ିପାରେ। ତେବେ କୌଣସି ଅଘଟଣ ଘଟିଲେ ଜଳସମ୍ପଦ ବିଭାଗ ହିଁ ଦାୟୀ ରହିବ ବୋଲି ଅଞ୍ଚଳବାସୀ କହିଛନ୍ତି।

### ରାଜନୀତିର ଏନ୍ତୁଡ଼ିଶାଳ ଗରଦପୁର ଓସ୍ତିଆ ଘଡ଼େଇ ସାହି ବିକାଶରୁ ବଞ୍ଚିତ

# ନାହିଁ ପକ୍କା ରାସ୍ତା, କାଦୁଅରେ ଘାଣ୍ଟି ହେଉଛନ୍ତି ୫୦ ପରିବାର

କେନ୍ଦ୍ରାପଡ଼ା,୧୧।୭ (ସମିସ): ଯେଉଁ ପାଟକୁରା ନିର୍ବାଚନମଣ୍ଡଳୀକୁ ରାଜ୍ୟ ରାଜନୀତିର ଏନ୍ତୁଡ଼ିଶାଳ ବୋଲି କୁହାଯାଏ, ସେହି ମଣ୍ଡଳୀର ଏକ ଛୋଟ ସାହି ଆଜି ବି ବିକାଶର ମୌଳିକ ସୁବିଧାରୁ ବଞ୍ଚିତ ରହିଛି। ଗରଦପୁର ପୋଲ ମୁଣ୍ଡ ନିକଟସ୍ଥ ଓସ୍ତିଆ ଘଡ଼େଇ ସାହିର ପ୍ରାୟ ୫୦ଟି ପରିବାର ବର୍ଷ ବର୍ଷ ଧରି ରାସ୍ତା, ପରିମଳ ଓ ଯାତାୟାତ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଜୀବନ ବିତାଉଛନ୍ତି। ଏହି ସାହିର ଚିତ୍ର ସରକାରୀ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନ ଉଠାଉଛି। ସାହିକୁ ପ୍ରବେଶ କରିବା ମାତ୍ରେ ଦେଖିବାକୁ ମିଳେ କାଦୁଅ ଓ ପାଣିରେ ଭର୍ତ୍ତି ରାସ୍ତା। ଘରୁ ବାହାରିଲେ ଆଣ୍ଠୁଏ ପାଣି ଓ ପଚପଚ କାଦୁଅ ଅତିକ୍ରମ କରିବାକୁ ପଡୁଛି। ବର୍ଷାଦିନେ ଏହି ସମସ୍ୟା ଅଧିକ ଭୟଙ୍କର ରୂପ ନେଉଥିବାବେଳେ ଅନ୍ୟ ସମୟରେ ମଧ୍ୟ ରାସ୍ତାର ଅବସ୍ଥାରେ ବିଶେଷ ସୁଧାର ଦେଖିବାକୁ ମିଳୁନାହିଁ। ଏହାର ସବୁଠାରୁ ଅଧିକ ପ୍ରଭାବ ପଡୁଛି ସ୍କୁଲ ପଢୁଆ ପିଲାଙ୍କ ଉପରେ। ପ୍ରତିଦିନ କାଦୁଅ ରାସ୍ତା ଦେଇ ବିଦ୍ୟାଳୟ ଯିବା ସେମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇପଡ଼ିଛି। ଅନ୍ୟପକ୍ଷରେ ଗର୍ଭବତୀ ମହିଳା, ବୃଦ୍ଧ ଓ ଅସୁସ୍ଥ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ନେବାକୁ ହେଲେ ପରିବାର ଲୋକଙ୍କୁ ନାକେଦମ ହେବାକୁ ପଡୁଛି। ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ପହଞ୍ଚିବା ମଧ୍ୟ କଷ୍ଟସାଧ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କେବଳ ଯାତାୟାତ ନୁହେଁ, ଅପରିଷ୍କାର ପରିବେଶ ଓ ଜମି ରହୁଥିବା ପାଣି ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ବଢ଼ିଚାଲିଛି। ସାହିରେ



ବାରମ୍ବାର ଥଣ୍ଡା, ଜ୍ୱର ଓ ଅନ୍ୟାନ୍ୟ ଋତୁଜନିତ ରୋଗ ଦେଖାଦେଉଥିବାବେଳେ ସ୍ୱଚ୍ଛ ପରିବେଶର ଅଭାବ ଏହାକୁ ଆହୁରି ଗମ୍ଭୀର କରୁଛି। ସ୍ଥାନୀୟ ବାସିନ୍ଦା ମିଥୁନ ଘଡ଼େଇ, ବାପିନା ଘଡ଼େଇ, ମଣ୍ଟୁଆ, ଆଲୋକ, ଅଖୁନା, ଜନକ, ଲୋକନାଥ, ଅଶୋକ ଓ ଜଟିଆଙ୍କ ସମେତ ସାହିବାସୀଙ୍କ କହିବା ଅନୁସାରେ, ସେମାନେ ବହୁଥର ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ନିର୍ବାଚନ ସମୟରେ ପ୍ରତିଶ୍ରୁତି ମିଳୁଥିବାବେଳେ ଭୋଟ ସରିଗଲେ ସାହିର ଦୁଃଖକୁ ସମସ୍ତେ ଭୁଲିଯାଉଥିବା ଅଭିଯୋଗ ମଧ୍ୟ କରିଛନ୍ତି। ସାହିବାସୀଙ୍କ ଦାବି କେନାଲ କୂଳ ରାସ୍ତାକୁ ପକ୍କା କରାଗଲେ ସେମାନେ ସିଧାସଳଖ ଗରଦପୁର ବ୍ରିଜ ନିକଟକୁ ସହଜରେ ଯାତାୟାତ କରିପାରିବେ। ଏହାଦ୍ୱାରା ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ରୋଗୀ, କୃଷକ ଓ ଦୈନନ୍ଦିନ ଶ୍ରମିକସମସ୍ତଙ୍କ ଜୀବନ ଯଥେଷ୍ଟ ସହଜ ହୋଇପାରିବ। ବିକାଶର ଅର୍ଥ କେବଳ ବଡ଼ ବଡ଼ ପ୍ରକଳ୍ପ କିମ୍ବା ସରକାରୀ ଘୋଷଣା ନୁହେଁ; ବରଂ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ତାହାର ପ୍ରତିଫଳନ ହେବା ଦରକାର। ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପାଟକୁରା ନିର୍ବାଚନମଣ୍ଡଳୀର ଏହି ସାହିର ଅବହେଳିତ ଚିତ୍ର ସ୍ଥାନୀୟ ବିକାଶ ବ୍ୟବସ୍ଥାର ବାସ୍ତବତାକୁ ପଦାରେ ପକାଇଛି। ସମ୍ପୃକ୍ତ ବିଭାଗ ଓ ଜନପ୍ରତିନିଧି କେବଳ ପ୍ରତିଶ୍ରୁତିରେ ସୀମିତ ନରହି ତୁରନ୍ତ କେନାଲ କୂଳ ରାସ୍ତାକୁ ପକ୍କା କରିବା ସହ ଆବଶ୍ୟକ ମୌଳିକ ସୁବିଧା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଚାରା ରୋପଣ



ରାଜନଗର,୧୧।୭ (ସମିସ): ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜାତୀୟ ସେବା ଯୋଜନା ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଅମୀୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ବୃକ୍ଷ ହିଁ ଜୀବନ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। କଲେଜ ପରିସରରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ବୃକ୍ଷରୋପଣ କରିଥିଲେ। ଜାତୀୟ ସେବା ଯୋଜନା ପକ୍ଷରୁ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡ. ଆଲୋକ ବେହେରା, ଅଧ୍ୟାପକ ଅଭିମନ୍ୟୁ ରାଉତ, ପର୍ଶୁରାମ ନାଥ, ବିଚିତ୍ରାନନ୍ଦ ପାଣି, ପୁଷ୍ପରଞ୍ଜନ ରାଉତ, ଅଭିଜିତ ଖୁଣ୍ଟିଆ, ଦିଲ୍ଲୀପ ମହାରଥା, ରଞ୍ଜନ ଦଳାଇ, ପ୍ରସନ୍ନ ଦାସ, ଅଧ୍ୟାପିକା ପୁଷ୍ପା ଜୋଜୋ, କ୍ରୀଡ଼ା ଶିକ୍ଷକ ରାଧାକାନ୍ତ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

## ବାପୁଜୀ ବିଦ୍ୟାଶ୍ରମରେ ବନ ମହୋତ୍ସବ



ପଟ୍ଟାମୁଣ୍ଡାଇ,୧୧।୭ (ସମିସ): ବଳଭଦ୍ରପୁର ବାପୁଜୀ ବିଦ୍ୟାଶ୍ରମ ସବୁଜ ବାହିନୀ ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ହାଡ଼ିବନ୍ଧୁ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରକୃତିବନ୍ଧୁ କବି ହେମନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଉପକାରିତା, ଆଗାମୀ ପିଢ଼ି ପାଇଁ ଏହାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ମୁଖ୍ୟବକ୍ତା, ବନରକ୍ଷୀ ତ୍ରିଦେବ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ରବୀନ୍ଦ୍ର ପରିଡା, ଆନନ୍ଦ ମଲ୍ଲିକ, ଗୀତାରାଣୀ ପାତ୍ର, ଶିକ୍ଷକ ପଣ୍ଡିତ ଅଲେଖ ଦାଶ, ଶରତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କବି ଶତ୍ରୁଘ୍ନ ତରାଇ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଓ ଅତିଥିମାନେ ବୃକ୍ଷ ରୋପଣ କରିଥିଲେ।

## ସମାଜସେବୀଙ୍କ ପରଲୋକ



ରାଜନଗର,୧୧।୭ (ସମିସ): ମହୁଲିଆ ପଞ୍ଚାୟତ କଣି ଗ୍ରାମର ସମାଜସେବୀ ଶ୍ରୀଧର ସାମଲଙ୍କ ପରଲୋକ ହୋଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ସାମଲ ଦୁର୍ଘଟଣାର ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବାବେଳେ ଆଜି ତାଙ୍କର ମୃତ୍ୟୁ ଘଟିଛି। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଜନ୍ମେଜୟ ସାମଲ ମୁଖାଗ୍ନି ଦେଇଥିଲେ।

## ନୂଆ କାମରେ ପୁରୁଣା ରଡ୍ ବ୍ୟବହାର ଅଭିଯୋଗ



ମହାକାଳପଡ଼ା,୧୧।୭ (ସମିସ): ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ବିବି କଲୋନୀରେ ଚାଲିଥିବା ଏକ ନିର୍ମାଣ କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନ ଉଠିଛି। ନୂତନ ନିର୍ମାଣ କାମରେ ପୁରୁଣା ଲୁହା ରଡ୍ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏଥିସହ କାମ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନ ଥିବାରୁ ପ୍ରକଳ୍ପର ନାମ, ଅନୁମୋଦିତ ଅର୍ଥରାଶି, କାର୍ଯ୍ୟନିର୍ବାହୀ ସଂସ୍ଥା ଓ କାମର ସମୟସୀମା ସମ୍ପର୍କରେ ସାଧାରଣ ଲୋକ ଅବଗତ ହୋଇପାରୁନାହାନ୍ତି। ଏକ ବନ୍ଧ ନିକଟରେ ହେଉଥିବାରୁ ଜଳସମ୍ପଦ ବିଭାଗର କାର୍ଯ୍ୟ ବୋଲି ଆଶଙ୍କା କରାଯାଉଛି। ସ୍ଥାନୀୟ ଲୋକଙ୍କ ମଧ୍ୟରେ କାମର ସ୍ୱଚ୍ଛତା ଓ ଗୁଣବତ୍ତା ନେଇ ସନ୍ଦେହ ପ୍ରକାଶ ପାଇଛି। ଏହାର ତଦନ୍ତ କରି ପ୍ରକୃତ ସ୍ଥିତି ସ୍ପଷ୍ଟ କରିବା ସହ ଅନିୟମିତତା ଥିଲେ, ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ବିଘ୍ନେଶ ପଟ୍ଟାମୁଣ୍ଡାଇ ନଗର ବିଜେପି ଦଳିତ ମୋର୍ଚ୍ଚା ସଭାପତି

ପଟ୍ଟାମୁଣ୍ଡାଇ,୧୧।୭ (ସମିସ): ପଟ୍ଟାମୁଣ୍ଡାଇରେ ବିଜେପି ସଂଗଠନକୁ ଅଧିକ କ୍ରିୟାଶୀଳ କରିବାକୁ ପଟ୍ଟାମୁଣ୍ଡାଇ ନଗର ବିଜେପି ପକ୍ଷରୁ ଦଳିତ ମୋର୍ଚ୍ଚା ସଭାପତି ଓ ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ନିଯୁକ୍ତି କର ଯାଇଛି। ୧୬ନଂ ୱାର୍ଡର ବିଘ୍ନେଶ ମଲିକ ଦଳିତ ମୋର୍ଚ୍ଚା ସଭାପତି ଓ ୧୧ନଂ ୱାର୍ଡର ସେକ ମକସୁଦ ଅଲ୍ଲୀଙ୍କୁ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ମନୋନୀତ କରାଯାଇଛି। ଶ୍ରୀ ମଲିକ ଓ ସେକ ମକସୁଦ ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ଲଳିତ ବେହେରା, ଜିଲ୍ଲା ସଭାପତି ଶଶାଙ୍କ ସେଠୀ ଓ ପଟ୍ଟାମୁଣ୍ଡାଇ ନଗର ସଭାପତି ଅଶୋକ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶଶୀକାନ୍ତଙ୍କ ପରିବାରକୁ ଭେଟିଲେ ବିଭିନ୍ନ ନେତୃବୃନ୍ଦ

ଡେରାବିଶ, ୧୧।୭ (ସମିସ): ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ନରଣପଡ଼ା ଗ୍ରାମର ବାପପୁଅଙ୍କ ଶାବଳ ମାଡ଼ରେ ମୃତ୍ୟୁବରଣ କରିଥିବା ଶଶୀକାନ୍ତ ଦାସଙ୍କ ଶୋକସନ୍ତପ୍ତ ପରିବାରକୁ ଆଜି ବିଭିନ୍ନ ଦଳର ନେତୃବୃନ୍ଦ ଭେଟି ସମବେଦନା ଜଣାଇଛନ୍ତି। ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା ସ୍ୱର୍ଗତ ଦାସଙ୍କ ନରଣପଡ଼ାସ୍ଥ ବାସଭବନରେ ପହଞ୍ଚି ବାପାବୋଉ, ବିଧବା ପତ୍ନୀ ଓ ପିଲାଙ୍କୁ ସମବେଦନା ଜଣାଇଛନ୍ତି। ଶ୍ରୀ ପରିଡ଼ାଙ୍କ ସହ ବିଜେପି ନେତା ସ୍ମାରକ ମହାନ୍ତି, ଜିତେନ୍ଦ୍ର ପଣ୍ଡା, ଶରତ ମଲିକ, ମଦନମୋହନ ସାହୁ, ଭଞ୍ଜନ ମହାନ୍ତି, ଦୀପ୍ତିକାନ୍ତ ସାହୁ, ପ୍ରସନ୍ନଜିତ୍ ଭୂୟାଁ, ରତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାଟକୁରାର କଂଗ୍ରେସ ନେତା ଡକ୍ଟର ରତିକାନ୍ତ କାନୁନ୍‌ଗୋ ଶଶିକାନ୍ତଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଶ୍ରୀ କାନୁନ୍‌ଗୋଙ୍କ ସହିତ ଉମେଶ ତ୍ରିପାଠୀ, ସୁଧିର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାହ୍ମଣୀରେ ପୁଣି କୁମ୍ଭୀର ଆତଙ୍କ

# ଶୌଚ ହେବାକୁ ଯାଇଥିବା ମହିଳାଙ୍କୁ ଆକ୍ରମଣ



**ପିନ୍ଧା ଲୁଗା ଫୋପାଡ଼ି ଜୀବନ ବଞ୍ଚାଇଲେ ମହିଳା**

ପଟ୍ଟାମୁଣ୍ଡାଇ,୧୧।୭ (ସମିସ): ବ୍ରାହ୍ମଣୀ ନଦୀରେ ପୁଣି କୁମ୍ଭୀର ଆତଙ୍କ ଦେଖାଦେଇଛି। ଅମୃତମଣୋହି ପଞ୍ଚାୟତରେ ଆଜି ଜଣେ ମହିଳା କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି। ସେଠୀ ସାହିର ବେଙ୍ଗୁଲି ସେଠୀ (୫୮) ଶୌଚ ହେବାକୁ ବ୍ରାହ୍ମଣୀ ନଦୀକୁ ଯାଇଥିବାବେଳେ ଲୁଚି ରହିଥିବା ଏକ କୁମ୍ଭୀର ତାଙ୍କ ଲୁଗା ସହିତ ଗୋଡ଼କୁ ଧରି ଟାଣି ନେବାକୁ ଚେଷ୍ଟା କରିଥିଲା। ମହିଳା ଜଣକ ସାହସିକତାର ସହିତ ନିଜର ପିନ୍ଧା ଲୁଗା ନଦୀ ମଧ୍ୟରେ ଫୋପାଡ଼ି ଦେଇ ଜୀବନ ବିକଳରେ କୂଳକୁ ପଳାଇ ଆସିଥିଲେ। ଏ ଖବର ପ୍ରଚାରିତ ହେବା ପରେ ନଦୀ କୂଳକୁ ଲୋକଙ୍କ ସୁଅ ଛୁଟିଥିଲା। ପଟ୍ଟାମୁଣ୍ଡାଇ ଧୋୟାଅଞ୍ଚଳର ବ୍ରାହ୍ମଣୀ ନଦୀରେ ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟୁ ବାରୁ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ, ଜଙ୍ଗଲ ବିଭାଗ କର୍ତ୍ତୃପକ୍ଷ ତୁରନ୍ତ ଅମୃତମଣୋହି ସମେତ ବ୍ରାହ୍ମଣୀ ନଦୀର ବିଭିନ୍ନ ଘାଟରେ ସୁରକ୍ଷା ବାଡ଼ ନିର୍ମାଣ କରିବା ପାଇଁ ଅମୃତମଣୋହି ସରପଞ୍ଚ ନିରୁପମା ଦାସ, ଯୁବନେତା ସିଦ୍ଧାର୍ଥ ଦାସ, ଜ୍ୟୋତି ପ୍ରକାଶ ଦାସ, ବାଣୀପ୍ରସାଦ ସେଠୀ, ସୁରେନ୍ଦ୍ର ସେଠୀ ପ୍ରମୁଖ ଦାବି କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସଭା ଓ ପୁସ୍ତକ ଉନ୍ମୋଚନ



ପଟ୍ଟାମୁଣ୍ଡାଇ,୧୧।୭ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ନୀଳକଣ୍ଠେଶ୍ୱର ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ତପସ୍ୱିନୀ ପଟ୍ଟନାୟକ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଜନୀକାନ୍ତ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବ୍ଲକ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ମୁଖ୍ୟଅତିଥି, ପ୍ରାକ୍ତନ ପଟ୍ଟାମୁଣ୍ଡାଇ ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରେମବାଳା ମହାପାତ୍ର ମୁଖ୍ୟବକ୍ତା, ଆଳି ବ୍ଲକ ପ୍ରାକ୍ତନ ସହକାରୀ ଶିକ୍ଷାଧିକାରୀ ଉଦକର ସାମଲ, ରାଜ୍ୟ ଶିକ୍ଷକ ସଂଘ ସଭାପତି ମଳୟ ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ ଦାସ, ସିଆରସିସି ନମିତା ସାହୁ ଓ ସଙ୍ଘମିତ୍ରା ନାୟକ, ପଟ୍ଟାମୁଣ୍ଡାଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅରକ୍ଷିତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ନୀଳକଣ୍ଠପୁର ସ୍କୁଲ ବିକାଶରେ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହିତ ସମ୍ବର୍ଦ୍ଧନା କରିଥିଲେ। ଏ ଅବସରରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ଉପରେ ରଚିତ ପୁସ୍ତକ ଅନନ୍ୟାକୁ ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ଉନ୍ମୋଚନ କରିଥିଲେ। ପ୍ରଧାନଶିକ୍ଷକ ରଜନୀକାନ୍ତ ଦାଶ ସ୍ୱାଗତ ଭାଷଣ ଓ ସୁକନ୍ୟା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାବିତ୍ରୀ ସାହୁ ଧନ୍ୟବାଦ ଦେଇଥିଲେ।

## ଜାତୀୟ ରଗ୍‌ବୀ ପାଇଁ ବିକ୍ରମ, ଅଭିଜିତ ମନୋନୀତ



କେନ୍ଦ୍ରାପଡ଼ା,୧୧।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ରଗବୀ ଖେଳ ପାଇଁ ଗୌରବର ମୁହୂର୍ତ୍ତ। ଜିଲ୍ଲା ରଗବୀ ଆସୋସିଏସନର ଦୁଇ ଉଦୀୟମାନ ଖେଳାଳି ବିକ୍ରମ ସୋରେନ ଓ ଅଭିଜିତ ପ୍ରଧାନ ଜାତୀୟ ଜୁନିୟର ରଗ୍‌ବୀ ଚାମ୍ପିୟନସିପ୍ ପାଇଁ ରାଜ୍ୟ ଦଳରେ ସ୍ଥାନ ପାଇଛନ୍ତି। ଉଭୟ ଖେଳାଳି ହାଇଦ୍ରାବାଦରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ଚୟନ ଶିବିରରେ ଉଭୟ ଖେଳାଳି ନିଜର ଦକ୍ଷତା, ଫିଟନେସ୍ ଓ ଖେଳ କୌଶଳର ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ସଫଳତା କେବଳ ଦୁଇ ଖେଳାଳିଙ୍କ ପାଇଁ ନୁହେଁ, ବରଂ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଗର୍ବର ବିଷୟ ହୋଇଛି। ଏହା କ୍ରୀଡ଼ାପ୍ରେମୀ ମହଲରେ ଖୁସିର ଲହରି ଖେଳାଇ ଦେଇଛି। ଏହା ଜିଲ୍ଲାର ଅନ୍ୟ ଯୁବ ଖେଳାଳିଙ୍କୁ ରଗ୍‌ବୀ ଖେଳ ପ୍ରତି ଆକର୍ଷିତ କରିବ ବୋଲି ଆଶା କରାଯାଉଛି। ଜିଲ୍ଲା ରଗ୍‌ବୀ ଆସୋସିଏସନ ସଭାପତି ଲୋହିତ ମହାନ୍ତି କହିଛନ୍ତି, ଜିଲ୍ଲା ରଗବୀ ଆସୋସିଏସନ ପାଇଁ ଏହା ଏକ ଐତିହାସିକ ସଫଳତା। ଆଗାମୀ ଦିନରେ ଜିଲ୍ଲାରୁ ଆହୁରି ଅଧିକ ଖେଳାଳି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ସଫଳତା ହାସଲ କରିବେ ବୋଲି ମୁଁ ଆଶା କରୁଛି। ଆସୋସିଏସନର ସମ୍ପାଦକ ସିଲନ ସାମନ୍ତରାୟ, ପ୍ରଶିକ୍ଷକ ରବୀନ୍ଦ୍ର ପଣ୍ଡା ମଧ୍ୟ ଦୁଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଜନଗର,୧୧।୭ (ସମିସ): ଆଜି ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ୬ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଅଧ୍ୟକ୍ଷ ଅମୀୟ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସଂଯୋଜକ ତଥା ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରାଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟ୍ରେନର ପ୍ରୀତିପ୍ରଭା ରାଉତ ୫୦ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଅଧ୍ୟାପିକା ପ୍ରଣତୀ ନାୟକ, ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଓ ଅଧ୍ୟାପକ ପ୍ରତାପ ସ୍ୱାଇଁ ଯୋଗଦେଇ ବାଳିକାଙ୍କୁ ଆତ୍ମରକ୍ଷା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

## ଝାଡ଼ମାଳ ଗାଁ ଢଳେଇ ରାସ୍ତା କାଦୁଅ ପଚ ପଚ



ରାଜକନିକା,୧୧।୭ (ସମିସ): ଖାଲି ପାଦରେ ଗାଁ ରାସ୍ତାରେ ଚାଲି ହେଉନାହିଁ। ମାଟି ରାସ୍ତା ଭଳି କାଦୁଅ ପଚ ପଚ। ଯାତାୟାତରେ ବହୁ ଅସୁବିଧା ହେବାରୁ ବ୍ଲକଠାରୁ ଆରମ୍ଭ କରି ସବୁଠି ଗୁହାରୀ କଲେ। ନିରାଶ ହୋଇ ଢଳେଇ ରାସ୍ତା ଉପରେ ଭଙ୍ଗା ଇଟା ଗୁଣ୍ଡ ଓ କୋଇଲାଡଷ୍ଟ ପକାଇ ଯିବାଆସିବା କରୁଛନ୍ତି। ଏ ହେଉଛି କାଟଣାବଣିଆ ପଞ୍ଚାୟତ ଝାଡ଼ମାଳ ଗାଁ ରାସ୍ତାର ଅବସ୍ଥା। ବର୍ଷା ହେବା ମାତ୍ରେ ଏହି ଢଳେଇ ରାସ୍ତା କାଦୁଅରେ ଭର୍ତ୍ତି। କେଉଁଠି ପାଣି ବି ଜମି ରହିଛି। ଗାଁରେ ଶତାଧିକ ପରିବାର ବସବାସ କରୁଥିବାବେଳେ ଦୈନିକ ଘରୁ ବାହାରିଲେ ହୀନସ୍ତା ଭୋଗୁଛନ୍ତି। ପିଲା ସ୍କୁଲ ଯିବାକୁ ଅସୁବିଧା ଭୋଗୁଛନ୍ତି। ଏଭଳି ରାସ୍ତା ପାଇଁ ସଂକ୍ରମଣ ମଧ୍ୟ ବଢ଼ିବାରେ ଲାଗିଛି। ପଞ୍ଚାୟତର ଏହି ଗାଁ ବ୍ଲକର ସୀମାନ୍ତରେ ଅବସ୍ଥିତ ଥିବାବେଳେ ଗାଁ ପାଖକୁ ବ୍ରାହ୍ମଣୀ ନଦୀ ରହିଛି। ଗାଁ ଦାଣ୍ଡର ଅବସ୍ଥା ସୁଧାରିବାକୁ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ପବିତ୍ରପଡ଼ା ରଥଯାତ୍ରା ପ୍ରସ୍ତୁତି ବୈଠକ

ଡେରାବିଶ,୧୧।୭ (ସମସ): ଡେରାବିଶ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ପବିତ୍ରପଡ଼ା ଗ୍ରାମର ବଟ ମହାପୁରୁଷ ଗ୍ରାମ୍ୟ କମିଟି ପକ୍ଷରୁ ଚଳିତ ବର୍ଷ ଶ୍ରୀଶ୍ରୀ ପତିତପାବନଜୀଉଙ୍କ ରଥଯାତ୍ରା ପାଇଁ ସଭାପତି ସ୍ମାରକ ମହାନ୍ତିଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ୧୬ ତାରିଖ ଗୁରୁବାର ଦିନ ଶ୍ରୀଗୁଣ୍ଡିଚା ଅବସରରେ ଅପରାହ୍ନ ୩ଟାରେ କବିସୂର୍ଯ୍ୟ ବ୍ରାହ୍ମ ମଠ ମନ୍ଦିରରୁ ପହଣ୍ଡି ବିଜେହୋଇ ପତିତପାବନଜୀଉ ରଥାରୁଢ଼ ହେବା ପରେ ଛେରା ପହଁରା ଓ ରଥଟଣା ଆରମ୍ଭ ହେବ। ସନ୍ଧ୍ୟା ସୁଦ୍ଧା ଶ୍ରୀଶ୍ରୀ ବଟଗୋସେଇଁଙ୍କ ପୀଠ ଗୁଣ୍ଡିଚା ମନ୍ଦିରରେ ରଥ ଲାଗିଲା ପରେ ପହଣ୍ଡି କରାଯିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରତ୍ୟେକ ଦିନ ଆଡପ ମଣ୍ଡପରେ ଅନ୍ନ ପ୍ରସାଦ ଲାଗି କରାଯିବା ସହିତ ବାହୁଡା ଯାତ୍ରା ୨୪ ତାରିଖ ଶୁକ୍ରବାର ଦିନ ଅନୁଷ୍ଠିତ ହେବ ଓ ୨୭ ତାରିଖ ସନ୍ଧ୍ୟାରେ ମା' ଲକ୍ଷ୍ମୀ ଦେବୀଙ୍କର ମାନଭଞ୍ଜନ ଓ ଶ୍ରୀଜିଉଙ୍କ ନୀଳାଦ୍ରି ବିଜେ ସହିତ ରସଗୋଲା ଲାଗି କରାଯିବା ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା। ବୈଠକରେ ସାଗରିକା ମହାନ୍ତି, ପରେଶ ଦାସ, ଅକ୍ଷୟ ରାଉଳ, ପ୍ରଭାକର ବେହେରା, ଉନ୍ମେଷ ସାହୁ, ନରେନ୍ଦ୍ର ବେହେରା, ନାରାୟଣ ରାଉଳ, ସୁବ୍ରତ ବେହେରା, ଲକ୍ଷ୍ମଣ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ବିପଦସଙ୍କୁଳ ଅବସ୍ଥାରେ ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ

## ନାହିଁ ସୁରକ୍ଷା ବାଡ଼, ଝୁଲୁଛି ଛିଣ୍ଡା ବିଦ୍ୟୁତ୍ ତାର



ପଞ୍ଚୁପାଣ୍ଡବ,୧୧।୭ (ସମିସ): ଡେରାବିଶ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଲାଗିଛି ଲକ୍ଷାଧିକ ଟଙ୍କାର ଷ୍ଟ୍ରିଟଲାଇଟ୍। ସେଥିରୁ ଶତାଧିକ ଲାଇଟ୍ ଅଚଳ ହୋଇଥିବା ଅଭିଯୋଗ ହେଉଛି। ବିଭିନ୍ନ ଯୋଜନାରୁ ଲାଗିଥିବା ଲାଇଟ୍ କିଛି ଦିନ ପରେ ଅଚଳ ହୋଇ ପଡ଼ିରହିଥିବାବେଳେ ରକ୍ଷଣାବେକ୍ଷଣ ପାଇଁ କାହାରି ନଜର ପଡୁନାହିଁ। ଠିକାଦାର ଅତି ନିମ୍ନମାନର ଲାଇଟ୍ ଲଗାଇ ଥିବାରୁ ଏମିତି ଭୋଗିବାକୁ ପଡୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଏହା ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଏତୁଣ୍ଡି ଆଦର୍ଶ ଗ୍ରାମର ସାହୁ ସାହିରେ ଦେଖିବାକୁ ମିଳୁଛି। ଏହି ଲାଇଟ୍ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ଆଦର୍ଶ ଯୋଜନାରୁ ଲଗାଯାଇଥିଲା। କିଛିଦିନ ପରେ ଲାଇଟ୍ ଅଚଳ ହୋଇଥିବା ଅଭିଯୋଗ କରିଥିଲେ ସୁଦ୍ଧା ପ୍ରାୟ ଦୁଇବର୍ଷ ମଧ୍ୟରେ ବାରମ୍ବାର ଲାଇଟ୍ ଅଚଳ ହେବା ଓ ସୁରକ୍ଷା ବାଡ଼ ପାଇଁ ପଞ୍ଚାୟତ ହେଉ କିମ୍ବା ଠିକାଦାର କେହି ଶୁଣୁ ନ ଥିବା ଅଭିଯୋଗ ହେଉଛି। ଖୋଲା ମେଲାରେ ବିଦ୍ୟୁତ୍ ତାର ଛିଣ୍ଡି ପଡ଼ିଥିବା ଦେଖିବାକୁ ମିଳୁଛି। ଏହି ରାସ୍ତାରେ ଗୋରୁଗାଈ ଓ ଗ୍ରାମବାସୀ ଯାତାୟାତ କରୁଥିବାବେଳେ କେତେବେଳେ ଅଘଟଣ ଘଟିପାରେ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯାଇ ସୁରକ୍ଷା ପାଇଁ ପାଚେରି ଓ ଛିଣ୍ଡା ବିଦ୍ୟୁତ୍ ତାରକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବିଶ୍ୱ ଜନ ସଂଖ୍ୟା ଦିବସରେ କେନ୍ଦ୍ରାପଡ଼ାକୁ ରାଜ୍ୟସ୍ତରୀୟ ସମ୍ମାନ

# ପରିବାର ନିୟୋଜନ କାର୍ଯ୍ୟକ୍ରମରେ ତୃତୀୟ

କେନ୍ଦ୍ରାପଡ଼ା,୧୧।୭ (ସମିସ)



ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥ କୃଷି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାକୁ ସମ୍ମାନିତ କରାଯାଇଛି। ପରିବାର ନିୟୋଜନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ଡ. ବୃନ୍ଦା ଡି ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ସନ୍ତୋଷ ପାଢ଼ୀ କେନ୍ଦ୍ରାପଡ଼ା ଜିଲ୍ଲା ପକ୍ଷରୁ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡେପୁଟି ମ୍ୟାନେଜର (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଡ. ସୁକାନ୍ତ କୁମାର ପ୍ରଧାନ ଓ ଜିଲ୍ଲା ଭ୍ୟାକ୍ସିନ୍ ଲଜିଷ୍ଟିକ୍ ମ୍ୟାନେଜର ଅବିନାଶ ଦାସଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ଏ ଅବସରରେ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, ନର୍ସିଂ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ (ମାତୃ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ଡ. ମୁରଲୀଧର ପାଢ଼ୀ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂସ୍ଥାର ପ୍ରତିନିଧି, ଜାତୀୟ ସ୍ୱାସ୍ଥ୍ୟ ମିଶନର ବରିଷ୍ଠ ପରାମର୍ଶଦାତା, ବିଭିନ୍ନ ଡେଭଲପମେଣ୍ଟ ପାର୍ଟନର ଓ ସମସ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ।

**ପୁରୁଷ ବନ୍ଧ୍ୟାକରଣ ସେବା ପାଇଁ ସଚ୍ଚିଦାନନ୍ଦ ମିଶ୍ର ସମ୍ବର୍ଦ୍ଧିତ**

ଅନ୍ୟପକ୍ଷରେ, ୨୦୨୫-୨୬ ବର୍ଷ ପାଇଁ ପୁରୁଷ ବନ୍ଧ୍ୟାକରଣ ସର୍ଜନ ଭାବେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ମଧ୍ୟ ରାଜ୍ୟସ୍ତରରେ ମାନପତ୍ର ସହ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲାର ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର୍. ଆୟର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଜିଲ୍ଲା ମିଶନ ନିର୍ଦ୍ଦେଶିକା ଡ. ନମିତା ପଟ୍ଟନାୟକ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ଏହି ସଫଳତା ପରିବାର କଲ୍ୟାଣ କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗର ନିରନ୍ତର ପ୍ରୟାସ ଓ ଜନସହଭାଗିତାର ଏକ ଉଲ୍ଲେଖନୀୟ ସ୍ୱୀକୃତି ବୋଲି ମନେ କରାଯାଉଛି।

ସୃଜନିକା

ସକାଳ
THE SAKALA
www.sakalaepaper.com

# ମମି





**ମୋନାଲିସା ପରିଡ଼ା**

ଆଜି ଶେଷ ରଜ। ସଜବାଜ ହେଇ ପସନ୍ଦର ଶାଢ଼ିଟେ ପିନ୍ଧିଲି। ଘରୁ ବାହାରି ଯାଉ ଯାଉ ହଠାତ୍ କାହିଁକି ଇଚ୍ଛା ହେଲା, ଆଉ ଥରେ ନିଜକୁ ଟିକେ ଆଇନାରେ ଦେଖି ନିଅନ୍ତିନି! ଫେରି ଆସିଲି ଆଇନା ସାମ୍ନାକୁ।

ଆରେ ବାଃ! ମୁଁ ତ ଆଜି ବଢ଼ିଆ ଦିଶୁଛି। ମୋବାଇଲ୍‌ଟା କାଢ଼ି କେତେଟା ସେଲ୍‌ଫି ନେଲି। ଧେତ୍! ଗୋଟାଏ ବି ମନକୁ ପାଇଲା ଭଳିଆ ପୋଜ୍ ନଥିଲା। ଭଲ ଫଟୋଟେ ପାଇଁ କସରତ ଚଲେଇଲି।

"ଆରେ ମତେ ଦେ। ମୋ ଗେହ୍ଲୀ ଝିଅର ବଢ଼ିଆ ଫଟୋଟେ ମୁଁ ଉଠାଇ ଦେବି।" ମମିଙ୍କ ସ୍ୱର ଶୁଣି ମୁଁ ଚମକି ପଡ଼ିଲି। ପଛକୁ ବୁଲି ଚାହିଁଲି। ମୁହଁରେ ଧୀରେ ସ୍ନେହବୋଳା ହସ ନେଇ ସେ ମୋ ପାଖରେ ଛିଡ଼ା ହୋଇଥିଲେ।

"ମମି, ତମେ ଫଟୋ ଉଠେଇବ? ହଉ ଉଠାଅ।" ତାଙ୍କ ହାତକୁ ଫୋନ୍‌ଟା ବଢ଼ାଇ ଦେଲି। ସେ ଅତି ଆଗ୍ରହରେ ଫଟୋ କେତେଟା ଉଠାଇଲେ। ତା'ପରେ ମୋ ଆଡ଼କୁ ଚାହିଁ ଫିକ୍ କିନା ହସିଦେଲେ।

ପଚାରିଲେ, "ଦେଖିଲୁ, କେମିତି ଉଠିଛି?"

ଆଶ୍ଚର୍ଯ୍ୟ ହେଇଗଲି। ଫଟୋରେ ମୁଁ ଖୁବ୍ ସୁନ୍ଦର ଦିଶୁଥିଲି। "ଆରେ, ବଢ଼ିଆ ଉଠେଇଛ ତ! କିଏ ଶିଖେଇଲା? ବଡ଼ଦି?"

ମୋ ଗାଲକୁ ଚିପିଦେଇ ସେ କହିଲେ, "ଦେଖିଲୁ, ମୁଁ ବି ତମମାନଙ୍କଠୁ କମ୍ ନୁହେଁ।" ଦୁହେଁ ହସି ପକାଇଲୁ।

ତାଙ୍କୁ ଜାବୁଡ଼ି ଧରି କହିଲି, "ଦୁନିଆର ସବୁ କାମ ମୋ' ମମିଙ୍କୁ ଜଣା। ତୁମ ପରି ଆଉ କିଏ ହେବ?"

ରଜ ମଉଜ ଭିତରେ ଦିନଟା କେମିତି କଟିଗଲା ଜଣାପଡ଼ିଲାନି। ଟିକେ ଜଲଦି ଶୋଇପଡ଼ିଲି। ହଠାତ୍ ନିଦଟା ଭାଙ୍ଗିଗଲା। ଘଣ୍ଟା ଉପରେ ନଜର ପଡ଼ିଲା। ଭୋର୍ ୪ଟା। ଖଟ ପାଖରେ ମମିଙ୍କୁ ଦେଖି ଚମକି ପଡ଼ିଲି। ମୋ ମଥା ଆଉଁଷି ଦେଇ କହିଲେ, "ଝିଅ ତତେ ମଶା କାମୁଡୁଛନ୍ତି କି? ମଶାଧୂପ ଲଗାଇ ଦେବି?"

ମୁଁ କହିଲି, "ନାଁ। ତୁମେ ଯାଅ ଶୋଇପଡ଼ିବ।" ମମି ଚାଲିଗଲେ।

"ମା' ଟିକେ ଆସିଲୁ। ଜଲ୍‌ଦି ଆସ!" ବାପାଙ୍କ ଡାକରେ ଧଡ଼ପଡ଼ ହେଇ ଉଠିପଡ଼ିଲି। କ'ଣ ହେଲା? କିଛି ବୁଝି ପାରୁନଥିଲି। ପୁଣି ଥରେ ବାପାଙ୍କ ଡାକ ଶୁଣି ମୁଁ ମମିଙ୍କ ଶୋଇବା ଘରକୁ ଦୌଡ଼ିଗଲି। ଚଟାଣ ଯାକ ପାଣି, ଗିଲାସର କାଚଖଣ୍ଡଗୁଡ଼ା ବିଛାଡ଼ି ହେଇ ତଳେ ପଡ଼ିଥିଲା। ଆଉ ମମି ଖଟ ଉପରେ ନିସ୍ତେଜ ହେଇ ପଡ଼ିଥିଲେ। ବାପା କହିଲେ, "ଦେଖିଲୁ ଟିକେ ମମିକୁ। କ'ଣ ହୋଇଛି ତା'ର।"

"ମନା କରିଥିଲି ନା, ଖରା ହଉଛି ଆମ୍ବ ଖାଅନି। କିନ୍ତୁ ମୋ କଥା କିଏ ଶୁଣୁଛି? ଏବେ ଗ୍ୟାସ୍ ହୋଇଗଲା ନା...ଦେଖିଲ।" ତାଙ୍କ ଅବସ୍ଥା ଦେଖି ଏସବୁ ମୁଁ ବିରକ୍ତିରେ ବକିଗଲି। ହେଲେ ମମି ନିର୍ବିକାର। ଉଁ...ଚୁଁ...କିଛି କରୁ ନଥିଲେ। ଏମିତି କ'ଣ ମଣିଷ ଶୁଅନ୍ତି! ଖଟ ଉପରକୁ ଚଢ଼ିଯାଇ ମୁଁ ତାଙ୍କୁ ଡାକିଲି, ଟିକେ ହଲେଇ ଦେଲି। ହେଲେ ସେ କାଠଟେ ପରି ପଡ଼ିଥିଲେ। କିଛି ବି ପ୍ରତିକ୍ରିୟା ନଥିଲା। ଆଖି ବି ଖୋଲୁ ନଥିଲେ। ବାପା ଆଉ ମୁଁ ପରସ୍ପରକୁ ଚାହିଁଲୁ। ବାପାଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ମୁଁ ତାଙ୍କୁ ସାହସ ଦେଇ କହିଲି, "ମମିଙ୍କର ଗରମରେ ଚେତା ବୁଡ଼ି ଯାଇଥିବ। ଏଇ ଦଶପନ୍ଦର ମିନିଟ୍ ଆଗରୁ ପରା ମୋ ପାଖକୁ ଆସିଥିଲେ। ଚାଲ ଡାକ୍ତରଖାନା ନେଇଯିବା।" ମନଟା କାହିଁ କେଜାଣି ଅଶାନ୍ତ ହୋଇପଡୁଥିଲା। ବାଟ ଯାକ ଏଣୁତେଣୁ କଥା ମନକୁ ଘାଣ୍ଟି ଚାଲିଥିଲା। ନିଜକୁ ଅଟକେଇ ପାରୁ ନଥିଲି ମୁଁ।

ଡାକ୍ତରଖାନାରେ ପହଞ୍ଚୁ ପହଞ୍ଚୁ ମମିକୁ ସିଧା ଆଇସିୟୁକୁ ନେଇଗଲେ। ଡାକ୍ତର କହିଲେ, "ବ୍ରେନ୍ ଷ୍ଟ୍ରୋକ୍ ହୋଇଛି...ବଞ୍ଚିବା ଆଶା କମ୍...ଆମେ ସର୍ଜରି କରିଦେବୁ। କିନ୍ତୁ ସବୁ ଭଗବାନଙ୍କ ହାତରେ।" ଆପେ ଆପେ ଠାକୁରଙ୍କ ଉଦ୍ଦେଶ୍ୟରେ ଦୁଇହାତ ଉପରକୁ ଟେକି ହୋଇଗଲା- "ହେ ପ୍ରଭୁ! ମମିଙ୍କୁ ଭଲ କରିଦିଅ।" ହସକୁରୀ ମଣିଷଟା ମୁହଁରୁ କାହିଁକି ଏମିତି ହସ ଛଡ଼ାଇ ନେଲ! ଅସ୍ତ୍ରୋପଚାର ହେଲା, ମମି ଷ୍ଟ୍ରେଚର୍‌ରେ ବୁହା ହୋଇ ଘରକୁ ଆସିଲେ। ପାଟିରେ ଖାଦ୍ୟନଳୀ, ନାକରେ ଅକ୍ସିଜେନ୍। ଡାକ୍ତର କହିଲେ, "ପରିବାର ସଙ୍ଗେ ରହନ୍ତୁ। ଧୀରେ ଧୀରେ ସେ ସୁସ୍ଥ ହେବେ।" ମମି ଖାଲି ମୋତେ ଚାହୁଁଥିଲେ। କେବେ କେବେ ହାତ ହଲାଉଥିଲେ, ଯେମିତି ଅନେକ କଥା କହିବାକୁ ଅଛି, ସେ କହିପାରୁନାହାନ୍ତି। ବେଳେବେଳେ ତାଙ୍କ ଓଠ ଥରୁଥିଲା, ମୁଁ ଆଶାରେ ପାଖକୁ ଦୌଡ଼ି ଆସୁଥିଲି-ମମି ବୋଧେ କଥା କହିବେ। ବାରମ୍ବାର ନିରାଶ ହେଉଥିଲି। ସେ ଆମ ଭିତରେ ଥିଲେ, କିନ୍ତୁ ନଥିଲେ! ଅସୀମ ଧୈର୍ଯ୍ୟର ସହ ମୁଁ ଅପେକ୍ଷା କରୁଥିଲି ତାଙ୍କ ସୁସ୍ଥତାକୁ। ହେଲେ ଭଗବାନ ତାଙ୍କୁ ଆମ ପାଖରେ ରଖିବାକୁ ଚାହିଁଲେନି।

ବାହାଘରର ପ୍ରାୟ ବର୍ଷକ ପରେ ରଜରେ ଘରକୁ ଆସିଲି। ଘରେ ପଶୁ ପଶୁ ପାଦଟାକୁ ଯେମିତି ତାଙ୍କ ଶୋଇବା ଘର ଆଡ଼କୁ କିଏ ଟାଣିନେଲା। କାନ୍ଥରେ ଲାଗିଥିବା ତାଙ୍କ ଫଟୋକୁ ଚାହିଁଲି।

"ଝିଅ! ଝିଅ!!" ମୋ କାନରେ ବାଜିଲା ମମିଙ୍କ ସ୍ନେହଭରା ସ୍ୱର। ଠିକ୍ ତୃତୀୟ ରଜରେ ଯେମିତି ଶେଷ ଥର ପାଇଁ ସେ ମୋତେ ଡାକିଥିଲେ। ମୁଁ କାନେଇଲି, ଯେଉଁଆଡୁ ତାଙ୍କ ସ୍ୱରଟା ଆସୁଥିଲା।

ଛୋଟ ବେଳେ ମୁଁ ନିଜକୁ ଦୁନିଆର ସବୁଠୁ ଶକ୍ତିଶାଳୀ ମଣିଷଟେ ବୋଲି ଭାବୁଥିଲି। କାରଣ ଟିକିଏ ଅସୁବିଧା ହେଲେ ମମି ମୋ ପଛରେ କାନ୍ଥ ଭଳି ଠିଆ ହେଉଥିଲେ। ଆଉ ମୁଁ ତାଙ୍କ ସ୍ନେହର ଫାଇଦା ଉଠେଇ ଛୋଟ ଛୋଟ କଥାରେ ରୁଷୁଥିଲି। ମୁଁ ବେଙ୍ଗ ପରି ମୁହଁ ଫୁଲାଇ ବସିପଡୁଥିଲି... ଆଉ ତାଙ୍କ ଆସିବା ବାଟକୁ ଅନେଇ ରହୁଥିଲି। ତାଙ୍କ ପାଉଁଜି ଶବ୍ଦ ଶୁଭିବା କ୍ଷଣି ତକିଆରେ ମୁହଁମାଡ଼ି ଶୋଇବାର ଅଭିନୟ କରୁଥିଲି। ସେ ସବୁ ଜାଣୁଥିଲେ, କିନ୍ତୁ ମୋତେ ଅତି ସ୍ନେହରେ ବୁଝାଇ ଦେଉଥିଲେ।

ରୁମ୍‌ଝୁମ୍...ରୁମ୍‌ଝୁମ୍!! ମମିଙ୍କ ପାଉଁଜି ତ ଏମିତି ଶୁଭେ! ପୁଣି କାନେଇଲି, କୋଉଠୁ ଏ ଶବ୍ଦ ଆସିଲା! ମୁଁ ପ୍ରଥମ ଦରମା ପାଇଲା ଦିନ ତାଙ୍କ ପାଇଁ ଏ ପାଉଁଜି ହଳକ କିଣି ଆଣିଥିଲି। ସେ ମୋତେ କହିଥିଲେ, "ମୋ ପାଇଁ କାହିଁକି କିଣି ଆଣିଲୁ? ମୁଁ କ'ଣ ନୂଆ ବୋହୂଟେ?" ହେଲେ ତାଙ୍କ ଆଖିର ଔଜ୍ଜ୍ୱଲ୍ୟରୁ ମୁଁ ପଢ଼ି ପାରୁଥିଲି ସେ କେତେ ଖୁସି!

ପୁରୁଣା ଦିନଗୁଡ଼ାକ ମନେ ପଡୁଥିଲା। ମମି ପାଖରେ ବସି ମଥା ଆଉଁଷି କହୁଥିଲେ, "ଆଜି କ'ଣ ଖାଇବୁ କିଲୋ, କହୁନୁ। ରାନ୍ଧି ଦେବି।" ପୁଣି ଯୁବତୀ ଝିଅଟାକୁ ପାଖରେ ବସେଇ ଖୁଆଇ ଦେଉଥିଲେ। ଅଫିସ୍ ବାହାରିଲା ବେଳେ ପଛେ ପଛେ ଦୌଡ଼ି ଆସୁଥିଲେ, "ଝିଅ ବ୍ୟାଗଟା ନବୁନି କି? ବର୍ଷାତିଟା ବି ନେଇଯା'। ମେଘ ଉଠେଇଛି।" ମୁଁ ଥିଲି ତାଙ୍କର କଥାକୁହା ଚଢ଼େଇ! ମୋର କଥା କୁଆଡ଼େ ଭାରି ମିଠା। ହେଲେ ଆଜି ତାଙ୍କ ଚଢ଼େଇ ଚୁପ୍ ପଡ଼ିଯାଇଛି।

ଚମକି ପଡ଼ିଲି। ମମି ପାଖକୁ ଆସିଲେ ତାଙ୍କ ଶାଢ଼ିଟା ତ ଏମିତି ବାସେ! ମୋ ପାଟିରୁ ସ୍ୱତଃ ବାହାରି ଆସିଲା, "ମମି! ମମି!!" ଆଖି ମଳି ଘର ଭିତରକୁ ଚାହିଁଲି। ସବୁ କିଛି ନୀରବ, ନିଶ୍ଚଳ। ମମି ଯେମିତି ଏକ ଲୟରେ ଫଟୋ ଭିତରୁ ମୋତେ ଚାହିଁଥିଲେ। ତାଙ୍କ ମୁହଁରେ ଲାଖିଥିବା ଧୀରେ ହସ ମିଳେଇ ଯାଉଥିଲା। ମୁଁ ଥରୁଥିଲି। ମୋ ଦେହସାରା ଗମ୍‌ଗମ୍ ଝାଳ। ■

ଶିଶୁଆ, ବେଣ୍ଟକାର, କଟକ
ମୋ: ୭୦୦୮ ୬୧୯ ୬୧୨

# ଖରାବେଳ



**ମମତା ଦାଶ**

ଖରା ନିଜ ତାପରେ ନିଜେ ଜଳିବା
କିଏ ଦେଖିଛି କି ମୋ' ଛଡ଼ା?
ଯେଉଁ କୁଆମାନେ ଅମୋକ୍ଷ ଆମ୍ବଗୁଡ଼ିଏ ଭଳି
କା କା କରୁଥାନ୍ତି ଏମିତି ଖରାବେଳେ
ଜଳି ଯାଆନ୍ତି କି ସେ ଭିତରୁ ଗୋଟେ ଯୋଡ଼େ?

ଗରମ ପିଚୁ ତଳା ହେଉଥିବା ରାସ୍ତାରୁ
ଛିଟିକି ପଡୁଥାଏ ହାହାକାର
ବୁଲା କୁକୁର, ଗାଇମାନଙ୍କ ଶୋଷରୁ
ନିଗୁଡୁ ଥାଏ ହାହାକାର
ମୋ' ଛାତ ଉପର ଫୁଲ କୁଣ୍ଡରେ
ଏକୁଟିଆ ଧଳା ଗୋଲାପର
ଲୁହ ମୋ' ଛାତିର ହାହାକାରକୁ ଛୁଏଁ।
ମୁଁ ଖଟ ଉପରେ ଛଟପଟ ହୁଏ।
ସ୍ୱପ୍ନଟିଏ ମୋ ଆଖି ପତାରେ ପାଦ ରଖେ
ଓ ସଙ୍ଗେ ସଙ୍ଗେ ଜଳି ପୋଡ଼ି ଯାଏ।


ପିଲାଦିନେ ବୋଉ ସାନ ଭାଇକୁ
ଛାତିରେ ଜାକି ଧରି ଶୋଇ ଥାନ୍ତି ଖରାବେଳେ
ମୁଁ ତାଙ୍କ ପିଠିର ନାଲି ଜାଇକୁ
ଛୁଇଁବାକୁ ଚାହିଁ ବି ଛୁଇଁ ପାରେନି
କି ଗୋଟାଏ ହାହାକାର ପେଟ ଭିତରେ
ଗୋଳେଇ ଘାଣ୍ଟି ହୁଏ।

ସେଦିନୁ ଆଜି ଯାଏଁ ଗୋଟିଏ
ଲମ୍ବା ଖରାବେଳ, ଚାଲିଛି ତ ଚାଲିଛି
ଆଉ ଗୋଟିଏ ପାଖରେ ଶୀର୍ଣ୍ଣ ଜଳ ପ୍ରବାହ
ବହୁଛି ତ ବହୁଛି, କେବେ ଅଟକି ଯାଇ
ଗଡୁଛି କଇଁ କାଦୁଅ ଶିଉଳି ଦଳ।

ଆଜି ଏ ଖରାବେଳେ
ମୁଁ ଜଣଙ୍କୁ ଫୋନ ଲଗାଉଛି
ସେ ଉଠାଉ ନାହିଁ।
କାଲି ବି ଉଠାଇ ନଥିଲା
ପରଦିନ ବି।
ମୁଁ ତାକୁ କହିଥିଲି ନା ମୋର
ଏ ଖରାବେଳ ଜଞ୍ଜାଳ କଥା?
ମୋର ଏକେଲାପଣର ଛଟପଟ କଥା?
ସେ ଜାଣି ନଜାଣିଲା ଭଳି ହସି ଦେଇଥିଲା
ତା'ର ହସ ଏତେ ଦାତୁଆ ଯେ
ମୋ ହାହାକାରକୁ
ଟିକି ଟିକି କାଟି ଦେଇଥିଲା ସେଦିନ,
ରକ୍ତ ପୋଛିବା ବେଳଠୁ ପୁଣି ଥରେ
ହାହାକାରଟେ ଗଢ଼ି ହେବା ଭିତରେ
ନିମିଷଟିଏ।
ନିମିଷଟିଏ
ଭାବିଲି ଯେ ମୁଁ ତାକୁ ଭଲପାଏ। ■

ମୋ: ୯୪୩୮୧୦୬୩୧୭

# ମାଛ



**ବାଦଲ ମହାନ୍ତି**

ବଡ଼ ନିରୀହ ତା' ଆଖି
ସୁନ୍ଦର ଓ ଢଳଢଳ ବି
ପାଣି ଓ ଲୁହର ରଙ୍ଗ ଏକା ବୋଲି
କେହି ଜାଣନ୍ତିନି, ସେ କାନ୍ଦେ କି ନାହିଁ ।।

ସୁଆଦିଆ ତା' ମାଂସ
ବାସ୍ ଏତିକି ଜଣାପଡ଼ିବା ପରେ
ତେଣ୍ଟା, ବନିଶୀ, ଜାଲ, ପୋହଳ
ତାକୁ ମାରିବାକୁ ବାହାରିଲା
ଜାତିକା ଜାତିକା ଅସ୍ତ୍ର ।

ମୁକ୍ତ ଭାବେ ପହଁରିବାରେ ଥାଏ ତା' ମୃତ୍ୟୁ
ସେ ବୁଝେନା ଏତକ ।

ପାଣି ଶୁଖେ, ପଙ୍କ ବି
ବିଚରା ଲୁଚିବ ତ ଲୁଚିବ କୋଉଠି,
ଲୋଭଠୁ ଲୁଚିବା କ'ଣ ଏତେ ସହଜ?

ବେଳେବେଳେ ମାଛ ଦେଖି
ଲାଳ ବୋହେ ମୋର
ମୋତେ ଦେଖି ଏମିତି ହଉଥିବ କି
ମୋ ପ୍ରିୟ ଶତ୍ରୁମାନଙ୍କର?

ଛଳନାର ଜାଲମାଡ଼ରୁ
ବର୍ତ୍ତି ଯାଇଥିବା ମାଛ
ପୁଣି ଥରେ କୂଳକୁ ଆସେ
ଜୀବନ ଓ ଜୀବିକା ଦାୟରେ
ତା' ନିରୀହପଣ, ତା' ଅସହାୟତା
ତା' ସରଳତା ହିଁ ତା' ମାଛଧର୍ମ ।

ହେଲେ ତା' ମରିବାର ଭାଗ୍ୟ କିନ୍ତୁ
ଯେତିକି ନିର୍ମମ ସେତିକି ବି ସାଧାରଣ
ମାଛ ଜାଣେ ଏ କଥା ।

ତେଣୁ ମାଛ ପହଁରେ
ମୁକ୍ତ ଓ ସ୍ୱଚ୍ଛନ୍ଦରେ
ଆହା, କି ଶାନ୍ତି, ପହଁରିବାରେ? ■

ପ୍ଲଟ ନଂ-୫୧୩, ନୂଆସାହି
ନୟାପଲ୍ଲୀ, ଭୁବନେଶ୍ୱର-୧୨
ମୋ : ୯୭୭୮୦୩୫୭୬୭



# ସରଳା ଦେବୀଙ୍କ ସାହିତ୍ୟରେ ଦେଶପ୍ରେମର ସ୍ୱର



**ମିନାକ୍ଷୀ ଦ୍ୱିବେଦୀ**

ଓଡ଼ିଶାର ସାରସ୍ୱତ ଜଗତରେ ସରଳା ଦେବୀ ଏକ ଅନନ୍ୟ, ଅନୁପମ ଓ ଉଜ୍ଜ୍ୱଳ ନକ୍ଷତ୍ର। ଯେଉଁ ସମୟରେ ନାରୀର ଅସ୍ତିତ୍ୱ ଘରର ଚାରିକାନ୍ଥ ମଧ୍ୟରେ ସୀମିତ ଥିଲା, ସେହି ସମୟରେ ସରଳା ଦେବୀ କେବଳ କଲମ ଧରି ନଥିଲେ, ସେହି କଲମକୁ ସମାଜ ସଂସ୍କାର, ନାରୀ ଜାଗରଣ ଏବଂ ଜାତୀୟଚେତନାର ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିଥିଲେ। ଏକାଧାରରେ ସେ ଥିଲେ ଜଣେ ପ୍ରତିଭାସମ୍ପନ୍ନ ଲେଖିକା, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଅଗ୍ରଣୀ ନେତ୍ରୀ। ତାଙ୍କ ସାହିତ୍ୟରେ କେବଳ ଭାଷାର ମାଧୁର୍ଯ୍ୟ କିମ୍ବା କଳ୍ପନାର ବିଳାସ ନଥିଲା। ଥିଲା ସମାଜର ନିପୀଡ଼ିତ ମଣିଷ ପାଇଁ ଗଭୀର ସହାନୁଭୂତି, ଅନ୍ୟାୟ ବିରୁଦ୍ଧରେ ଦୃଢ଼ ପ୍ରତିବାଦ ଏବଂ ମାନବିକ ମୂଲ୍ୟବୋଧ ପ୍ରତି ଅଟଳ ବିଶ୍ୱାସ। ତାଙ୍କ ସମଗ୍ର ସାହିତ୍ୟ ଜୀବନ ଥିଲା ସମାଜକୁ ଜାଗ୍ରତ ଓ ସଚେତନ କରିବାର ଏକ ନିରନ୍ତର ପ୍ରୟାସ।

ସରଳା ଦେବୀ ଅଳ୍ପବୟସରୁ ସାହିତ୍ୟ ପ୍ରତି ଆକର୍ଷିତ ହୋଇଥିଲେ। ମାସିକ ପତ୍ରିକା 'ପରିଚାରିକା'ରେ ତାଙ୍କ ରଚିତ 'ଧୈର୍ଯ୍ୟଶାଳୀ ସାମ୍ରାଜ୍ଞୀ- ଶୈବ୍ୟା', 'କଳ୍ପିତ ମୃତ୍ୟୁ', 'ପ୍ରତୀକ୍ଷା' ଆଦି ଲେଖା ପ୍ରକାଶିତ ହୋଇ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ସେହିପରି ଅଳକା ଆଶ୍ରମରୁ ପ୍ରକାଶିତ ହାତଲେଖା ପତ୍ରିକା 'ଅଳକା'ଠାରୁ ଆରମ୍ଭ କରି 'ସହକାର', 'ନବ ଭାରତ' ଆଦି ଓଡ଼ିଶାର ପ୍ରସିଦ୍ଧ ପତ୍ରପତ୍ରିକାରେ ତାଙ୍କର ଲେଖାଗୁଡ଼ିକ ପ୍ରକାଶ ପାଇ ପାଠକମାନଙ୍କ ସୁଦୃଷ୍ଟି ଆକର୍ଷଣ କରିପାରିଥିଲା। 'ଭାରତୀୟ ମହିଳା ପ୍ରସଙ୍ଗ' ଓ 'ନାରୀ ଜଗତ' ହେଉଛି ତାଙ୍କର ଦୁଇଟି ଉଚ୍ଚକୋଟୀର ପ୍ରବନ୍ଧ ପୁସ୍ତକ। ଏଥିରେ ବିଭିନ୍ନ ରାଷ୍ଟ୍ରରେ ଦେଖା ଦେଇଥିବା ନାରୀ ଜାଗରଣ ସଂପର୍କରେ ଆଲୋଚନା କରାଯାଇଛି। ସେ ନାରୀକୁ କେବଳ ପୂଜାର ଦେବୀ କିମ୍ବା ପୁରୁଷର ଅଧୀନସ୍ଥ ଭାବରେ ଦେଖିବା ପ୍ରଥାର ଘୋର ବିରୋଧ କରିଥିଲେ। ତାଙ୍କ ମତରେ ନାରୀ ପ୍ରଥମେ ଜଣେ ମଣିଷ, ତେଣୁ ତାହାର ଶିକ୍ଷା, ସ୍ୱାଧୀନତା ଓ ସମ୍ମାନର ଅଧିକାର ପୁରୁଷ ସହ ସମାନ ହେବା ଉଚିତ। ସେହିପରି ତାଙ୍କର କାଳଜୟୀ ପ୍ରବନ୍ଧ ସଂକଳନ 'ନାରୀର ଦାବି' ଓଡ଼ିଆ ସାହିତ୍ୟରେ ଏକ ମାଇଲଖୁଣ୍ଟ ସ୍ୱରୂପ। ଏହି ଗ୍ରନ୍ଥରେ ସେ ନାରୀର ଅର୍ଥନୈତିକ ସ୍ୱାବଲମ୍ବନ, ଶିକ୍ଷାର ସମାନ ସୁଯୋଗ, ବିବାହରେ ସମାନ ମର୍ଯ୍ୟାଦା ଏବଂ ପିତୃ ସମ୍ପତ୍ତି ଉପରେ ଅଧିକାର ସମ୍ବନ୍ଧରେ ଅତ୍ୟନ୍ତ ପ୍ରଗତିଶୀଳ ମତ ପ୍ରକାଶ କରିଥିଲେ। ତାଙ୍କ ବିଚାରରେ ସମାଜର ଅଧା ଜନସଂଖ୍ୟା ଯଦି ଅବହେଳିତ ରୁହନ୍ତି, ତେବେ କୌଣସି ଜାତି ପ୍ରକୃତ ଅର୍ଥରେ ଉନ୍ନତି କରିପାରିବ ନାହିଁ । ସରଳା ଦେବୀଙ୍କ ଅନ୍ୟତମ ଉଲ୍ଲେଖନୀୟ ଗ୍ରନ୍ଥ 'ବିଶ୍ୱ ବିପ୍ଳବିଣୀ'। ଏହି ପୁସ୍ତକରେ ସେ ବିଶ୍ୱର ବିଭିନ୍ନ ଦେଶର ସାହସୀ, ସଂଗ୍ରାମୀ ନାରୀମାନଙ୍କ ଜୀବନ ଓ କାର୍ଯ୍ୟର ପରିଚୟ ଦେଇ ଓଡ଼ିଆ ନାରୀମାନଙ୍କ ମନରେ ଆତ୍ମବିଶ୍ୱାସ ଓ ସାହସ ସଞ୍ଚାର କରିବାକୁ ପ୍ରୟାସ କରିଥିଲେ।

ସରଳା ଦେବୀଙ୍କ ସାହିତ୍ୟିକ ଜୀବନର ଅନ୍ୟ ଏକ ଉଜ୍ଜ୍ୱଳ ଦିଗ ହେଉଛି ତାଙ୍କର ଦେଶାତ୍ମବୋଧ ଏବଂ ସ୍ୱାଧୀନତା ସଂଗ୍ରାମ ପ୍ରତି ସକ୍ରିୟ ସମର୍ଥନ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। 'ଉତ୍କଳ ସାହିତ୍ୟ', 'ସହକାର' ଓ 'ନବଭାରତ' ପରି ପତ୍ରିକାରେ ପ୍ରକାଶିତ ତାଙ୍କ ଲେଖାଗୁଡ଼ିକ ତତ୍କାଳୀନ ଯୁବ ସମାଜକୁ ସ୍ୱଦେଶପ୍ରେମ ଓ ଆତ୍ମତ୍ୟାଗର ଆଦର୍ଶରେ ଉଦ୍‌ବୁଦ୍ଧ କରିଥିଲା। ତାଙ୍କ ରଚିତ ଐତିହାସିକ ଗ୍ରନ୍ଥ 'ବୀର ରମଣୀ' ଭାରତୀୟ ଇତିହାସର ବୀରାଙ୍ଗନାମାନଙ୍କ ଜୀବନଗାଥାକୁ ସଜୀବ ଭାବରେ ଉପସ୍ଥାପନ କରି ନାରୀ ଶକ୍ତିର ଗୌରବକୁ ପ୍ରତିଷ୍ଠା କରିଛି। ସେହିପରି ତାଙ୍କର 'ବାଲ୍ୟ ବିବାହ' ପୁସ୍ତିକା ତତ୍କାଳୀନ ସମାଜରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା। ତାଙ୍କ ଗଳ୍ପ ଓ ପ୍ରବନ୍ଧ ଗୁଡ଼ିକରେ ବାଲ୍ୟ ବିଧବାମାନଙ୍କ ଦୁଃଖ, ସମାଜର ଦ୍ୱିଚାରିତା ଏବଂ ନିପୀଡ଼ିତ ଶ୍ରେଣୀର ଜୀବନ ସଂଗ୍ରାମର ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବେ ଚିତ୍ରଣ କରାଯାଇଛି।

ସରଳା ଦେବୀ ଓଡ଼ିଆ ସମାଲୋଚନା ସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଥିଲେ। ତାଙ୍କର 'ରବିନ୍ଦ୍ର ପୂଜା' ପୁସ୍ତକ ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁରଙ୍କ ସାହିତ୍ୟ ଓ ଦର୍ଶନ ଉପରେ ଏକ ଉଚ୍ଚକୋଟୀର ସମାଲୋଚନାମୂଳକ କୃତି। ତାଙ୍କର ଭାଷା ଥିଲା ସରଳ, ସ୍ୱଷ୍ଟ, ଯୁକ୍ତିନିଷ୍ଠ ଓ ଆବେଗପୂର୍ଣ୍ଣ। ସେ ସାହିତ୍ୟକୁ ସମାଜ ପରିବର୍ତ୍ତନର ଏକ ପ୍ରଭାବଶାଳୀ ଶକ୍ତି ଭାବେ ଦେଖୁଥିଲେ। ତାଙ୍କ ରଚନା ମାଧ୍ୟମରେ ସମାଜରେ ନବଜାଗରଣ ଆଣିବାକୁ ସେ ଚେଷ୍ଟା କରିଥିଲେ।

ସରଳା ଦେବୀ ଓଡ଼ିଆ ସାହିତ୍ୟର ଏଭଳି ଏକ ବ୍ୟକ୍ତିତ୍ୱ, ଯାହାଙ୍କୁ କୌଣସି ଗୋଟିଏ ପରିଚୟରେ ସୀମିତ କରାଯାଇ ପାରିବ ନାହିଁ। ସେ ଥିଲେ ସାହିତ୍ୟିକା, ସମାଜ ସଂସ୍କାରକ, ନାରୀ ଜାଗରଣର ପଥ ପ୍ରଦର୍ଶିକା, ଜାତୀୟତାବାଦୀ ଚିନ୍ତକ ଓ ମାନବିକ ମୂଲ୍ୟବୋଧର ଦୃଢ଼ ପ୍ରବକ୍ତା। ତାଙ୍କ ଲେଖାଗୁଡ଼ିକରେ ଦେଶପ୍ରେମର ସ୍ୱର ବେଶ୍ ଶକ୍ତିଶାଳୀ ଭାବେ ଫୁଟି ଉଠିଛି। ସରଳା ଦେବୀଙ୍କ ଆଦର୍ଶ, ଚିନ୍ତାଧାରା ଓ ସାରସ୍ୱତ ସାଧନା ଆଜି ମଧ୍ୟ ପ୍ରାସଙ୍ଗିକ ଓ ପ୍ରେରଣାଦାୟକ। ■

ଗୁରୁ ଗ୍ରାମ, ହରିୟାଣା
ମୋ: ୭୯୭୮୦୮୨୮୩୪

# ପୁସ୍ତକ ଓ ପତ୍ରିକା ପରିଚୟ

## ମୌନ ଯୋଗୀ

**ପୁଷ୍ପାରାଣୀ ପଟେଲ**




ତାର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର- ୨୪
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୩୫୦ ଟଙ୍କା

"ପ୍ରେମ ତ ମନର, ଆତ୍ମାର ବିଶ୍ୱାସ! ସରିଗଲେ ବିଶ୍ୱାସ, ପ୍ରେମ ହାରିଯାଏ; ମରିଯାଏ। ଥିବା ଯାଏ ବିଶ୍ୱାସ ପ୍ରେମ ଜୀଇଁଥାଏ, ବଞ୍ଚିଥାଏ।" ସତରେ ପ୍ରେମକୁ ବୁଝି ହୁଏ, କିନ୍ତୁ ବୁଝାଇ ହୁଏନା। ପ୍ରେମର ନିବିଡ଼ ଅନୁଭବ ଅତି ମାର୍ମିକ ଭାବେ ପ୍ରକାଶ ପାଇଛି ପୁଷ୍ପାରାଣୀ ପଟେଲଙ୍କ 'ମୌନ ଯୋଗୀ' ଉପନ୍ୟାସରେ। କରୋନା ମହାମାରୀର ପୃଷ୍ଠଭୂମି ଉପରେ ଆଧାରିତ ଏହା ଏକ ପ୍ରେମମୂଳକ ଉପନ୍ୟାସ। ଜଣେ ବିବାହିତ ମହିଳା। କାହାର ସେ ପତ୍ନୀ। ଆଉ କାହାର ମାଆ। ସେମାନଙ୍କ ପ୍ରତି କେବେ ବି କମିନି ତା'ର ଭଲ ପାଇବା। ପରିବାର ପ୍ରତି କୌଣସି ଅବହେଳା କରିନି। ତଥାପି ତା' ହୃଦୟରେ ପୂଜା ପାଉଛି ଆଉ ଜଣେ ପୁରୁଷ। ସମାଜର ସ୍ୱୀକୃତି ବିନା କେତେ ମୂଲ୍ୟହୀନ, କେତେ ତୁଚ୍ଛ ସତରେ ପ୍ରେମ ସଂପର୍କ! ଏକଥାକୁ ପାଠକମାନେ ଉପଲବ୍ଧି କରିପାରିବେ ଏହି ଉପନ୍ୟାସରେ। ସ୍ନିଗ୍ଧା, ପୂରବୀ ପ୍ରମୁଖ ଚରିତ୍ରମାନେ କାହାଣୀକୁ ଗତିଶୀଳ କରାଇଛନ୍ତି। ପ୍ରେମ, କରୋନାକାଳର ଅନ୍ତର୍ଦ୍ୱନ୍ଦ୍ୱ, ମାନସିକ ଅସନ୍ତୁଳନତାର ନିଛକ ଚିତ୍ର ଏହି ଉପନ୍ୟାସରେ ପ୍ରତିଫଳିତ ହୋଇଛି। ନିଆରା କାହାଣୀ, ସରଳ ଓ ବୋଧଗମ୍ୟ ଭାଷା, ସଫଳ ଚରିତ୍ର ଚିତ୍ରଣ ଉପନ୍ୟାସଟିକୁ ସୁଖପାଠ୍ୟ କରିଛି। ■

## ଶୂନ୍ୟଗର୍ଭା

**ଭାଗୀରଥି ବେହେରା**





ପଶ୍ଚିମା ପବ୍ଲିକେଶନ୍ସ
ନୟାପଲ୍ଲୀ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୧୯ ଟଙ୍କା

ସାଂପ୍ରତିକ ସମାଜରେ ପ୍ରତ୍ୟହ ଘଟୁଥିବା ନାନା ଘଟଣା, ଦୁର୍ଘଟଣାକୁ ନେଇ ତାଙ୍କ ଗଳ୍ପର ପରିଧି। ସାମାଜିକ ବାସ୍ତବତାକୁ ନେଇ ପ୍ରକାଶ ପାଇଛି ଭାଗୀରଥି ବେହେରାଙ୍କ 'ଶୂନ୍ୟଗର୍ଭା' ଗଳ୍ପ ପୁସ୍ତକ। ଏହି ପୁସ୍ତକରେ ୨୨ଟି ଗଳ୍ପ ସଂକଳିତ ହୋଇଛି। 'ଅବତାରୀ', 'ଅନ୍ୟପକ୍ଷ', 'ବନ୍ଧନୀ', 'ଛାଇ', 'ଦୃଶ୍ୟ', 'ମନମନ୍ଦିର', 'ମତ୍ସ୍ୟଗନ୍ଧା', 'ନିର୍ଜନ ଦ୍ୱୀପର ନିଃସଙ୍ଗ ନାୟିକା', 'ପାଖଲୋକ', 'ପରଜୀବୀ', 'ପ୍ରତ୍ୟାବର୍ତ୍ତନ', 'ଫଟୋଗ୍ରାଫ୍', 'ଶୂନ୍ୟଗର୍ଭା', 'ତାରାକାମ୍ୟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରେମ ଓ ଜାତିପ୍ରଥାକୁ ନେଇ 'ଅବତାରୀ' ଗପ ଆଧାରିତ। ପ୍ରେମ ଆଗରେ ଜାତି, ଅଭିଜାତ୍ୟ ସବୁ କିଛି କିଭଳି ମୂଲ୍ୟହୀନ ତାହା ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଛି ଏହି ଗପରେ। ଏହି ପୁସ୍ତକର ଅନେକ ଗପରେ ମାନବୀୟ ପ୍ରେମ, ସାମାଜିକ ସମସ୍ୟା, ମାନସିକ ଦ୍ୱନ୍ଦ୍ୱ, ସଂଘାତର ଚିତ୍ର ପ୍ରତିଫଳିତ ହୋଇଛି। ଛୋଟ ଛୋଟ ଘଟଣା, ସାମାଜିକ ପ୍ରସଙ୍ଗ, ସାଧାରଣ ଚରିତ୍ର ଭିତରେ ଗାଳ୍ପିକ ଦେଖାଇଛନ୍ତି ଜୀବନ ଓ ସମାଜର ଅନ୍ତର୍ଦ୍ୱନ୍ଦ୍ୱ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

## ଜପକୁଦ ଜ୍ୟୋତି

**ସଂପାଦକ: ଅନନ୍ତ ଗୋପାଳ ପଣ୍ଡା**




ବୈକୁଣ୍ଠନାଥ ସ୍ମୃତି ସଂସଦ
ଜପକୁଦ, ସାଲେପୁର
କଟକ- ୭୫୪୨୦୧
ମୂଲ୍ୟ: ୧୫୦ ଟଙ୍କା

କଟକ ଜିଲ୍ଲା ଜପକୁଦସ୍ଥିତ ବୈକୁଣ୍ଠନାଥ ସ୍ମୃତି ସଂସଦର ବାର୍ଷିକ ମୁଖପତ୍ର 'ଜପକୁଦ ଜ୍ୟୋତି' ପ୍ରକାଶ ପାଇଛି। ମୁଖ୍ୟ ସଂପାଦକ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା ଓ ସଂପାଦକ ଅନନ୍ତ ଗୋପାଳ ପଣ୍ଡାଙ୍କ ସଂପାଦନାରେ ପ୍ରକାଶିତ 'ଜପକୁଦ ଜ୍ୟୋତି'ର ଚଳିତ ସଂଖ୍ୟାଟି ଓଡ଼ିଶାର ବହୁ ବିଶିଷ୍ଟ ଲେଖକଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି। ଡକ୍ଟର ଭାସ୍କର ମିଶ୍ରଙ୍କ 'ପ୍ରେମାବତାର ମହାପୁରୁଷ ଶ୍ରୀଚୈତନ୍ୟ', ଡକ୍ଟର ଶରତ ଚନ୍ଦ୍ର ପରିଡ଼ାଙ୍କ 'ମହର୍ଷି ଭରଦ୍ୱାଜ', ତ୍ରିଦଣ୍ଡୀସ୍ୱାମୀ ସଚ୍ଚିଦାନନ୍ଦ ମହାରାଜଙ୍କ 'ସପ୍ତକଳ୍ପଜୀବୀ ମାର୍କଣ୍ଡେୟ', ଅଧ୍ୟାପିକା କମଳ କୁମାରୀ ଦାଶଙ୍କ 'ନଚିକେତା', ଡକ୍ଟର ସୁଷମା ମିଶ୍ରଙ୍କ 'ସ୍ୱାମୀ ଶ୍ରୀଚିଦାନନ୍ଦ', ପ୍ରଭାତ କୁମାର ନନ୍ଦଙ୍କ 'ସ୍ୱାମୀ ବିବେକାନନ୍ଦ' ଆଦି ପ୍ରବନ୍ଧଗୁଡ଼ିକ ଉଚ୍ଚକୋଟୀର ଓ ତଥ୍ୟଭିତ୍ତିକ ହୋଇଛି। 'ଜପକୁଦ ଜ୍ୟୋତି'ରେ କେତେ ଜଣ ମହାପୁରୁଷ, ସନ୍ନ୍ୟାସୀଙ୍କ ଜୀବନ, ତ୍ୟାଗ ଓ ସମାଜ ପ୍ରତି ସେମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରାଯାଇଛି। ସେହିପରି କେତୋଟି ପ୍ରବନ୍ଧରେ ପୌରାଣିକ ଚରିତ୍ରଗୁଡ଼ିକର ମହନୀୟତା ସଂପର୍କରେ ବର୍ଣ୍ଣନା କରାଯାଇଛି। 'ଜପକୁଦ ଜ୍ୟୋତି'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

## ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମୂହ ଗଛକଟା ଘଟଣା

# ଜୈବବିବିଧତା ସଦସ୍ୟ ସଚିବଙ୍କୁ ଏନଜିଟିର ସତ୍ୟପାଠ ଦାଖଲ ନିର୍ଦ୍ଦେଶ

ବାରିପଦା, ୧୧।୭(ସମିସ): ବାରିପଦା ସହରର ପାଲବଣିଠାରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ମାତ୍ରାରେ ଗଛକାଟିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏଜିଟି)ରେ କେସନଂ ୨୧୩/ଇଜେଡ/୨୦୨୫ ରୁଜୁ ମାମଲାର ଶୁଣାଣି ହୋଇଛି। ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ପରିବେଶକୁ କ୍ଷତି ପହଞ୍ଚାଉଥିବା ଉପରୋକ୍ତ ପ୍ରକଳ୍ପ ବିରୋଧରେ ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କଂଗ୍ରେସ ଦଳର ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମଙ୍କ ପୁଅ ପ୍ରମୋଦ କୁମାର ହେମ୍ବ୍ରମ ଏନଜିଟିର ଦ୍ୱାରସ୍ଥ ହୋଇଥିଲେ। ସେ ଉପସ୍ଥାପନ କରିଥିବା ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି କୋଲକତାସ୍ଥ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂ ଶୁଣାଣି କରିଥିବାବେଳେ ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୨୦୨୬ ମାର୍ଚ୍ଚ ୩୦ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ରେସପଣ୍ଡେଣ୍ଟ ନମ୍ବର ୪ ସତ୍ୟପାଠ ଦାଖଲ କରି ନ ଥିବାରୁ ଟ୍ରିବ୍ୟୁନାଲ ପୁନର୍ବାର ଏକ ସପ୍ତାହ ସମୟ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୧ ତାରିଖରେ ହେବ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କରପ୍ରସାଦ ପାଣି ଓ ଆଶୁତୋଷ ପାଢ଼ୀ ମାମଲା ପରିଚାଳନା କରୁଥିବାବେଳେ ପ୍ରତିବାଦୀ ଓଡ଼ିଶା ସରକାର ଓ ଅନ୍ୟାନ୍ୟଙ୍କ ପକ୍ଷରୁ ଏଡିଜେ ସବିତା ରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ। ଏହି ମାମଲା ପରିବେଶ ସମ୍ବନ୍ଧୀୟ ହେବାରୁ ରାଜ୍ୟରେ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରିବ୍ୟୁନାଲର ପରବର୍ତ୍ତୀ ଶୁଣାଣି ଉପରେ ସମସ୍ତଙ୍କ ନଜର ରହିଛି। ଏହି ମାମଲାରେ ଅନ୍ୟ ପ୍ରତିବାଦୀ ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ

### ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୧ରେ

ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନା ମୁତାବକ, ପାଲବଣିଠାରେ ୫.୧୧ ଏକର ଜମିରେ ପ୍ରସ୍ତାବିତ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୨୦୨୫ ଡିସେମ୍ବର ୧୭ ତାରିଖରୁ ଗଛକଟା ଆରମ୍ଭ ହୋଇଥିଲା। ୧୭୮୯ଟି ଗଛ କଟାଯିବା ପାଇଁ ବନ ବିଭାଗ ଅନୁମତି ଥିବାବେଳେ ଅଭିଯୋଗ ଅନୁସାରେ ୫ ହଜାରରୁ ଊର୍ଦ୍ଧ୍ୱ ଗଛକଟା ସରିଛି। ଏହାକୁ ନେଇ ପ୍ରଥମେ ଭଞ୍ଜସେନା ବିରୋଧ କରିଥିବାବେଳେ ସୁପ୍ରିମକୋର୍ଟର ଆଇନଜୀବୀ ଆକାଶ ଶର୍ମା ଘଟଣାର ପ୍ରତିବାଦ କରି ଜଡ଼ିତ ଅଧିକାରୀଙ୍କୁ ପକ୍ଷଭୁକ୍ତ ପୂର୍ବକ ଉଚ୍ଚ ନ୍ୟାୟାଳୟରେ ଏକ ମାମଲ ରୁଜୁ ପାଇଁ ଆବେଦନ କରିଛନ୍ତି। ସେହିପରି ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡି ଗଛକଟା ବନ୍ଦ ସାଙ୍ଗକୁ ପ୍ରକଳ୍ପ ଜଙ୍ଗଲ ବିହୀନ ସ୍ଥାନକୁ ସ୍ଥାନାନ୍ତର ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ମାମଲା ଏନଜିଟିରେ ବିଚାରାଧୀନ ରହିଛି। ଅଭିଯୋଗକାରୀ ଶ୍ରୀ ହେମ୍ବ୍ରମଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶ୍ରୀ ପାଣି ଯୁକ୍ତି ରଖିଥିଲେ ଯେ, ସହରୀ ବନୀକରଣ ଜରିଆରେ ପାଲବଣିଠାରେ ୧୦ ଏକର ଜାଗାରେ ୧୨ ହଜାର ଗଛ ଲାଗିଥିଲା। ରକ୍ଷଣାବେକ୍ଷଣ ପରେ ସମସ୍ତ ଗଛ ବଞ୍ଚିଥିଲା ବୋଲି ସେତେବେଳେ ଖର୍ଚ୍ଚ ଉପସ୍ଥାପନରେ ବିଭାଗ ଦେଖାଇଥିଲା। ତେବେ ୫.୧୧ ଏକର ଜମିରେ ଗଛ କାଟିବା ପୂର୍ବରୁ ବନ ବିଭାଗ ୧୭୮୯ଟି ଗଛ କଟାଯିବା ପାଇଁ ଅନୁମତି ଦେଇଥିଲା। ଗଛ କଟିବା ପରେ ପ୍ରମାଣ ନଷ୍ଟ ପାଇଁ ପ୍ରଥମେ ଗଛ ମୂଳଗଣ୍ଡି ପୋଡ଼ି ନଷ୍ଟ ଉଦ୍ୟମ ପରେ ଗଣ୍ଡିରୁ ପୁନର୍ବାର ଗଜା ବାହାରିବା ପରେ ଜେସିବି ଲଗାଇ ମୂଳ ଉପୁଡ଼ାଯାଇଛି। ଏଣୁ ବହୁ ସଂଖ୍ୟାରେ ଗଛ କଟାଯାଇଛି ବୋଲି ସେ ଦର୍ଶାଇଛନ୍ତି। ତତ୍‌ସହିତ ବିବାଦୀୟ ସ୍ଥାନଠାରୁ ୨୦୦ ମିଟର ଦୂରରେ ପର୍ଯ୍ୟାପ୍ତ ଖୋଲା, ଅନାବାଦି ସରକାରୀ ଜମି ଥିବାବେଳେ ଏଠାରେ ଗଛ କଟାଯିବା ଉଚିତ ନ ଥିଲା ବୋଲି ସେ କହିଛନ୍ତି।

## ଦଳ ବିରୋଧୀ କାର୍ଯ୍ୟ

# ବିଜେଡିରୁ ନିଲମ୍ବିତ ହେଲେ କ୍ରିଷ୍ଣା ଗୋପାଳ ଓ ହିତେଶ

ଭୁବନେଶ୍ୱର,୧୧।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ମ୍ୟୁନିସିପାଲଟି ୬ ନମ୍ବର ୱାର୍ଡର କାଉନସିଲର କ୍ରିଷ୍ଣା ଗୋପାଳ ସିତାନୀ ଏବଂ ବେଲପାହାଡ ମ୍ୟୁନିସିପାଲଟିର ହିତେଶ ଠକ୍କରଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ସାପ କାମୁଡ଼ାରେ ଛାତ୍ର ମୃତ

## ଦାୟିତ୍ୱହୀନତା ପାଇଁ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ

**ବେତନଟୀ, ୧୧।୭ (ସମିସ):** ବେତନଟୀ ବ୍ଲକର ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟରେ ସାପ କାମୁଡ଼ାରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଏ ନେଇ ଉତ୍ତ୍ୟକ୍ତ ଲୋକ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଘେରଉ କରି କ୍ଷତିପୂରଣ ଦାବି ପରେ ପ୍ରଧାନଶିକ୍ଷୟିତ୍ରୀ ନିଲମ୍ବିତ ହୋଇଛନ୍ତି। ଘଟଣାସ୍ଥଳରେ ପୁଲିସ ମୁତୟନ କରାଯାଇଛି। ମୃତ ଛାତ୍ର ଜଣକ ହେଉଛନ୍ତି ବାରିପଦା ନିକଟସ୍ଥ ବାଇଗଣବାଡ଼ିଆ ଗ୍ରାମର ରବୀନ୍ଦ୍ର ସୋରେନଙ୍କ ପୁଅ ସପନ ସୋରେନ। ସେ ଗଡ଼ଦେଉଳିଆ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହି ପଢୁଥିଲେ।

ସୂଚନା ମୁତାବକ, ଗତ ମଙ୍ଗଳବାର ଦିନ ସପନ ବିଦ୍ୟାଳୟ ପରିସରରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ସମୟରେ ତାଙ୍କୁ ସାପ କାମୁଡ଼ିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବାବେଳେ ଶନିବାର ସକାଳେ ସପନଙ୍କର ମୃତ୍ୟୁ ଘଟିଥିଲା। ଛାତ୍ରଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶତାଧିକ ଉତ୍ତ୍ୟକ୍ତ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ସେଠାରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଘେରଉ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବର୍ଣ୍ଣମଞ୍ଜରୀ ଭୂୟାଁଙ୍କ ଦାୟିତ୍ୱହୀନତା ଯୋଗୁଁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ କରି ଲୋକେ ପ୍ରବଳ ପାଟିତୁଣ୍ଡ କରିବା ସହ ତାଙ୍କ ବହିଷ୍କାର ଦାବି କରିଥିଲେ। ଏହାସହିତ ମୃତ ଛାତ୍ରଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଲୋକେ ଅଡ଼ି ବସିଥିଲେ। ସ୍ଥିତି ବିଗିଡ଼ିବା ଦେଖି ସ୍ଥାନୀୟ ସରପଞ୍ଚ ବବିତା ସିଂ ଓ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ପରେ ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା ଓ ଅତିରିକ୍ତ ତହସିଲଦାର ହିତେଶ କୁମାର ଜେନା ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଏହାସହିତ ସରକାର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଚାକିରିରୁ ନିଲମ୍ବନ (ସସପେଣ୍ଡ) କରିଥିବା ସୂଚନା ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ସୁରକ୍ଷା ଦୃଷ୍ଟିରୁ ଏବେ ମଧ୍ୟ ବିଦ୍ୟାଳୟ ପରିସରରେ ପୁଲିସ ମୁତୟନ ହୋଇ ରହିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୫ ଭାରତୀୟ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଦୁର୍ଘଟଣା ନେଇ ଶୋକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଫୁ-କ୍ୱକ୍ ହେଉଛି ଭିଏତନାମର ସବୁଠାରୁ ବଡ଼ ଦ୍ୱୀପ ଏବଂ ଏଠାକୁ ପ୍ରତିବର୍ଷ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ଦୁର୍ଘଟଣା ପରେ ନିକଟରେ ଥିବା ଅନ୍ୟ ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଜଣେ ଡଙ୍ଗା ଚାଳକଙ୍କ କହିବା ଅନୁସାରେ, ସମୁଦ୍ର ଅଶାନ୍ତ ଥିବା ବେଳେ ଡଙ୍ଗାଟି ଓଲଟି ପଡ଼ିବାରୁ ଅନେକ ପର୍ଯ୍ୟଟକ ଭିତରେ ଫସି ରହିଥିଲେ, ଯେଉଁଥିପାଇଁ ଉଦ୍ଧାର କାର୍ଯ୍ୟ ବେଶ୍ କଷ୍ଟକର ହୋଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୦୨୫ ଜୁଲାଇ ମାସରେ ମଧ୍ୟ ଭିଏତନାମର ହା ଲଙ୍ଗ ବେ'ରେ ଏକ ଡଙ୍ଗା ବୁଡ଼ି ଯିବା ଫଳରେ ୩୫ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ।

### ହୃଦ୍‌ରୋଗ ଇଞ୍ଜେକ୍‌ସନ୍...

କରିବାକୁ ପଡିବ। ତାହାକୁ ଦୋକାନର ସେହି ସ୍ଥାନରେ ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛି, ଯେଉଁଠାରେ ଗ୍ରାହକମାନେ ସହଜରେ ନୂତନ ମୂଲ୍ୟସବୁକୁ ଦେଖିପାରିବେ। ଯଦି କୌଣସି ନିର୍ମାତା କିମ୍ବା ମାର୍କେଟିଂ କମ୍ପାନୀ ଗ୍ରାହକଙ୍କଠାରୁ ସ୍ଥିର ମୂଲ୍ୟଠାରୁ ଅଧିକ ମୂଲ୍ୟ ଆଦାୟ କରନ୍ତି, ତେବେ ସେମାନଙ୍କୁ ଡିପିସିଓ ୨୦୧୩ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ୧୯୫୫ର ବ୍ୟବସ୍ଥା ଅନୁଯାୟୀ ସୁଧ ସହିତ ଅତିରିକ୍ତ ପରିମାଣ ଜମା କରିବାକୁ ପଡିବ।

### ଚାକିରି ଛାଡୁଛନ୍ତି...

ତେବେ ମାତ୍ର ସ୍ୱଳ୍ପ ଦିନ ବ୍ୟବଧାନ ମଧ୍ୟରେ ଓଡ଼ିଶା କ୍ୟାଡର୍‌ର ଦୁଇ ଆଇପିଏସ୍‌ଙ୍କ ଏଭଳି ରହସ୍ୟଜନକ ଇସ୍ତଫା ଏବେ ଚର୍ଚ୍ଚାର ମୁଖ୍ୟ କାରଣ ପାଲଟିଛି। ପ୍ରକୃତରେ ବ୍ୟକ୍ତିଗତ କାରଣ ଯୋଗୁଁ ଏମାନେ ଚାକିରି ଛାଡୁଛନ୍ତି, ନା' ଅନ୍ୟ କୌଣସି କାରଣ ଯୋଗୁଁ ଏହି ଆଇପିଏସ୍ ମାନେ ଓଡ଼ିଶାରେ ରହିବାକୁ ପସନ୍ଦ କରୁ ନାହାନ୍ତି, ତାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

### କୋର୍ଟରେ ଆରମ୍ଭ...

ନିର୍ଯ୍ୟାତିତ ହୋଇଥିବା ଅଭିଯୋଗ କରିଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏପରିକି ଅଭିଯୋଗ ଥିବା ଅଧ୍ୟାପକଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି। ରାଜଧାନୀର ଛାତି ଉପରେ ଥିବା ବିଜେବି କଲେଜର ଓଡ଼ିଆ ଅଧ୍ୟାପକ ଶୁଭ୍ରାଂଶୁ ବେହେରା ଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଅଧ୍ୟାପକ ଶ୍ରୀ ବେହେରାଙ୍କ ବିରୋଧରେ ଗତ ସେପ୍ଟେମ୍ବରରେ ଅଭିଯୋଗ ହେବା ପରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଆରଡିଇ) ତଦନ୍ତ କରିଥିଲେ। ଅଧ୍ୟାପକ ଜଣକ ଛାତ୍ରୀଙ୍କୁ ବ୍ୟାଡ୍ ଟଚ୍ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା, ଦ୍ୱିଅର୍ଥ ବୋଧକ ଶବ୍ଦ କହିବା, ଛାତ୍ରୀଙ୍କ ଅଙ୍ଗଭଙ୍ଗୀକୁ ଇଙ୍ଗିତ କରୁଥିବା ଅଭିଯୋଗର ସତ୍ୟତା ରହିଥିବା ରିପୋର୍ଟରେ ଦର୍ଶାଇଥିଲେ। କେବଳ ଏତିକି ନୁହେଁ, ଛାତି ଥରାଇ ଦେବା ଭଳି ଛାତ୍ରୀଙ୍କ ଲିଖିତ ମନ୍ତବ୍ୟକୁ ସଂଲଗ୍ନ କରି ଉଚ୍ଚଶିକ୍ଷା ବିଭାଗକୁ ପଠାଇଥିଲେ। ଛାତ୍ରୀଙ୍କ ପ୍ରତି ଅଧ୍ୟାପକଙ୍କ ବ୍ୟବହାର ସଠିକ୍ ନୁହେଁ ଏବଂ ସେ ଜଣେ ନିୟମିତ ଏପରି କାର୍ଯ୍ୟ କରନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏହାସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେବି କଲେଜ ଅଧ୍ୟକ୍ଷାଙ୍କୁ ଚିଠି ଲେଖି ଚୁପ୍ ବସିଛି। ଫଳରେ ଏକାଧିକ ନିର୍ଯ୍ୟାତିତା ଛାତ୍ରୀ ଆଜି ମଧ୍ୟ ନ୍ୟାୟ ଅପେକ୍ଷାରେ ରହିଛନ୍ତି। ଅନୁରୂପ ଭାବେ ରମାଦେବୀ +୨ ମହିଳା କଲେଜର ପୂର୍ବତନ ଅର୍ଥନୀତି ଅଧ୍ୟାପକ ଦୀପ୍ତି ରଞ୍ଜନ ନନ୍ଦଙ୍କ ବିରୋଧରେ ଛାତ୍ରୀଙ୍କୁ ନିର୍ଯ୍ୟାତନା ଅଭିଯୋଗ ରହିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଅବଶ୍ୟ ଏହି ସମୟରେ ଫକୀର ମୋହନ କଲେଜର ଓଡ଼ିଆ ଅଧ୍ୟାପକ ସନ୍ତୋଷ କୁମାର ନାୟକଙ୍କ ବିରୋଧରେ ନିର୍ଯ୍ୟାତନା ଅଭିଯୋଗ ଆସିବା ପରେ ସରକାର ତାଙ୍କୁ ବଦଳି କରିଛନ୍ତି। ଶିକ୍ଷାନୁଷ୍ଠାନରୁ ଆସୁଥିବା ସମସ୍ତ ନିର୍ଯ୍ୟାତନା ଅଭିଯୋଗ ଉପରେ ସରକାର ନରମ ଆଭିମୁଖ୍ୟ ପୋଷଣ ନ କରି କଠୋର ହେବା ଆବଶ୍ୟକ ବୋଲି ଅଭିଭାବକ ଓ ଶିକ୍ଷାବିତମାନେ ମତପ୍ରକାଶ କରିଛନ୍ତି।

### ଗାଁ ମୁଣ୍ଡରେ...

ଏହାଦ୍ୱାରା ଅଭିଯୋଗକାରୀ ନିଜକୁ ଅପମାନିତ ମନେ କରି ପ୍ରତିଶୋଧ ନେବାକୁ ଯୋଜନା କରିଥିଲେ।

ପ୍ରକାଶ ଯୋଗ୍ୟ ଅଭିଯୁକ୍ତ ମହିଆ ଓ ମୃତକ ଜଗା ଉଭୟ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି ଏବଂ କିଛିଦିନ ପୂର୍ବରୁ ମହିଆ ଏକ ନୂଆ ଅଟୋ କିଣିଥିଲେ। ଜଗା ପ୍ରାୟତଃ ନିଶାସକ୍ତ ଅବସ୍ଥାରେ ଅଭିଯୁକ୍ତକୁ ଗାଳିଗୁଲଜ କରିବା ସହ ମଦ ପିଇବା ପାଇଁ ଟଙ୍କା ମାଗୁଥିଲେ। ଯାହାକୁ ନେଇ ଅଭିଯୁକ୍ତ ମନରେ କ୍ରୋଧ ଓ ଅସନ୍ତୋଷ ରହିଥିଲା। ଘଟଣା ଦିନ ରାତିରେ ଜଗା ମଦ୍ୟପାନ କରି ଅଭିଯୁକ୍ତ ମହିଆ ଘର ଆଗରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ପୁଲିସ ସୂଚନା ଦେଇଛି । ଏଥିରେ ଉତ୍‌କ୍ଷିପ୍ତ ହୋଇ ମହିଆ ନିଜ ଘରୁ ପରିବା କଟା ଛୁରୀ ଆଣି ଗାଁ ମୁଣ୍ଡରେ ଜଗାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ରାତି ପ୍ରାୟ ୧୦. ୩୦ ବେଳେ ତାଙ୍କ ପେଟ ଓ ଛାତିରେ ୩ରୁ ୪ ଥର ଶକ୍ତ ଆଘାତ କରିଥିଲେ। ଛୁରାମାଡ଼ ଯୋଗୁଁ ଜଗା ନିଜ ମୋଟରସାଇକେଲ ସହ ସେଠାରେ ରାସ୍ତା ଉପରେ ପଡ଼ିଯାଇଥିଲେ। ସେଠାରୁ ଅଭିଯୁକ୍ତ ଖସି ଯିବା ସହ ନିକଟରେ ଏକ ଗଛ ପାଖରେ ଛୁରୀ ଫୋପାଡ଼ି ଦେଇ ପଳାଇଥିଲା । ଖବର ପାଇ ସଙ୍ଗେ ସଙ୍ଗେ ପି.ସି.ଆର୍ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଗାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ମୃତକଙ୍କ ପତ୍ନୀ ବିଷ୍ଣୁପ୍ରିୟା ସ୍ୱାଇଁ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜଟଣୀ ପୋଲିସ, ସନ୍ଧାନୀ କୁକୁର ସହିତ ଘଟଣା ସ୍ଥଳରେ ଛାନଭିନ କରିବା ସହ ଅଭିଯୁକ୍ତକୁ ଚିହ୍ନଟ କରି ଗିରଫ କରିଥିଲେ । ଭୁବନେଶ୍ୱର ଡିସିପି ପ୍ରେସ ମିଟ କରି ଏ ସମସ୍ତ ସୂଚନା ଦେଇଛନ୍ତି । ପରେ ଅଭିଯୁକ୍ତକୁ ଘଟଣା ସ୍ଥଳକୁ ନିଆଯାଇ ସିନ ରିକ୍ରିଏସନ କରାଯାଇଛି। ସିନ ରିକ୍ରିଏସନ ବେଳେ ହତ୍ୟାରେ ବ୍ୟବହୃତ ଛୁରୀ ଜବତ କରାଯାଇଛି । ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

### ପାଇଖାନା ଟାଙ୍କିରେ...

ସୂଚନାନୁସାରେ, ବିଜେବି ନଗର ପାରାମାଉଣ୍ଟ୍ କ୍ଲବ୍ ନିକଟରେ ଥିବା ଘର ନିର୍ମାଣ ଚାଲିଥିବା ବେଳେ ୧୦ରୁ ଅଧିକ ଶ୍ରମିକ ସେଠାରେ କାମ କରୁଛନ୍ତି। କିଛିଦିନ ତଳେ ସେଠାରେ ତିଆରି ହୋଇଥିବା ପାଇଖାନା ଟାଙ୍କିର ଛାତ ପଡ଼ିଥିଲା। ଶନିବାର ଧୁମା ଓ ପ୍ରବୀର କାଠ ଓ ସଟରିଂ ପଟା ଖୋଲିବାକୁ ଟାଙ୍କି ଭିତରକୁ ଯାଇଥିଲେ। ଆରମ୍ଭରୁ କାଠ ଓ ପଟା ଖୋଲାଖୋଲି କରିଥିଲେ ମଧ୍ୟ କିଛି ସମୟପରେ କୌଣସି ସୋର ଶବ୍ଦ ଶୁଣିନଥିଲା। ଧୁମା ଓ ପ୍ରବୀର ଅଣନିଃଶ୍ୱାସୀ ହୋଇ ଅଚେତ ହୋଇ ଟାଙ୍କି ଭିତରେ ଅଚେତ ହୋଇ ପଡ଼ିଥିଲେ। ସାଥୀ ଶ୍ରମିକମାନେ ସନ୍ଦେହ କରି ଟାଙ୍କି ପାଖକୁ ଯାଇ ଡାକ ପକାଇଥିଲେ। ହେଲେ ଭିତର ପଟରୁ କୌଣସି ଉତ୍ତର ଆସିନଥିଲା।

ଦିନ ପ୍ରାୟ ୨ଟା ୫୦ ବେଳେ ଶ୍ରମିକମାନେ ତୁରନ୍ତ ଜରୁରୀକାଳୀନ ସହାୟତା କେନ୍ଦ୍ରକୁ କଲ୍ କରିଥିଲେ। ଖବରପାଇ କଳ୍ପନା ଫାୟାର ଷ୍ଟେସନର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଟାଙ୍କି ଭିତରକୁ ପଶିବା ବେଳକୁ ଧୁମା ଓ ପ୍ରବୀର ଅଚେତ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ସାଙ୍ଗେ ସାଙ୍ଗେ ଦଉଡ଼ି ସାହାଯ୍ୟରେ ଧୁମା ଓ ପ୍ରବୀରକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ସେମାନଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲକୁ ପଠା ଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।


**AFFIDAVIT**

By virtue of an affidavit sworn before The Executive Magistrate Bhubaneswar, C.F. No. 6 on dated 10/07/2026, I **ABHAYA SRICHANDAN**, S/o Chaturbhuja Pradhan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my name from **PRASANTA SRICHANDAN (Old Name)** to **ABHAYA SRICHANDAN (New Name)**. Henceforth, I shall be known as **ABHAYA SRICHANDAN** for all purposes.
Sd- ABHAYA SRICHANDAN

**AFFIDAVIT**

I, Santosh Sulochana Debasish Barik (former name), aged about 19 years, S/o- Santosh Kumar Barik, At- Alada, Po/Ps-Khaira, Dist- Balasore-756048, Odisha, declared by this Affidavit No.830/2026 dated.11.07.2026, That now onwards I shall be Known as **S.S. DEBASIS BARIK** that for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Aska, vide Sl. No.1209 dated 08.7.2026, I, K. Ram Krishna, S/o- K. Tateya resident of Village/ Post- Debabhumi, Ps.- Aska, Dist.- Ganjam, Odisha, PIN- 761115 state that, I am the father guardian of the minor son K Om Rao. Now I have changed the name of my son from **K Om Rao** to **K. Hrusikesh**. Henceforth he will be known as **K. Hrusikesh** for all future purposes.

**ପଶ୍ଚିମ ରେଳପଥ - ରତଲାମ**

**ସଂଶୋଧନ**

ପଶ୍ଚିମ ରେଳପଥ, ରତଲାମ ମଣ୍ଡଳ ପକ୍ଷରୁ ଟେଣ୍ଡର ନଂ. SnT_RTM_PSSA_25_01_R ସମ୍ବନ୍ଧୀୟ ଏକ ସଂଶୋଧନ ଜାରି କରାଯାଇଛି। ଏହି ସଂଶୋଧନ ଅନୁଯାୟୀ ନିବିଦା ଦାଖଲ କରିବାର ଶେଷ ତାରିଖ ଓ ସମୟ ଏବଂ ବୈଷୟିକ (Technical) ନିବିଦା ଖୋଲିବାର ତାରିଖ ଓ ସମୟରେ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ନିବିଦା ଦାଖଲର ଶେଷ ସମୟ 27 ଜୁଲାଇ 2026 ଅପରାହ୍ନ 3:00ଟା (15:00 ଘଣ୍ଟା) ଏବଂ ବୈଷୟିକ ନିବିଦା ଖୋଲିବାର ସମୟ 27 ଜୁଲାଇ 2026 ଅପରାହ୍ନ 3:30ଟା (15:30 ଘଣ୍ଟା) ନିର୍ଦ୍ଧାରିତ ଥିବାବେଳେ, ବର୍ତ୍ତମାନ ଏହାକୁ ସଂଶୋଧନ କରି 03 ଅଗଷ୍ଟ 2026 ଅପରାହ୍ନ 3:00ଟା (15:00 ଘଣ୍ଟା) ଏବଂ 03 ଅଗଷ୍ଟ 2026 ଅପରାହ୍ନ 3:30ଟା (15:30 ଘଣ୍ଟା) କରାଯାଇଛି। ଟେଣ୍ଡର ନୋଟିସ୍‌ର ଅନ୍ୟ ସମସ୍ତ ସର୍ତ୍ତ ଓ ନିୟମ ଅପରିବର୍ତ୍ତିତ ରହିବ। ଏହି ସଂଶୋଧନ ସମ୍ବନ୍ଧୀୟ ବିସ୍ତୃତ ସୂଚନା IREPS ଇ-ଟେଣ୍ଡର ପୋର୍ଟାଲ (www.ireps.gov.in) ରେ ଉପଲବ୍ଧ ରହିଛି। 0150

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar I Satvik Sahu, S/o- Sanjay Kumar Sahu resident of MIG-176, Kalinga Vihar, Patrapada, Bhubaneswar, Dist.- Khordha, PIN- 751019, Odisha state that, my father's correct and actual name is **SANJAY KUMAR SAHU** but in my 10th Certificate bearing Regd. No.- C121/20434/0085 issued by Central Board Secondary Education and in my +2 Certificate bearing Regd. No.- D223/27131/0064 issued by Central Board of Secondary Education my father's name has been wrongly mentioned as SANJAY KUMAR. That, **SANJAY KUMAR** and **SANJAY KUMAR SAHU** is same and one person.

**AFFIDAVIT**

By virtue of an affidavit sworn before Notary Public, Bargarh, vide Sl. No.421 dated 08.7.2026, I, Suprava Meher, W/o- Rabindra Nath Meher residing at House No.23, Balaji City, Bargarh, Po.- Bargarh, Ps./Tah- Bargarh, Dist.- Bargarh, Odisha, Pin- 768028 declare that, my actual name is **SUPRAVA MEHER** but in my son Saswat Subhankar's CBSE Board Mark-statement-cum-certificate my name has been mentioned as SUPRABHA MEHER. That **Suprava Meher** and **Suprabha Meher** is same and one person. Henceforth my son will be known as **Saswat Subhankar**, S/o- **Rabindra Nath Meher** (Father) and **Suprava Meher** (Mother) for all purposes.

**ପଶ୍ଚିମ ରେଳବାଇ - ରତଲାମ**

କ୍ରମିକ ସଂଖ୍ୟା: 1, ବିବରଣୀ, କାର୍ଯ୍ୟର ନାମ ଏବଂ ସ୍ଥାନ: ଡଃ ବି. ଆର୍. ଆମ୍ବେଦକର ନଗର ଏବଂ ଇନ୍ଦୋର ଆଧାରିତ ପ୍ରାଥମିକ ଟ୍ରେନଗୁଡ଼ିକର ବାତାନୁକୂଳିତ (ଏସି) କୋଚ୍‌ମାନଙ୍କ ପାଇଁ BOOT ମଡେଲ ଅନୁଯାୟୀ 10 ବର୍ଷ ଅବଧି ପାଇଁ ଯାନ୍ତ୍ରିକ ଲଣ୍ଡ୍ରୀ ସ୍ଥାପନା। ଏଥିରେ ପ୍ଲାଣ୍ଟ/ଉପକରଣ/ମେସିନରୀ ଏବଂ ସମ୍ବନ୍ଧିତ ଭିତ୍ତିଭୂମି ସୁବିଧାର ଯୋଗାଣ ଓ ସ୍ଥାପନା, ସଞ୍ଚାଳନ, ଡଃ ଆମ୍ବେଦକର ନଗର ଓ ଇନ୍ଦୋର ଆଧାରିତ ପ୍ରାଥମିକ ଟ୍ରେନର ଏସି କୋଚ୍‌ରୁ ମଇଳା ଲିନେନ ସଂଗ୍ରହ, ଯାନ୍ତ୍ରିକ ଧୋଇବା, ଶୁଖାଇବା, ଇସ୍ତ୍ରି କରିବା, ପ୍ୟାକିଂ, ପରିବହନ ଏବଂ ଅନବୋର୍ଡ ଲିନେନ ବିତରଣ ପାଇଁ ACCA କର୍ମଚାରୀଙ୍କ ମାନବଶକ୍ତି ଆଧାରିତ ନିଯୁକ୍ତି କାର୍ଯ୍ୟ ସାମିଲ ରହିଛି। 2. କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹.3104.89 ଲକ୍ଷ। 3. ବଇନା ରାଶି (EMD): ₹.10,00,000/-। 4. ସମ୍ପୂର୍ଣ୍ଣ ଅବଧି: 10 ବର୍ଷ 10 ମାସ (LOA ଜାରି ହେବାର ତାରିଖରୁ)। 5. ନିବିଦା ଫର୍ମ ଦାଖଲ ଏବଂ ଖୋଲିବାର ସମୟ: ନିବିଦା ଦାଖଲର ଶେଷ ସମୟ: 18.08.2026 ତାରିଖ ଅପରାହ୍ନ 3:00 (15:00 Hrs.), ନିବିଦା ଖୋଲିବାର ସମୟ: 18.08.2026 ତାରିଖ ଅପରାହ୍ନ 3:30 (15:30 Hrs.)। 6. ୱେବସାଇଟ ଏବଂ ନୋଟିସ ବୋର୍ଡ: GeM ପୋର୍ଟାଲ https://gem.gov.in ରେ [illegible] 0149

Like us on: facebook.com/WesternRly · Follow us on: x.com/WesternRly

**ପୂର୍ବ ତଟ ରେଳପଥ**

**ଚିକିତ୍ସାଳୟ ଏବଂ ପାଥୋଲୋଜିକାଲ ଓ ଡାଇଗ୍ନୋଷ୍ଟିକ ସେଣ୍ଟର ସୂଚୀଭୁକ୍ତ କରିବା ନିମନ୍ତେ ଆଗ୍ରହ ଅଭିବ୍ୟକ୍ତି (EOI) ଆମନ୍ତ୍ରଣ**

[illegible] 'Application for Empanelment of Hospitals / Pathological & diagnostic centre' [illegible] ତା.01.08.2026 ରିଖ 1500 ଘଣ୍ଟା [illegible]

| ଅଧିସୂଚନା ତାରିଖ | ଆବେଦନ ପତ୍ର ଡାଉନଲୋଡ କରିବା ତାରିଖ | ଆବେଦନ ପତ୍ର ଜମା କରିବା ଅନ୍ତିମ ତାରିଖ | EOIs ଖୋଲାଯିବା ତାରିଖ |
|---|---|---|---|
| 08.07.2026 | 08.07.2026 | 10.08.2026 | 11.08.2026 |

ଆବେଦନ ଫର୍ମ, ବିସ୍ତୃତ ବିବରଣୀ ଏବଂ ସଂଲଗ୍ନ ହୋଇଥିବା ଆବଶ୍ୟକ ଦଲିଲର ସୂଚୀ www.eastcoastrail.indianrailways.gov.inରୁ ଡାଉନଲୋଡ କରାଯାଇପାରିବ।
PR-291/R/26-27 — ମୁଖ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ଭୁବନେଶ୍ୱର

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
ADMINISTRATIVE OFFICE BUILDING, NEAR BURLA POWER HOUSE
BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
4001/197/2627

No. HHEP/Tech-W-126/4(Vol-I)/5318 Date : 09.07.2026

**TENDER CALL NOTICE NO. HHEP-56/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the reputed Firms / Service Contractors / Agencies for the following work as mentioned below

| Name of work | Cost of tender paper (Non-Refundable) in Rs. | EMD in Rs. |
|---|---|---|
| Job contract for operation of canteen service & caretaking of Erectors' Hostel, canteen service of Power House canteen, cafeteria of Administrative Building of HHEP, Burla. | Rs. 7080/- (Rs. 6000 /- + GST 18%) | 21000/- |

- Sale of tender paper: 13.07.2026 (10.00AM) to 27.07.2026 upto 01.00PM
- Receipt of tender paper : 27.07.2026 upto 01.30 PM
- Date & time of opening of tender: 27.07.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in.

Sd/-
C&P Head, HHEP, Burla
OIPR-4001/4007/1/26-27/0016

24001/282/2627

**ପଞ୍ଚାୟତ ସମିତି, ମାଲକାନଗିରି**

**PANCHAYAT SAMITI, MALKANGIRI**

Dist: MALKANGIRI
Pin : 764048
Ph No. : 06861 – 231219
Fax : 06861 – 231219
E-mail : ori-bmalkangiri@nic.in

**TENDER CALL NOTICE NO – 02/2026-27**

The Block Development Officer, Malkangiri invites sealed tender on behalf of Governor of Odisha from registered and eligible Contractors of the State P.W.D (R&B) / Water Resources / Rural Works / M.I. / C.P.W.D for the following works eventually to be drawn up in the P.W.D. F-2 forms in conformity with the Detailed Tender Call Notice.

| Sl. No. | Name of the G.P. | Name of the work | Amount put to tender (in Rs) | Cost of tender paper (in Rs) | E.M.D. | Time for completion of work (in months) | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Pandripani | Construction of Market shed (complex) at Pandripani (Serpalli Chowk) | 10,65,273/- | 6000/- | 1% of Tender value | 04(Four) Months | "D" & "C" |
| 2 | Sikhpalli | Construction of Market complex at MV 17 chowk near SBI | 14,98,227/- | 6000/- | 1% of Tender value | 04(Four) Months | "D" & "C" |

*Note- The amount put to Tender is excluding the GST. GST applicable on works/contracts shall be paid over the bill amount at the time of payment of bill.*

1. **Cost of Tender Paper** :- Bids Must be accompanied with amount specified towards paper cost of the work as mentioned in the table (Col No. 5) above in shape of Demand Draft ( non-refundable) drawn in any Nationalized Bank/ Scheduled Bank in favour of **Block Development officer, Malkangiri.**
2. **Sale of Tender papers**:- The Tender documents can be accessed in the Govt./ Malkangiri website https://malkangiri.odisha.gov.in only from 10.07.2026 to 23.07.2026. No tender paper will be sold by Panchayat Samiti, Malkangiri or any other offices. Interested bidders will have to download the bid documents from the same website only i.e. https://malkangiri.odisha.gov.in from 10.07.2026 to 23.07.2026.
3. **Date of receipt and mode of submission tender paper**: - The Tenderers have to submit the sealed tender papers in complete shape through Registered Post /Speed Post only. The last date of receipt of tender paper is 23.07.2026 (5.00 PM). The undersigned will not be responsible for postal delay if any or non receipt of the paper in time. The name of the project for which tender paper is filled should be written legibly on the cover in which all the required papers are kept and sealed.
4. **Date of Opening of Tender Paper**: The tender papers shall be opened on 24.07.2026 at 11.00 AM in Panchayat Samiti, Malkangiri in presence of the Tenderers or their authorized representatives having written authorization for the purpose and the Tender Committee.

*N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.*

Block Development Officer
Malkangiri.
OIPR-24001/24532/1/26-27/0001

8001/202/2627

**Interview for Engagement of Wildlife Veterinarian for Puri Wildlife Division**

Divisional Forest Officer, Puri Wildlife Division, invites Applications from the Interested Candidates for engagement of **One Wildlife Veterinarian** in Puri Wildlife Division. The scheduled date of interview shall be communicated to the shortlisted candidates through email/contact number provided in the application form. The application form along with detailed terms and conditions shall be available on the website: www.puri.odisha.gov.in / www.puri.nic.in / www.odishaforest.in **From 10.07.2026 to 20.07.2026.**

Candidates interested in contractual engagement as **Wildlife Veterinarian** for **Mobile Veterinary Unit** in Puri Wildlife Division may avail the opportunity through applying for the interview to be conducted at Divisional Forest Office, Puri Wildlife Division, Puri. Engagement for this post is purely contractual and the engagement can be terminated at any time in case of unsatisfactory performance, non-availability of funds, or any other reasons. Initial engagement will be for **06 months**.

The candidates need to send all these documents to the office of the undersigned by **e-mail/Registered Post/Speed Post/Courier** on or before **20th July, 2026**. Tentative date of interview will be communicated to the shortlisted candidates through the email/contact number provided in the Application Form.
**E-mail ID:** dfo.puriwl@odisha.gov.in
**Post/Courier Address:** O/o the Divisional Forest Officer, Puri Wildlife Division, Chakratirtha Road, Puri, Odisha – 752002.

Sd/- Divisional Forest Officer
Puri (WL) Division, Puri
OIPR-8001/8140/1/26-27/0006

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 720, dated 07.07.2026, I, ARJUN PANKA, Son of- Bishukh Panka, permanent resident of Village- Badagumuda, PO - Badagumuda, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from ARJUN PANAKA to ARJUN PANKA. Henceforth, I shall be known as **ARJUN PANKA** for all purposes.
Sd/- Arjun Panka

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1032, dated 06-07-2026, I, DEBENDRA KACHIM, S/o - Tularam Kachim, permanent resident of Village - Pakhanaguda, PO - Taragam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from PUJA SRABANI HARIJAN to SRABANI KACHIM. Henceforth, she shall be known as **SRABANI KACHIM** for all purposes.
Sd/- Debendra Kachim

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 1046, dated 06-07-2026, I, FULA BHATRA, W/o - Mukunda Bhatra, permanent resident of Village - Deodara, PO - Chatahandi, PS - Kodinga, Dist- Nabarangpur, Odisha, Pin - 764075, declare that I have changed the name of my Daughter from SASWATI BHATRA to SARASWATI BHATRA. Henceforth, she shall be known as **SARASWATI BHATRA** for all purposes.
Sd/- Fula Bhatra

**AFFIDAVIT**

By virtue of an affidavit no- 2198, dated- 16/6/2026 sworn before Executive Magistrate, Banpur, declare that I, Pratima Sethi, aged about- 53 years, W/o- Niranjan Sethi of Address At / Po- Badahantuada, Ps- Banpur, Dist- Khurdha, Odisha, Pin-752031, declare that I have changed my name from Sukanti Sethi to Pratima Sethi. Henceforth, I Pratima Sethi & Sukanti Sethi both are one and same person. But now onwards I shall be known as **Pratima Sethi**, for all future purposes.
Pratima Sethi

**AFFIDAVIT FOR MINOR**

By virtue of an affidavit no- 2551, dated- 8/7/2026 sworn before Executive Magistrate, Banpur, declare that I, Dillip Pradhan, aged about- 38 years, S/o- Gauranga Pradhan of Address At- Balipadar, Po- Banpur, PS- Banpur, Dist-Khordha, Odisha, Pin-752031, declare that I have changed the name of my minor son from Santanu Pradhan to Santunu Pradhan. Henceforth, he shall be known as **Santunu Pradhan** for all purposes.
Santunu Pradhan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 974, dated 19-06-2026, I, USHABATI BHATRA, W/o - Tulasi Bhatra, permanent resident of Village - Kusumiguda, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed the name of my Son from BHAGBAN BHATRA to SHIVA BHATRA. Henceforth, he shall be known as **SHIVA BHATRA** for all purposes.
Sd/- Ushabati Bhatra

**AFFIDAVIT**

I, Iswara Meher, aged about 32 years, S/o- Tejraj Meher, resident of Vill: Jamala, PO: Jamala, PS: Padampur, Dist: Bargarh, pin- 768049,Odisha declared by this affidavit No. 17, date- 10.07.2026 that now onwards I shall be known as **ISWAR MEHER** for all future purposes.

## କୁଜଙ୍ଗ ଏନ୍‌ଏସି ପାଇଁ କାଗଜପତ୍ର ପ୍ରସ୍ତୁତି ଶେଷ

# ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଅପେକ୍ଷା

କୁଜଙ୍ଗ,୧୧।୭ (ସମିସ)




ଜଗତସିଂହପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଐତିହାସିକ, ବାଣିଜ୍ୟିକ ଓ ଶିଳ୍ପ ସହର ସଲଗ୍ନ ଅଞ୍ଚଳ କୁଜଙ୍ଗକୁ ଏନ୍‌ଏସି ଘୋଷଣା ପାଇଁ ବାଟ ଫିଟିଛି। ଜିଲ୍ଲା ପ୍ରଶାସନ ଏନେଇ ଆବଶ୍ୟକ କାଗଜାତ ଓ ସୁପାରିସ ପତ୍ର ଓଡିଶା ସରକାରଙ୍କ ନଗର ଉନ୍ନୟନ ବିଭାଗରେ ଦାଖଲ କରିସାରିଛି। କାଗଜପତ୍ର ମଧ୍ୟରେ ନଗର ଉନ୍ନୟନ ବିଭାଗରୁ ଆସିଥିବା ଜଗତସିଂହପୁର ଜିଲ୍ଲାପାଳଙ୍କୁ ପତ୍ର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର , ଡିଆରଡ଼ିଏ (ଡୁଡା) ର ପତ୍ର ଓ କୁଜଙ୍ଗ ବିଡିଓଙ୍କ ସୁପାରିସ ପତ୍ର ସହିତ କୁଜଙ୍ଗ ବଜାର ନିକଟସ୍ଥ ପାଞ୍ଚ ପଞ୍ଚାୟତ ସଭାର ନିଷ୍ପତ୍ତି ପତ୍ରର ସମସ୍ତ ପତ୍ର ବିନିମୟର କାଗଜାତ ପତ୍ର ନଗର ଉନ୍ନୟନ ବିଭାଗରେ ଦାଖଲ ହୋଇଥିବା ଜଣାପଡିଛି। ନୂଆ ଏନ୍‌ଏସିରେ ମୁଖ୍ୟାଳୟ କୁଜଙ୍ଗ ପଞ୍ଚାୟତ, ମଙ୍ଗରାଜପୁର, ବାଗୋଇ, ବାଲିଆ ଓ ଗୋପିଆକୁଦର ପାଞ୍ଚ ପଞ୍ଚାୟତର ୧୭ଟି ଗ୍ରାମର ୩୫ ହଜାର ଲୋକ ସଂଖ୍ୟାରେ ଗଠନ ପାଇଁ ପ୍ରଶାସନିକ ସୁପାରିସ ହୋଇଛି। କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାଯିବାକୁ ଆନ୍ଦୋଳନ କରୁଥିବା କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଏଥିନେଇ ପୁନର୍ବାର ଜିଲ୍ଲାପାଳଙ୍କ ଜଣାଶୁଣାଣିରେ ଏନ୍‌ଏସି ଘୋଷଣା ପାଇଁ ସରକାରଙ୍କୁ ଦାବିପତ୍ର ଦିଆଯିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାଗଜ ପତ୍ର କାମ ଶେଷ କରାଯାଇଛି। ଘୋଷଣା ସରକାରଙ୍କ ପକ୍ଷରୁ ହେବ ବୋଲି କୁହାଯାଇଛି। ସଚେତନ ନାଗରିକ ମଞ୍ଚ ଆବାହକ ଡ. ରଘୁନାଥ ସାହୁଙ୍କୁ ପ୍ରଶାସନ ପକ୍ଷରୁ ସମସ୍ତ କାଗଜ ପତ୍ରର କପି ମେଲ୍ ଯୋଗେ ପଠେଇ ଦିଆଯାଇଥିବା ସ୍ପଷ୍ଟ ହୋଇଛି। ଏବେ କେବଳ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ବାକି ରହିଛି। ତେବେ ନୂଆ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଖୁସି ଅବସରରେ ତୁରନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରନ୍ତୁ ବୋଲି ଦାବି ଜୋରଦାର ହୋଇଛି। ଆସନ୍ତା ସପ୍ତାହରେ ଜନସଚେତନତା ପାଇଁ ଦସ୍ତଖତ ଅଭିଯାନ ଶିବିର କୁଜଙ୍ଗରେ ଅନୁଷ୍ଠିତ ହେବ ଓ ଘୋଷଣା ବିଳମ୍ବ ହେଲେ ନାଗରିକ ମଞ୍ଚ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ଆବାହକ ଡ. ସାହୁ ଓ ମଞ୍ଚ ବରିଷ୍ଠ ଉପଦେଷ୍ଟା ପୀତାମ୍ବର ତରାଇଙ୍କ ସମେତ ଉପସ୍ଥିତ କୁଜଙ୍ଗ ସଚେତନ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତାମାନେ ପ୍ରକାଶ କରିଛନ୍ତି।

ମଞ୍ଚ ପକ୍ଷରୁ ସୂଚନା ଅନୁଯାୟୀ ଅବିଭକ୍ତ କଟକ ଜିଲ୍ଲାର (ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ) କୁଜଙ୍ଗ ବିଗତ ୫ ଶହ ବର୍ଷର ଏକ ଐତିହାସିକ, ସାଂସ୍କୃତିକ ଓ ପ୍ରାଚୀନତମ ବାଣିଜ୍ୟ ସହର। ଦେଶ ସ୍ୱାଧୀନତା ଆନ୍ଦୋଳନରେ କୁଜଙ୍ଗର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ। ଓଡିଶା ବିକାଶର ମୁଖଶାଳା ପାରାଦୀପ ବନ୍ଦର ଓ ତତ୍‌ସଂଲଗ୍ନ ଶିଳ୍ପ ନଗରୀ କୁଜଙ୍ଗ ତହସିଲ ଅନ୍ତର୍ଗତ। କୁଜଙ୍ଗ ଲୋକଙ୍କ ଚାଷ ଜମିରେ ପାରାଦୀପ ଶିଳ୍ପ ଠିଆ ହେଇଛି। ସବୁଠୁ ଗୁରୁତ୍ୱପୂର୍ଣ କଥା, କୁଜଙ୍ଗକୁ ବିଚାର ବିଭାଗୀୟ ଜିଲ୍ଲା ମାନ୍ୟତା ମିଳିସାରିଛି। କୁଜଙ୍ଗରେ ଏବେ ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟ ସହିତ ମୋଟ ୫ ଟି କୋର୍ଟ ସ୍ଥାପନ ହୋଇ କାର୍ଯ୍ୟ କରୁଛି। କୁଜଙ୍ଗ ଥାନା, ତହସିଲ, ବ୍ଲକ, ଜେଲ, ରେଜେଷ୍ଟ୍ରି କାର୍ଯ୍ୟାଳୟ, ଜିଲ୍ଲା ଉପ-ଫିସାରି, ଏଗ୍ରିକଲଚର, ପୋଷ୍ଟ ମଟମ ସେଣ୍ଟର, ୧୦ରୁ ଊର୍ଦ୍ଧ୍ୱ ସରକାରୀ ବେସରକାରୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ଗ୍ରାମ ଉନ୍ନୟନ ଓ ଜଳ ସମ୍ପଦ କାର୍ଯ୍ୟାଳୟ ସମେତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି। କୁଜଙ୍ଗର ସରକାରୀ ମାର୍କେଟ କମ୍ପ୍ଲେକ୍ସ ମଧ୍ୟରେ ଶତାଧିକ ସଂଖ୍ୟାରେ ଦୋକାନ ଘର ରହିଛି। କୁଜଙ୍ଗର ପାନ ଓ ମାଛ ଶୁଖୁଆ ରାଜ୍ୟ ତଥା ରାଜ୍ୟ ବାହାରକୁ ରପ୍ତାନୀ କରାଯାଉଛି। ପାରାଦୀପ ଶିଳ୍ପ କରିଡର କୁଜଙ୍ଗକୁ ଛୁଇଁଥିବାରୁ ବାହାର ଅଞ୍ଚଳର ହଜାର ହଜାର ଲୋକେ କୁଜଙ୍ଗରେ ବସତି ସ୍ଥାପନ କରିବାରୁ ଜନସଂଖ୍ୟା ବଢିଛି ଓ କୁଜଙ୍ଗ ବଜାର ଏବେ ଏକ ବୃହତ ବ୍ୟବସାୟିକ କେନ୍ଦ୍ରରେ ପରିଣତ ହୋଇଛି। କୁଜଙ୍ଗକୁ ଏନ୍‌ଏସି ଘୋଷଣା ଦାବି ଜୋରଦାର ହୋଇ କୁଜଙ୍ଗ ବନ୍ଦ ଆନ୍ଦୋଳନ ପରେ ତତ୍‌କାଳିନ ବିଜେଡି ସରକାରଙ୍କ ନିର୍ଦ୍ଦେଶରେ କୁଜଙ୍ଗର ଭିତ୍ତିଭୂମି ତନଖିବାକୁ ତା୧୧-୩-୨୦୨୪ ରିଖରେ ଏକ ସରକାରୀ ଦଳ କୁଜଙ୍ଗ ଗସ୍ତକରି ଥିଲେ। ଉକ୍ତ ସରକାରୀ ଦଳଙ୍କ ରିପୋର୍ଟ ପ୍ରଦାନ ପରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତା ୧୪-୦୩-୨୦୨୪ ରିଖରେ କୁଜଙ୍ଗକୁ ବିଜ୍ଞପିତ ଅଞ୍ଚଳ ପରିଷଦ ଘୋଷଣା କରିଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା, ବର୍ତ୍ତମାନ ବିଜେପି ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିବା ବେଳେ କୁଜଙ୍ଗକୁ ଅଣଦେଖା କରିବା କୁଜଙ୍ଗବାସୀଙ୍କୁ ହତବାକ କରିଥିଲା। ଏ ନେଇ ଗତ ୯-୯-୨୦୨୫ ରିଖରେ କୁଜଙ୍ଗ ବନ୍ଦ ଡାକରା ଦିଆଯାଇଥିଲା। ତେବେ ବନ୍ଦ ଡାକରା ଅବ୍ୟବହିତ ପୂର୍ବରୁ ତା ୫-୯-୨୦୨୫ ରିଖରେ ସ୍ଥାନୀୟ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପାରାଦୀପ ସର୍କିଟ ହାଉସଠାରେ ଆନ୍ଦୋଳନକାରିଙ୍କ ସଂଗଠନ କୁଜଙ୍ଗ ସଚେତନ ନାଗରିକ ମଞ୍ଚର ନେତୃତ୍ୱମାନଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ସ୍ୱାଇଁ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସହ ଆଲୋଚନା କରି ଆବଶ୍ୟକ କାଗଜ ପତ୍ର ଠିକ କରାଯାଇ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ତ୍ତମାନ ସମସ୍ତ କାଗଜପତ୍ର ଶେଷ ହୋଇଛି। ତୁରନ୍ତ ମୁଖ୍ୟମନ୍ତ୍ରୀ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାଯାଉ ବୋଲି ସଚେତନ ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଆଜିର ସାମ୍ବାଦିକ ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ପ୍ରିୟମ୍ବଦା ପାଣି, କୁଜଙ୍ଗ ଓକିଲ ସଂଘ ସମ୍ପାଦକ ରଂଜିତ ବିଶ୍ୱାଳ, କୁଜଙ୍ଗ ପ୍ରେସ୍ କ୍ଲବ ସମ୍ପାଦକ ଦୁଷ୍ମନ୍ତ ମାଝୀ, ବିଜୟ ଖଟେଇ, ରାମଦାସ ମହାନ୍ତି, ସୁଶାନ୍ତ ଦାସ ଓ ରଶ୍ମିରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ତଞ୍ଚକତା କରି କୋଟିଏରୁ ଊର୍ଦ୍ଧ୍ୱ ଠକେଇ

## ବିଦେଶରେ ରହୁଥିବା ସାଙ୍ଗକୁ ଠକି ଅଭିଯୁକ୍ତ ଫେରାର

ଜଗତସିଂହପୁର,୧୧।୭ (ସମିସ): ବିଦେଶରେ ରହୁଥିବା ଜଣେ ସାଙ୍ଗ ଠାରୁ ତଞ୍ଚକତା କରି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୁକ୍ତ ଫେରାର ହୋଇଯିବା ଘଟଣା ଜଗତସିଂହପୁର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଜଗତସିଂହପୁର ଥାନା ଅନ୍ତର୍ଗତ ସାଂପୁର ଗ୍ରାମରେ। ବିଦେଶରେ ରହୁଥିବା ମନୋରଞ୍ଜନ ସାହୁ (ବୁଲୁ) ଙ୍କୁ ତାଙ୍କ ସାଙ୍ଗ ମଇଉଦିନପୁର ପଟଣା ବନମାଳୀପୁର ଗ୍ରାମର ରଞ୍ଜନ ପରିଡା (ଟିକି) ବ୍ୟବସାୟ କରିବାକୁ କହି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଥିବା ଜଗତସିଂହପୁର ଥାନାରେ ଅଭିଯୋଗ ହୋଇଛି। ସାଂପୁର ଗ୍ରାମର କାଶୀନାଥ ସାହୁଙ୍କ ପୁଅ ମନୋରଞ୍ଜନ ସାହୁ ଏବଂ ମଇଉଦିନପୁର ପଟଣା ଗ୍ରାମର ନିରଞ୍ଜନ ପରିଡାଙ୍କ ପୁଅ ରଞ୍ଜନ ପରିଡା ଦୁହେଁ ବାଲ୍ୟ ବନ୍ଧୁ। ମନୋରଞ୍ଜନ ଅନେକ ବର୍ଷ ହେବ ଆମେରିକାରେ ରୁହନ୍ତି ଏବଂ ବାଲ୍ୟ ସାଙ୍ଗ ରଞ୍ଜନ ପରିଡା ଛୋଟ ମୋଟ ବ୍ୟବସାୟ କରିବା ନିମନ୍ତେ ମନୋରଞ୍ଜନଙ୍କ ଠାରୁ ପ୍ରଥମେ ଲକ୍ଷାଧିକ ଟଙ୍କା ଆକାଉଣ୍ଟ ପେ’ ମାଧ୍ୟମରେ ନେଇଥିଲେ। ପରେ ଏଥିରୁ କିଛି ଟଙ୍କା ଫେରସ୍ତ କରିଥିଲେ। ତେବେ ଦୁଇ ବନ୍ଧୁଙ୍କ ମଧ୍ୟରେ ବିଶ୍ୱାସ ଜମିବା ପରେ ରଞ୍ଜନ ପରିଡା ଏକ ଖାତା ଫାକ୍ଟ୍ରି କରିବା ନିମନ୍ତେ ମନୋରଞ୍ଜନଙ୍କ ଠାରୁ ବିଭିନ୍ନ ପର୍ଯ୍ୟାୟରେ ଆକାଉଣ୍ଟ ପେ’ ଜରିଆରେ ଏକ କୋଟି ଏକତିରିଶି ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ଆଉ ଟଙ୍କା ଫେରାଇବା ବଦଳରେ ବିଭିନ୍ନ ବାହାନା ଦେଖାଇଥିଲେ। ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ସମସ୍ତ ପରିଶୋଧ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ ରଞ୍ଜନ। ହେଲେ ବିଡମ୍ବନାର ବିଷୟ ରଞ୍ଜନ ପରିଡା ଟଙ୍କା ଫେରସ୍ତ କରିବାରେ ବାରମ୍ବାର ଖିଲାପ କରିବାରୁ ଅନେକବାର ଗ୍ରାମର ମୁରବିମାନଙ୍କ ମଧ୍ୟରେ ଘଟଣା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେଥିରେ ବ୍ୟତିକ୍ରମ ପରିଲକ୍ଷିତ ହେବାରୁ ମନୋରଞ୍ଜନ ଜଗତସିଂହପୁର ଥାନା ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ପୁନର୍ବାର ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ଥାନା କର୍ତ୍ତୃପକ୍ଷ ଉଭୟ ପକ୍ଷଙ୍କୁ ଡାକି ଆପୋସ ସମାଧାନ କରି ମନୋରଞ୍ଜନଙ୍କ ଠାରୁ ରଞ୍ଜନ ପରିଡା ନେଇଥିବା ସମସ୍ତ ଟଙ୍କା ପରିଶୋଧ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ହେଲେ ପରବର୍ତ୍ତୀ ସମୟରେ ରଞ୍ଜନ ଟଙ୍କା ନ ଫେରାଇ ଫେରାର ହୋଇଗଲା। ସାଙ୍ଗ ଠାରୁ ତଞ୍ଚକତା କରି ବ୍ୟାପକ ଠକେଇ କରି କାକଟପୁର ଅଞ୍ଚଳର ବାଜପୁର ଅଞ୍ଚଳରେ ରହି ବୃହତକାୟ ଅଟ୍ଟାଳିକା ନିର୍ମାଣ କରି ସ୍ତ୍ରୀ, ଶଶୁର, ଶଳା ପ୍ରମୁଖ ଠକି ନେଇଥିବା ଟଙ୍କାରେ ବ୍ୟବସାୟ କରୁଛନ୍ତି। ବିଶେଷ ସୂତ୍ରରୁ ଖବର ପାଇବା ପରେ ଘଟଣା ସମ୍ପର୍କରେ ମନୋରଞ୍ଜନଙ୍କ ମା’ ସ୍ୱର୍ଣ୍ଣଲତା ସାହୁ ଜଗତସିଂହପୁର ଏସ୍‌ପି, ଡିଜି ପୁଲିସ, ଗୃହ ସଚିବଙ୍କ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏଭଳି ବିଶ୍ୱାସ ଘାତକ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ କରି ସମସ୍ତ ଟଙ୍କା ପରିଶୋଧ କରିବାକୁ ମନୋରଞ୍ଜନଙ୍କ ବାପା କାଶୀନାଥ ସାହୁ ନିବେଦନ କରିଛନ୍ତି।

■ ଆଫ୍ରିକୀୟ ଜାହାଜରେ ଲୋଡିଂ ବେଳେ ଅଘଟଣ

## କ୍ରେନରୁ ଷ୍ଟିଲ୍ ସ୍ଲାବ୍ ଖସି ଫାଟିଲା ଜାହାଜ



ପାରାଦୀପ,୧୧।୭ (ସମିସ): ପାରାଦୀପ ବନ୍ଦର ପିଆଇସିଟି ବର୍ଥରେ ଘଟିଛି ଅଘଟଣ। ସୂଚନା ମୁତାବକ ଜାହାଜରେ ଓଜନିଆ ଷ୍ଟିଲ ସ୍ଲାବ୍ ଲୋଡ ହେଉଥିବା ବେଳେ ଘଟିଥିଲା ଏହି ଅଘଟଣ। ଏହି ସ୍ଲାବ ଗୁଡିକ କ୍ରେନ ସାହାଯ୍ୟରେ ଜାହାଜରେ ଲୋଡ୍ ହେଉଥିବା ବେଳେ ଗୋଟିଏ ସ୍ଲାବ କ୍ରେନରୁ ତଳକୁ ଖସି ପଡ଼ିଥିଲା। ଯାହା ଫଳରେ ଜାହାଜର ହାଚ୍ ଫାଟି କଣା ହୋଇଯାଇଛି। ସେହି ଫଟା ସ୍ଥାନରୁ ପାଣି ପିଚକାରୀ ମାରି ବାହାରିବା ସହିତ ଜାହାଜରେ ପାଣି ପଶିଯାଇଥିଲା। ତେବେ ସଙ୍ଗେ ସଙ୍ଗେ ଜାହାଜରେ ଲୋଡିଂ ବନ୍ଦ ହୋଇଯାଇଥିଲା। ଖବର ପାଇବା ପରେ ବନ୍ଦର ଇଞ୍ଜିନିୟରିଂ ବିଭାଗ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ସନ୍ଧ୍ୟା ସୁଦ୍ଧା ମରାମତି କାର୍ଯ୍ୟ ଶେଷ ହେବା ପରେ ପୁଣି ଲୋଡିଂ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ସେପଟେ ଜାହାଜରେ ମଧ୍ୟ ଅଧିକ ମରାମତି କାର୍ଯ୍ୟ ଚାଲୁ ରହିଥିଲା। ତେବେ ଏହି ଜାହାଜଟି ଆଫ୍ରିକାର ଜାହାଜ ହୋଇଥିବା ବେଳେ ପାରାଦୀପ ବନ୍ଦରକୁ ମାଲ ନେବା ଲାଗି ପିଆଇସିଟି ବର୍ଥରେ ଲାଗିଥିଲା। ମାଲ ଲୋଡ୍ ବେଳେ ଏଭଳି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

## ଶାସନ ଅଳାଭର ଉଚ୍ଚବିଦ୍ୟାଳୟରେ ଯୋଗଦେଲେ ୨ ଶିକ୍ଷକ

ବାଲିକୁଦା,୧୧।୭ (ସମିସ): ଦୀର୍ଘଦିନ ଧରି ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବ୍ୟାହତ ହେଉଥିବା ବାଲିକୁଦା ବ୍ଲକ ଅନ୍ତର୍ଗତ ଶାସନ ଅଳାଭର ଉଚ୍ଚବିଦ୍ୟାଳୟର ସମସ୍ୟାର ଅବଶେଷରେ ସମାଧାନ ହୋଇଛି। ସରକାରଙ୍କ ତ୍ୱରିତ ପଦକ୍ଷେପ ଫଳରେ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଯୋଗଦେବା ପରେ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଗାଦିବ୍ରହ୍ମ ଉଚ୍ଚବିଦ୍ୟାଳୟ, ଅପଣ୍ଡରାର କଳା ଶିକ୍ଷକ ଅନନ୍ତ କୁମାର ମୁଦୁଲି ପୂର୍ଣ୍ଣକାଳୀନ ଶିକ୍ଷକ ଭାବେ ଯୋଗଦେଇଥିବା ବେଳେ କନକେଶ୍ୱର ଉଚ୍ଚବିଦ୍ୟାଳୟ, କଁଅପୁରର ବିଜ୍ଞାନ ଶିକ୍ଷକ ନିହାର ରଞ୍ଜନ କର ସପ୍ତାହକୁ ତିନିଦିନ ଶିକ୍ଷାଦାନ ପାଇଁ ବିଦ୍ୟାଳୟରେ ଯୋଗଦେଇଛନ୍ତି। ଦୁଇ ଶିକ୍ଷକଙ୍କୁ ବିଦ୍ୟାଳୟରେ ସ୍ୱାଗତ କରିବା ପାଇଁ ପରିଚାଳନା ସମିତି, ପ୍ରାକ୍ତନ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଫୁଲମାଳ ପିନ୍ଧାଇ ସମ୍ବର୍ଦ୍ଧନା ଜଣାଇଥିଲେ। ସଙ୍କୀର୍ତ୍ତନ ମାଧ୍ୟମରେ ସେମାନଙ୍କୁ ବିଦ୍ୟାଳୟ ପରିସରକୁ ପାଛୋଟି ନେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ସୃଷ୍ଟି କରିଥିଲା। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ସମସ୍ୟାର ତ୍ୱରିତ ସମାଧାନ କରିଥିବାରୁ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଗଗନ ବିହାରୀ ଶତପଥୀ, ପରିଚାଳନା ସମିତି ସଭାପତି କୃଷ୍ଣଚନ୍ଦ୍ର ଶତପଥୀ, ସଦସ୍ୟ



ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରକାଶ ଚନ୍ଦ୍ର ପରିଜା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉମାନାଥ ମିଶ୍ର, ତ୍ରିଲୋଚନ ଶତପଥୀ, ପ୍ରବୋଧ କୁମାର ମହାନ୍ତି, ପୁରାତନ ଛାତ୍ର ସଂସଦ ସଦସ୍ୟ ବିରଞ୍ଚି ନାରାୟଣ ଶତପଥୀ, ରାଜେନ୍ଦ୍ର ଶତପଥୀ, ଚନ୍ଦ୍ରଶେଖର ଶତପଥୀ, ଅଳାଭର ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ବିଭୂତି ଭୂଷଣ ସ୍ୱାଇଁ ପ୍ରମୁଖ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଜିଲ୍ଲା ଶିକ୍ଷା ଅଧିକାରୀ ଓ ଖବରକୁ ପ୍ରାଧାନ୍ୟ ଦେଇ ପ୍ରକାଶ କରିଥିବା ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେମାନେ କହିଛନ୍ତି ଯେ, ବିଦ୍ୟାଳୟରେ ଏପର୍ଯ୍ୟନ୍ତ ରହିଥିବା ଅନ୍ୟାନ୍ୟ ଖାଲି ଶିକ୍ଷକ ପଦବୀ ମଧ୍ୟ ଶୀଘ୍ର ପୂରଣ କରାଗଲେ ଶିକ୍ଷାର ଗୁଣାତ୍ମକ ମାନ ଆହୁରି ବୃଦ୍ଧି ପାଇବ ଏବଂ ଅନୁଷ୍ଠାନ ତାହାର ପୂର୍ବ ଗୌରବ ଫେରିପାଇବ। ଶିକ୍ଷକ ଅଭାବ ସମସ୍ୟାର ଆଂଶିକ ସମାଧାନକୁ ଅଞ୍ଚଳବାସୀ ସ୍ୱାଗତ କରିଥିବା ବେଳେ, ଅବଶିଷ୍ଟ ପଦବୀଗୁଡ଼ିକୁ ମଧ୍ୟ ତୁରନ୍ତ ପୂରଣ କରିବାକୁ ସରକାରଙ୍କ ନିକଟରେ ଦାବି ଉଠିଛି।

## ଏସ୍‌ଭିଏମ୍ କଲେଜରେ ବନ ମହୋତ୍ସବ



ଜଗତସିଂହପୁର,୧୧।୭ (ସମିସ): ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପାଳିତ ହୋଇଛି ବନ ମହୋତ୍ସବ। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ବୃକ୍ଷ ଚାରାରୋପଣ କରାଯାଇଥିଲା। ଅଧ୍ୟକ୍ଷା ଡ. ସୁଜାତା ଓଝା ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ବନ ମହୋତ୍ସବ ପାଳନର ଆଭିମୁଖ୍ୟ ଏବଂ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥାର ସଂଯୋଜକ ଯତୀନ୍ଦ୍ର ପରମାଣିକଙ୍କ ନେତୃତ୍ୱରେ ଏହି ବୃକ୍ଷ ରୋପଣ କରାଯାଇଥିବା ବେଳେ ଏନସିସି, ସ୍କାଉଟ ଗାଇଡ୍ସ, ରୋଭର ରେଞ୍ଜର ଏବଂ ସ୍ୱଚ୍ଛତା ବାହିନୀର ସଦସ୍ୟ/ସଦସ୍ୟା ମାନେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନିହାର ରଞ୍ଜନ ସ୍ୱାଇଁ, ଦିଲ୍ଲୀପ ମୁଦୁଲି, ଅମୃତାୟନ ପ୍ରିୟଦର୍ଶୀନ, ଜ୍ୟୋତିର୍ମୟୀ ଦାଶ ଏବଂ ବିଦ୍ୟୁତପ୍ରଭା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳୁନି ହାଇମାଷ୍ଟ ଲାଇଟ୍



କୁଜଙ୍ଗ,୧୧।୭ (ସମିସ): ବାଲିତୁଠ ପଞ୍ଚାୟତ ଅଫିସ ସାମନା ବାରୁଣୀ ପଡିଆରେ ଥିବା ହାଇମାଷ୍ଟ ଲାଇଟ ଦୀର୍ଘଦିନ ହେବ ଅଚଳ ହୋଇପଡ଼ିଥିବା ଜଣାପଡିଛି। ଏହି ସ୍ଥାନଟି ବେଶ ଗୁରୁତ୍ୱପୂର୍ଣ୍ଣ ଅଟେ। କାରଣ ଏଠି ହାଟ ବଜାର ଓ ନିକଟରେ ଏକ ବିଦ୍ୟାଳୟ ଅଛି। ଏଣୁ ତୁରନ୍ତ ଏହି ହାଇମାଷ୍ଟ ଲାଇଟକୁ ମରାମତି କରିବା ପାଇଁ ବାଲିତୁଠ ହାଟ ବ୍ୟବସାୟୀ ଓ ଜନସାଧାରଣ ମାନେ ଦାବି କରିଛନ୍ତି।

## ଜଳବାୟୁ ପରିବର୍ତ୍ତନ କର୍ମଶାଳା ଓ ବନ ମହୋତ୍ସବ



ବାଲିକୁଦା,୧୧।୭ (ସମିସ): ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଜଳବାୟୁ ପରିବର୍ତ୍ତନ କର୍ମଶାଳା ଓ ବନ ମହୋତ୍ସବ କାର୍ଯ୍ୟକ୍ରମ ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତର ତାଳଗାଁସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସଭାପତି ତଥା “ପ୍ରକୃତିବନ୍ଧୁ” ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅପଣ୍ଡରା ସରପଞ୍ଚ ଉର୍ମିଳା ସାହୁ ମୁଖ୍ୟଅତିଥି, ସାଂସଦ ପ୍ରତିନିଧି ପ୍ରଶାନ୍ତ କୁମାର ସ୍ୱାଇଁ ମୁଖ୍ୟ ବକ୍ତା ଏବଂ ଶିକ୍ଷାବିତ୍ ପ୍ରେମାନନ୍ଦ ପରିଡା ଓ ପବିତ୍ର କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ବୃକ୍ଷ ସଂରକ୍ଷଣ ଓ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ତିହୁଡିମରିଚପୁର ମୁଖ୍ୟ ରାସ୍ତାର ଓଳାଶ ଛକରୁ ତାଳଗାଁ ଛକ ପର୍ଯ୍ୟନ୍ତ ପ୍ରାୟ ୧୫୦ଟି ଚାରାରୋପଣ କରାଯାଇଥିଲା। ଏହାସହ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ ପ୍ରଜାତିର ଚାରା ବଣ୍ଟନ କରାଯାଇ ସେଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନେବା ପାଇଁ ଅନୁରୋଧ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ପରିଡା, ସଂଯୋଜକ ଅକ୍ଷୟ କୁମାର ବେହେରା, କାର୍ଯ୍ୟାଳୟ ସମ୍ପାଦକ ଜ୍ଞାନେନ୍ଦ୍ର ବାରିକ, ଉପସଭାପତି ସରୋଜ ନାୟକ ଓ ସହ-ସମ୍ପାଦକ ପ୍ରଫୁଲ୍ଲ ଦଳାଇ ପ୍ରମୁଖ ପରିବେଶ ସୁରକ୍ଷାରେ ସାମୂହିକ ଅଂଶଗ୍ରହଣର ଆବଶ୍ୟକତା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରଶାନ୍ତ କୁମାର ମହାନ୍ତି, ବିଭୂତି ନାୟକ, ବିଶ୍ୱଜିତ ବରାଳ, ପ୍ରମୋଦ ବରାଳ, ଛଇଳମଣୀ ଦଳାଇ, କାଳନ୍ଦୀ ନାୟକ, ଧର୍ମାନନ୍ଦ ଜେନା, କୃଷ୍ଣ ନାୟକ, ଅବିନାଶ ସାହୁ, ସିପୁନ ବିଶ୍ୱାଳ, ଓମ ନାୟକ, ଚିତ୍ତରଞ୍ଜନ ଦାସ, ଜଟାଧାରୀ ସ୍ୱାଇଁ, ଅନୁ ଦଳାଇ, ପ୍ରଭଞ୍ଜନ ମହାନ୍ତି, ମାନସ ସ୍ୱାଇଁ, ଜୟନ୍ତ ନାୟକ, ଦେବାଦ୍ୟୁତ ବିଶ୍ୱାଳ, ନିର୍ମଳ ଚନ୍ଦ୍ର ସାହୁଙ୍କ ସମେତ ଅନେକ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସକ୍ରିୟ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନର ବୃଦ୍ଧି ପାଉଥିବା ବିପଦକୁ ମୁକାବିଲା କରିବା ପାଇଁ ବ୍ୟାପକ ବୃକ୍ଷରୋପଣ ଓ ଗଛର ସୁରକ୍ଷା ହିଁ ସବୁଠାରୁ ପ୍ରଭାବଶାଳୀ ପଦକ୍ଷେପ। ସମାଜର ପ୍ରତ୍ୟେକ ବ୍ୟକ୍ତି ପ୍ରତିବର୍ଷ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେଲେ ଏକ ସବୁଜ ଓ ସୁସ୍ଥ ପରିବେଶ ଗଠନ କରିବା ସମ୍ଭବ ବୋଲି ସେମାନେ ମତ ପ୍ରକାଶ କରିଥିଲେ।

# ଦକ୍ଷତା ବିକାଶ ଓ ଓରିଏଣ୍ଟେସନ୍ କର୍ମଶାଳା

ଜଗତସିଂହପୁର,୧୧।୭ (ସମିସ)

ଓରମାସ ପକ୍ଷରୁ ୩ ଦିନିଆ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ଏବଂ ଓରିଏଣ୍ଟେସନ୍ କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରଥମ ଦିନରେ ଜିଲ୍ଲାପାଳ ଜେ. ସୋନାଲ ଏଥିରେ ଯୋଗଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସମସ୍ତ ପ୍ରୋଡ୍ୟୁସର ଏଣ୍ଟରପ୍ରାଇଜେସ୍, ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ କୁ କିପରି ନିଜର ଉତ୍ପାଦ ସାମଗ୍ରୀକୁ ଭଲଭାବରେ ଗୁଣାତ୍ମକ ମାନ ବୃଦ୍ଧି କରିପାରିବେ, ବ୍ରାଣ୍ଡିଂ, ପ୍ୟାକେଜିଂ, ମୂଲ୍ୟ ଯୋଗ ଉପରେ ଆଲୋଚନା କରି ସମସ୍ତଙ୍କୁ ଉତ୍ସାହିତ କରିଥଲେ। ସେହିପରି ଶେଷ ଦିନରେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ତତ୍ତ୍ୱାବଧାନତାରେ ମଧୁସ୍ମିତା ସାହୁ, ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସାହୁ କର୍ମଶାଳାକୁ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ବିପିନ ବିହାରୀ ରାଉତ୍, ପରାମର୍ଶଦାତା, ଜୟ ଭାରତ ମସଲା, କଟକ, ଯୋଗ ଦେଇଥିଲେ ଏବଂ ବଜାର ନେତୃତ୍ୱାଧୀନ ଉତ୍ପାଦନ, ଏବଂ ଉତ୍ପାଦକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘର ଉତ୍ପାଦ ପାଇଁ ନିରନ୍ତର ମାର୍କେଟିଂ କୌଶଳ ଉପରେ ଏକ ସୂଚନାପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ। ପାରସ୍ପରିକ କ୍ରିୟା ସମୟରେ, ୧୦କେ ଏଫପିଓ ସ୍କିମ୍ ଅନ୍ତର୍ଗତ ବିରିଡି ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍, ବିରିଡିର ସଫଳତାକୁ ଆଲୋକିତ କରାଯାଇଥିଲା। ଏହି ଏଫପିଓ ଚଳିତ ବର୍ଷ ଜୟ ଭାରତ ମସଲାକୁ ୧୪ ମେଟ୍ରିକଟନ ଟମାଟୋ ସଫଳତାର ସହ ଯୋଗାଇ ଦେଇଛି। ଏଫପିଓର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରି ଶ୍ରୀ ରାଉତ୍ ସଦସ୍ୟମାନଙ୍କୁ ଟମାଟୋ ଚାଷ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ ଯାହା ଦ୍ୱାରା ଆସନ୍ତା ଋତୁରେ ୧୦୦ ମେଟ୍ରିକ ଟନ ପର୍ଯ୍ୟନ୍ତ ଟମାଟୋ ଯୋଗାଇ ପାରିବ। ସେ ନିଶ୍ଚିତ କରିଛନ୍ତି ଯେ ଗୁଣାତ୍ମକ ମାନ ଅନୁଯାୟୀ ଜୟ ଭାରତ ମସଲା ବର୍ଦ୍ଧିତ ପରିମାଣ କ୍ରୟ କରିବାକୁ ଇଚ୍ଛୁକ। ଉଦ୍ୟାନ କୃଷି ବିଭାଗର ବୈଷୟିକ ସହଯୋଗରେ କୁଜଙ୍ଗର ଯାଜ୍ଞସେନୀ ମହିଳା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡ୍, କୁଜଙ୍ଗର ଅଂଶୀଦାରମାନଙ୍କ ଦ୍ୱାରା ରେବତି କିସମ ଲଙ୍କା ଚାଷ ଉପରେ ଆଲୋଚନା କରାଯାଇଥିଲା। ଶ୍ରୀ ରାଉତ ନିଶ୍ଚିତ କରିଛନ୍ତି ଯେ ଜୟ ଭାରତ ମସଲା ଏଫପିଓ ଦ୍ୱାରା ଉତ୍ପାଦିତ ଲଙ୍କା କ୍ରୟ କରିବେ। ସୋରିଷ ଏବଂ ଧନିଆ ପାଇଁ ସମାନ ମାର୍କେଟିଂ ସୁଯୋଗ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା ଏବଂ ଗୁଣବତ୍ତା ଏବଂ ବାଣିଜ୍ୟିକ ସମ୍ଭାବ୍ୟତା ଅନୁଯାୟୀ ସେ ଏଫପିଓରୁ ସୋରିଷ କିଣିବାକୁ ଇଚ୍ଛା ପ୍ରକାଶ କରିଥିଲେ। କୃଷକମାନଙ୍କ ପାଇଁ ଉତ୍ତମ ଆୟ ସୁନିଶ୍ଚିତ କରିବା ପାଇଁ ଉକ୍ତ ବ୍ୟକ୍ତି ଏଫପିଓ ଏବଂ ସିବିଓକୁ ବଜାର ଭିତ୍ତିକ ଉତ୍ପାଦନ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ।



## ବିଦ୍ୟୁତ ସମସ୍ୟାକୁ ନେଇ ଜାତୀୟ ରାଜପଥ ଅବରୋଧ



ଯାତ୍ରୀ ହନ୍ତସନ୍ତ

ଢେଙ୍କାନାଳ,୧୧।୭(ସମିସ): ସଦର ଥାନାର ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥର କଣ୍ଟେଇକୋଳିଆ ଅଞ୍ଚଳରେ ବିଦ୍ୟୁତ ଟ୍ରାନ୍ସଫର୍ମର ଅଚଳକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ରାଜପଥ ଅବରୋଧ କରିଥିଲେ। ଫଳରେ କଟକ-ସମ୍ବଲପୁର ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଥିଲା। ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିବା ଯୋଗୁଁ ଯାତ୍ରୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। ରାସ୍ତା ଅବରୋଧ ଯୋଗୁଁ ଏଠାରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ସଦର ଥାନା ପୁଲିସ ଓ ସଦର ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଶନିବାର ସନ୍ଧ୍ୟା ସୁଦ୍ଧା ଟ୍ରାନ୍ସଫର୍ମର ମରାମତି କରି ବିଦ୍ୟୁତ ଯୋଗାଣ କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଥିଲେ। ଦାବି ପୂରଣ ନ ହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବିଜୁଳି ସମସ୍ୟା ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

## ମାଙ୍କଡ଼ା ପଥର ସହ ଦୁଇ ଗାଡ଼ି ଜବତ

ଖଜୁରିଆକଟା,୧୧।୭(ସମିସ): ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଅଞ୍ଚଳ ପଥର ଖଣିରୁ ୨ଟି ମାଙ୍କଡ଼ା ପଥର ଗାଡ଼ିକୁ ଉପଜିଲ୍ଲାପାଳ ଓ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ସୂଚନା ଅନୁଯାୟୀ ଇନ୍ଦିପୁର ଅଞ୍ଚଳରେ ଦିନକୁ ଶହ ଶହ ସଂଖ୍ୟାରେ ଭାରୀଯାନ ସାହାଯ୍ୟରେ ଚୋରା ମାଙ୍କଡ଼ା ପଥର ଚାଲାଣ ହେଉଛି। ଖବରପାଇ ଉପଜିଲ୍ଲାପାଳ ଓ ଜିଲ୍ଲା ଖଣି ବିଭାଗ ଏକ ଟ୍ରକ ଓ ଟ୍ରାକ୍ଟର ଜବତ କରି ଇନ୍ଦିପୁର ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟାଳୟରେ ରଖିଛନ୍ତି। ଏଭଳି ଭାବେ ଇନ୍ଦିପୁର ରାଜସ୍ୱ କ୍ଷେତ୍ର ଅଞ୍ଚଳରେ ଦୈନିକ ଶହ ଶହ ସଂଖ୍ୟାରେ ଭାରୀଯାନ ଯୋଗେ ରାଜସ୍ୱ ଲୁଟ୍ ହେଉଛି। କେତେଜଣ ଲାଞ୍ଚଖୋର ଅଧିକାରୀଙ୍କ ଯୋଗୁଁ ସରକାରଙ୍କ ରାଜସ୍ୱ ସିଧାସଳଖ ମାଫିଆଙ୍କ ପକେଟକୁ ଯାଉଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏପଟେ ଲୋକ ଦେଖାଣିଆ ଭାବେ କିଛି ଗାଡ଼ି ଜବତ କରି ଛାଡ଼ି ଦେଉଥିବା ଘଟଣା ମଧ୍ୟ ବାରମ୍ବାର ସାମ୍ନାକୁ ଆସିଛି।




## ଚୀନ୍‌ରେ ଏଭିସି ୧୮ ବର୍ଷରୁ କମ୍ ବାଳକ ଭଲିବଲ୍ ମ୍ୟାଚ୍

# ଭାରତୀୟ ଦଳରେ ଖେଳିବେ ସୌମ୍ୟରଞ୍ଜନ

ଢେଙ୍କାନାଳ,୧୧।୭(ସମିସ)

ଓଡ଼ିଶାର କ୍ରୀଡ଼ା ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ରବିବାରଠାରୁ ଚୀନରେ ଆରମ୍ଭ ହେବାକୁ ଥିବା ଏସୀୟ ଭଲିବଲ୍ ଚାମ୍ପିଅନସିପ୍ (ଏଭିସି) ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଢେଙ୍କାନାଳ ଜିଲ୍ଲା ଶିବପୁର ପଞ୍ଚାୟତର ସୌମ୍ୟରଞ୍ଜନ ସାମଲ। ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଭଲିବଲ କୋଚିଂ ସେଣ୍ଟରରୁ ପ୍ରଶିକ୍ଷଣ ଆରମ୍ଭ କରିଥିବା ସୌମ୍ୟରଞ୍ଜନ ୨୦୨୬ ଏଭିସି ୧୮ ବର୍ଷରୁ କମ୍ ବାଳକ ଭଲିବଲ୍ ଚାମ୍ପିଅନସିପ୍ ପାଇଁ ମନୋନୀତ ହେବା ସାରା ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଟିଏସଏଫ୍ କୋଚିଂ ସେଣ୍ଟରରେ ଉନ୍ନତ ପ୍ରଶିକ୍ଷଣ ଓ ନିଜ କଠୋର ନିଷ୍ଠା ଓ ପରିଶ୍ରମ ବଳରେ ଗ୍ରାମାଞ୍ଚଳର ଏହି ପ୍ରତିଭା ଆଜି ଅନ୍ତର୍ଜାତୀୟ ମଞ୍ଚରେ ଦେଶର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ଏସିଆନ ଭଲିବଲ୍ କନଫେଡେରେସନ୍ ଏବଂ ଚାଇନା ଭଲିବଲ୍ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଏସିଆର ସବୁଠାରୁ ବଡ଼ ଭଲିବଲ୍ ଟୁର୍ଣ୍ଣାମେଣ୍ଟ। ଏହାସହ ଏହି ଟୁର୍ଣ୍ଣାମେଣ୍ଟର ଶୀର୍ଷ ୪ ଦଳ ୨୦୨୭ ଇଣ୍ଟରନ୍ୟାସନାଲ ଭଲିବଲ ଫେଡେରେସନ ବାଳକ ୧୯ ବର୍ଷରୁ କମ୍ ୱାର୍ଲ୍ଡ ଚାମ୍ପିଅନସିପ୍ ପାଇଁ ମନୋନୀତ ହେବେ।

ଏକ ମଫସଲ ଗାଁରୁ ବାହାରି ଜାତୀୟ ଦଳରେ ସାମିଲ ହେବା ପର୍ଯ୍ୟନ୍ତ ସୌମ୍ୟଙ୍କ ଯାତ୍ରା ବେଶ ପ୍ରେରଣାଦାୟୀ। ପୂର୍ବତନ ରାଜ୍ୟସ୍ତରୀୟ ଭଲିବଲ୍ ଖେଳାଳି ତଥା ବାପା ପ୍ରଶାନ୍ତ ସାମଲଙ୍କ ପ୍ରେରଣାରେ ସେ ଭଲିବଲ୍ ଖେଳିବା ଆରମ୍ଭ କରିଥିଲେ। ପରେ ସେ ପାଇକ ପୁରୁଣାକୋଟସ୍ଥିତ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍‌ର ଭଲିବଲ୍ କୋଚିଂ ସେଣ୍ଟରରେ ଯୋଗଦେଇ କୋଚ୍ ଆଶୁତୋଷ ପାତ୍ରଙ୍କ ତତ୍ତ୍ୱାବଧାନରେ ତାଲିମ ନେଇଥିଲେ। ପ୍ରତିଦିନ ନିଜ ପାଠପଢ଼ା ସହ ଅଭ୍ୟାସ ପାଇଁ ସେ ପ୍ରାୟ ୪୦ କିଲୋମିଟର ସାଇକଲ ଚଲାଇ କୋଚିଂ ସେଣ୍ଟରକୁ ଆସୁଥିଲେ। ତାଙ୍କର ଏହି ନିଷ୍ଠା ଯୋଗୁଁ ୨୦୨୫ରେ ତାଙ୍କୁ ଥିରୁବନନ୍ତପୁରମସ୍ଥିତ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ନ୍ୟାସନାଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପ୍ରବେଶ ମିଳିଥିଲା। ସେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିବା ସହ ରାଜସ୍ଥାନରେ ଅନୁଷ୍ଠିତ ଜୁନିଅର ଜାତୀୟ ଭଲିବଲ୍ ଚାମ୍ପିଅନସିପରେ ଏସ୍ଏଆଇ ଦଳର ଅଧିନାୟକତ୍ୱ କରିଥିଲେ। ଭଲିବଲ୍ ଫେଡେରେସନ୍ ଅଫ୍ ଇଣ୍ଡିଆର ଜାତୀୟ କୋଚିଂ କ୍ୟାମ୍ପରେ ଶ୍ରେଷ୍ଠ ପ୍ରଦର୍ଶନ ଯୋଗୁ ତାଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି।



ଭାରତୀୟ ଦଳରେ ମନୋନୀତ ହେବା ପରେ ସୌମ୍ୟ କହିଛନ୍ତି, ଇଣ୍ଡିଆ ଜର୍ସି ପିନ୍ଧିବା ମୋ ପାଇଁ ଏବଂ ମୋ ପରିବାର ପାଇଁ ଏକ ଗର୍ବର ମୁହୂର୍ତ୍ତ। ଏହି ଚାମ୍ପିଅନସିପରେ ମୁଁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି। ସୌମ୍ୟଙ୍କ ପିତା ପ୍ରଶାନ୍ତ ସାମଲ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୋଚ୍ ଆଶୁତୋଷ ପାତ୍ରଙ୍କୁ ଧନ୍ୟବାଦ ଜଣାଇବା ସହ ସୌମ୍ୟଙ୍କ ଏହି ସଫଳତା ଆଞ୍ଚଳିକ ସ୍ତରର ଅନ୍ୟ ଯୁବ ପ୍ରତିଭାମାନଙ୍କ ମନରେ ଆଶା ଓ ବିଶ୍ୱାସ ଜନ୍ମାଇବ ବୋଲି କହିଛନ୍ତି। ଟାଟା ଷ୍ଟିଲ୍ ଫାଉଣ୍ଡେସନର ଭଲିବଲ୍ କୋଚ୍ ଆଶୁତୋଷ ପାତ୍ର ସୌମ୍ୟଙ୍କୁ ଶୁଭେଚ୍ଛା ଜଣାଇ ନିରନ୍ତର ପ୍ରୟାସ, ଶୃଙ୍ଖଳିତ ଆଚରଣ ଏବଂ ନୂଆ କିଛି ଶିଖିବାର ଉତ୍କଣ୍ଠା ଯୋଗୁ ଆଜି ସେ ଭାରତୀୟ ଦଳରେ ସ୍ଥାନ ପାଇପାରିଛନ୍ତି। ଏହି ସଫଳତା, ତାଙ୍କ ଦୀର୍ଘ ବର୍ଷର କଠିନ ପରିଶ୍ରମର ଫଳ। ତାଙ୍କର ଏହି କୃତିତ୍ୱରେ ଆମେ ଗର୍ବିତ ଏବଂ ଆମର ଦୃଢ଼ ବିଶ୍ୱାସ ଯେ ସେ ଦୃଢ଼ ନିଷ୍ଠା ଓ ଶ୍ରେଷ୍ଠତାର ସହ ଭାରତର ପ୍ରତିନିଧିତ୍ୱ କରିବେ ବୋଲି କହିଛନ୍ତି। ଓଡ଼ିଶା ଭଲିବଲ୍ ଆସୋସିଏସନ୍ ସଭାପତି ପ୍ରଫେସର ଡ. ଅଚ୍ୟୁତ ସାମନ୍ତ ସୌମ୍ୟ ଏବଂ ସମଗ୍ର ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇବା ସହ ଭୁବନେଶ୍ୱରସ୍ଥିତ କିଟ୍‌ର ଇଣ୍ଟରନ୍ୟାସନାଲ୍ ସେଣ୍ଟର ଅଫ୍ ଏକ୍ସଲେନ୍ସଠାରେ ଜାତୀୟ କୋଚିଂ କ୍ୟାମ୍ପ ସଫଳତାର ସହ ଶେଷ କରିଥିବା ଟିମ୍‌କୁ ଚୀନ ଗସ୍ତ ପାଇଁ ଶୁଭକାମନା ଜଣାଇଛନ୍ତି। ସୂଚନାଯୋଗ୍ୟ, ୨୦୧୯ରେ ମାତ୍ର ୧୧ ଜଣ ଖେଳାଳିଙ୍କୁ ନେଇ ଆରମ୍ଭ ହୋଇଥିବା ଟାଟା ଷ୍ଟିଲ୍ ଫାଉଣ୍ଡେସନର ଏହି ଭଲିବଲ୍ କୋଚିଂ ସେଣ୍ଟରରେ ଆଜି ୧୨୦ରୁ ଅଧିକ କିଶୋରୀଙ୍କ ସମେତ ମୋଟ ୬୬୮ ଜଣ ପ୍ରଶିକ୍ଷଣ ନେଉଛନ୍ତି। ଏହି କେନ୍ଦ୍ରର ୨୧୫ ଜଣ ଜିଲ୍ଲାସ୍ତରୀୟ, ୧୭୯ ଜଣ ରାଜ୍ୟସ୍ତରୀୟ ଏବଂ ୩୫ ଜଣ ଜାତୀୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଖେଳି ସାରିଛନ୍ତି। ସୌମ୍ୟଙ୍କ ଏହି ସଫଳତା ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ କରି ସେମାନଙ୍କୁ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବା ପାଇଁ ଟିଏସଏଫ୍‌ର ପ୍ରୟାସକୁ ଆହୁରି ସୁଦୃଢ଼ କରିବ।

## ଆଜିଆଟିରେ ସ୍ଥଳସୈନିକ କ୍ୟାମ୍ପ ଓ ପ୍ରଶିକ୍ଷଣ ଶିବିର ଉଦଯାପିତ / ୫୬୨ କ୍ୟାଡେଟ୍‌ଙ୍କ ଯୋଗଦାନ

ଢେଙ୍କାନାଳ/ପରଜଙ୍ଗ,୧୧।୭(ସମିସ): ଢେଙ୍କାନାଳ ଜିଲ୍ଲା ସରାଙ୍ଗସ୍ଥିତ ଆଇଜିଆଇଟିରେ ଏନ୍‌ସିସି ସ୍ଥଳସୈନିକ କ୍ୟାମ୍ପ ଓ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଜୁଲାଇ ୨ରୁ ୧୧ ପର୍ଯ୍ୟନ୍ତ ଏନ୍‌ସିସି ସ୍ଥଳସୈନିକ କ୍ୟାମ୍ପ ଇଣ୍ଟର ୟୁନିଟ୍ ପ୍ରତିଯୋଗିତା ଏବଂ କମ୍ବାଇନ୍‌ଡ ଆନୁଆଲ୍ ଟ୍ରେନିଂ କ୍ୟାମ୍ପ-୨୦୨୬ ଆୟୋଜିତ ହୋଇଛି। ଶିବିରରେ ବିଭିନ୍ନ ଏନ୍‌ସିସି ୟୁନିଟ୍‌ର ମୋଟ ୫୬୨ କ୍ୟାଡେଟ୍ ଅଂଶଗ୍ରହଣ କରିଥିଲେ।

ଉଦଘାଟନୀ ସମାରୋହରେ କମାଣ୍ଡିଂ ଅଫିସର କର୍ଣ୍ଣେଲ ସିସି ନାଗ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଶୃଙ୍ଖଳା, ନେତୃତ୍ୱ, ଦେଶପ୍ରେମ ଓ ସେବାଭାବ ଉପରେ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ। ଶିବିର ପରିଚାଳନାରେ ପ୍ରଶାସନିକ ଅଧିକାରୀ କର୍ଣ୍ଣେଲ ରାଜୀବ କୁମାର ବାଲାଙ୍କ ସହ ଆସୋସିଏଟ୍ ଏନ୍‌ସିସି ଅଫିସର ଓ ପର୍ମାନେଣ୍ଟ ଇନ୍‌ଷ୍ଟ୍ରକ୍ଟରମାନଙ୍କ ଭୂମିକା ରହିଥିଲା। ଶିବିରରେ ଅବଷ୍ଟାକଲ୍ ଟ୍ରେନିଂ, ମ୍ୟାପ୍ ରିଡିଂ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଦୂରତା ନିର୍ଣ୍ଣୟ, ଫିଲ୍ଡ ସିଗ୍ନାଲ୍, ଫାୟାରିଂ ଓ ସର୍ଭିସ୍ ଶୁଟିଂ ଆଦି ବିଭିନ୍ନ ପ୍ରତିଯୋଗିତା ଓ ଚୟନ ପରୀକ୍ଷା ଆୟୋଜିତ ହୋଇଥିଲା। ଉଦଯାପନୀ ଉତ୍ସବରେ ବିଜୟୀ କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ କଟକ ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ଏସ୍‌ଜିଏସ୍ ଶେଖର ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଏନ୍‌ସିସିର ମୂଳମନ୍ତ୍ର ଏକତା ଓ ଶୃଙ୍ଖଳାକୁ ଜୀବନରେ ପାଳନ କରି ଦେଶର ଆଦର୍ଶ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ ଜଣାଇଥିଲେ।

## ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ



ଖଜୁରିଆକଟା,୧୧।୭(ସମିସ): ହିନ୍ଦୋଳ ବ୍ଲକ ରାସୋଳ ଗ୍ରାମରେ ବିଶ୍ୱ ଯୁବକେନ୍ଦ୍ର ଆନୁକୁଲ୍ୟରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ସମାଜରୁ ବାଲ୍ୟବିବାହ ଭଳି କୁପ୍ରଥାକୁ ସମୂଳେ ନିରାକରଣ କରିବା ଏବଂ ଶିଶୁମାନଙ୍କ ଭବିଷ୍ୟତ ସୁରକ୍ଷିତ ଓ ସୁନିଶ୍ଚିତ କରିବା ଏହି ବୈଠକର ମୂଳ ଲକ୍ଷ୍ୟ। ବୈଠକରେ ଅଙ୍ଗନବାଡ଼ି କର୍ମୀ, ୱାର୍ଡ ମେମ୍ବର, ଗ୍ରାମର ମହିଳା ଉପସ୍ଥିତ ଥିଲେ। ଅପରିପକ୍ୱ ବୟସରେ ବିବାହ ଫଳରେ କିଶୋରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହେବା, ଶିକ୍ଷାରୁ ବଞ୍ଚିତ ହେବା, ମାତୃମୃତ୍ୟୁ ଓ ପୌଷ୍ଟିକ ଅଭାବ ପରି ଗୁରୁତର ସମସ୍ୟା ଦେଖାଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହାସହ ବାଲ୍ୟ ବିବାହ ନିଷେଧ ଆଇନ ଓ ଏହା ସହ ସମ୍ପୃକ୍ତ ଦଣ୍ଡ ବିଧାନ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା। ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏହି କୁପ୍ରଥା ବିରୋଧରେ ସଜାଗ ରହିବା ସହ ଯେକୌଣସି ବାଲ୍ୟ ବିବାହ ସମ୍ପର୍କିତ ସୂଚନା ତୁରନ୍ତ ପ୍ରଶାସନ କିମ୍ବା ସମ୍ପର୍କିତ ବିଭାଗକୁ ଜଣାଇବା ପାଇଁ ଆହ୍ୱାନ ଦିଆଯାଇଥିଲା। ଜୁଲି ସ୍ୱାଇଁ ଉପସ୍ଥିତ ବ୍ୟକ୍ତିଙ୍କୁ ବାଲ୍ୟ ବିବାହମୁକ୍ତ ସମାଜ ଗଠନ ପାଇଁ ଶପଥପାଠ କରାଇଥିଲେ।

### ଶିଶୁଙ୍କ ଭବିଷ୍ୟତ ସୁରକ୍ଷିତ ଓ ସୁନିଶ୍ଚିତ କରିବା ମୂଳ ଲକ୍ଷ୍ୟ

## ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ



ପରଜଙ୍ଗ,୧୧।୭(ସମିସ): ପରଜଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସମିତିର ନବମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ସୌଭାଗ୍ୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ଯୋଗଦେଇ ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ, ପାଣି, ରାସ୍ତା, ବିଦ୍ୟୁତ, ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ନେଇ ଆଲୋଚନା କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା, ରାସନ, ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ସରକାରୀ ଯୋଜନାରେ ଯୋଗାଇ ଦେବାକୁ ସରପଞ୍ଚ ମାନେ ଦାବି ଉପସ୍ଥାପନ କରିଥିଲେ। ବୈଠକରେ ବ୍ଲକ ସମସ୍ତ ବିଭାଗର ଅଧିକାରୀ, ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ବ୍ଲକରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିବା ବେଳେ ଅସମ୍ପୂର୍ଣ୍ଣ କାମଗୁଡ଼ିକୁ ଶୀଘ୍ର ଶେଷ କରିବାକୁ ବିଧାୟକ ଗୁରୁତ୍ୱ ଦେଇଥିଲେ। ଗ୍ରାମାଞ୍ଚଳର ମୂଳ ସମସ୍ୟା ସମାଧାନ ସହ ଲୋକଙ୍କ ପାଖକୁ ସରକାରୀ ଯୋଜନାର ସୁବିଧା ଠିକ ଭାବେ ପହଞ୍ଚାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

### ଘର ସାମ୍ନାରୁ ନାବାଳକ ଛାତ୍ର ନିଖୋଜ ଘଟଣା

## ରେଙ୍ଗାଲି କେନାଲରୁ ମୃତଦେହ ଉଦ୍ଧାର

କାମାକ୍ଷାନଗର,୧୧।୭(ସମିସ): କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନାରେ ଥିବା କଲୋନୀର ଏକ ଘର ସାମ୍ନାରୁ ଶୁକ୍ରବାର ଜଣେ ନାବାଳକ ଛାତ୍ର ନିଖୋଜ ହୋଇଯାଇଥିଲେ। ଶନିବାର କାମାକ୍ଷାନଗର ସହର ନିକଟ ଜିରିଡ଼ାମାଳି ରେଙ୍ଗାଲି କେନାଲରେ ଭାସୁଥିବା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁସାରେ ନାବାଳକ ଜଣକ ଶୁକ୍ରବାର ସକାଳେ ଟ୍ୟୁସନ ଯିବାପାଇଁ ଘର ସାମ୍ନାରେ ଠିଆ ହୋଇଥିଲେ। ପରେ ସେ ସେହିଠାରୁ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ତାଙ୍କର ପତ୍ତା ମିଳି ନଥିଲା। ନାବାଳକ ଜଣକ ପଢୁଥିବା ସ୍କୁଲରେ କୌଣସି ଭୁଲ କରିଥିବା ବେଳେ ଏ ନେଇ ଗୁରୁଜୀଙ୍କୁ କ୍ଷମା ମାଗିବା ପାଇଁ ମା' ତାଙ୍କୁ ତାଗିଦ କରିଥିଲେ। ତେବେ ସେ ଭୁଲ କରିନାହାନ୍ତି ତେଣୁ କ୍ଷମା ମାଗିବେନି ବୋଲି ନାବାଳକ ଜଣକ ମା'ଙ୍କୁ କହିଥିଲେ। ଏପରି ସ୍ଥିତିରେ ହଠାତ୍ ଶକ୍ରବାର ସକାଳେ ସେ ଘର ସାମ୍ନାରୁ ନିଖୋଜ ହୋଇଯାଇଥିଲେ। ଆଜି କେନାଲରେ ତାଙ୍କ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ ଓ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ କେନାଲରୁ ମୃତଦେହ ଉଦ୍ଧାର କରିବା ପରେ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲ ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

### ୨ ବର୍ଷ ପରେ ଢେଙ୍କାନାଳ ପୌରସଂସ୍ଥାରେ ସମୀକ୍ଷା ବୈଠକ

## ସ୍ମାର୍ଟ ସିଟି ପାଇଁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ଢେଙ୍କାନାଳ,୧୧।୭(ସମିସ): ଦୁଇବର୍ଷ ପରେ ଢେଙ୍କାନାଳ ପୌରସଂସ୍ଥାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସ୍ମାର୍ଟ ସିଟି ପାଇଁ ସହରର ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ପୌରସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ପାତ୍ର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ କହିଛନ୍ତି ଯେ ଏହି ବୈଠକ ଦୁଇବର୍ଷ ପରେ ହେଉଛି।

ମୁଖ୍ୟମନ୍ତ୍ରୀ ସହରକୁ ସ୍ମାର୍ଟ ସହରରେ ପରିଣତ କରିବା ପାଇଁ ଅର୍ଥ ମଞ୍ଜୁର କରିଛନ୍ତି। ଫଳରେ ସହରର ଡ୍ରେନେଜ, ସ୍ୱେରେଜ ବ୍ୟବସ୍ଥା, ପାନୀୟ ଜଳ ସମସ୍ୟା ସମାଧାନ କରାଯିବ। ଏହି କାର୍ଯ୍ୟଗୁଡ଼ିକ ଧୀମା ଚାଲୁଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଢେଙ୍କାନାଳକୁ ଭଲ ସହରରେ ପରିଣତ କରିବା ଏବଂ ସ୍ୱପ୍ନକୁ ପୂରଣ କରିବାକୁ କହିଥିଲେ। ପୌରସଂସ୍ଥାର ନୂତନ ଘର ସହିତ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ ପାଇଁ କହିଥିଲେ।

ମହିଷାପାଟ ଠାରେଥିବା ପଡିଆରେ ସମସ୍ତ ପ୍ରକାରର ସଭା ସମିତି ହେଉଥିବା ବେଳେ ଲକ୍ଷ୍ମୀ ପୂଜା ସମୟରେ ମେଳାର ଆୟୋଜନ ଢେଙ୍କାନାଳ ମହୋତ୍ସବ ବି ହେଉଛି। କୌଣସି ନେତା ଆସିଲେ ସଭାସମିତି କରିବାକୁ ଭଲ ପଡ଼ିଆଟିଏ ନାହିଁ। ଏହି ପଡ଼ିଆ ଭଲ ହୋଇଥାଉ ଫଳରେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଆସିଲେ ସଭା ସମିତି ହେବ ବୋଲି କହିଥିଲେ। ସେଠାରେ ନିର୍ମାଣ ହେଉଥିବା ପାର୍କ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ବୈଠକରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୌରନିର୍ବାହୀ ଅଧିକାରୀଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ବିକାଶ ସଂଘ ପକ୍ଷରୁ ସଙ୍ଗୀତ ପ୍ରତିଯୋଗିତା



ଢେଙ୍କାନାଳ,୧୧।୭(ସମିସ): ସାମାଜିକ ସାଂସ୍କୃତିକ ବିକାଶ ସଂଘ ତରଫରୁ ମୁକ୍ତାଦେଇପୁର ସରକାରୀ ବିଦ୍ୟାଳୟରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶେଷରେ ପ୍ରାର୍ଥନା ଗାନ କରାଯାଇ ସଭାକାର୍ଯ୍ୟ ଶେଷ କରାଯାଇଥିଲା।

## ଦ୍ୱିତୀୟ ଢେଙ୍କାନାଳ ନାମକରଣ ଦିବସ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଢେଙ୍କାନାଳ,୧୧।୭(ସମିସ): ସ୍ଥାନୀୟ ଦଧିବାମନଜୀଉ ମଠ ପ୍ରାଙ୍ଗଣରେ ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଦ୍ୱିତୀୟ ଢେଙ୍କାନାଳ ନାମକରଣ ଦିବସ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଉପଦେଷ୍ଟା ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଯୋଜକ ଅବନୀ କୁମାର ମିଶ୍ର ପୂର୍ବ ବର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ସର୍ବସମ୍ମତିକ୍ରମେ ଶ୍ରୀଗୁଣ୍ଡିଚା ତଥା ଜୁଲାଇ ୧୬ ତାରିଖ ସକାଳ ୮ଟାରେ ଶବର ରାଜା ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ରାଜନଅରରେ ଥିବା ଢେଙ୍କାଙ୍କ ସ୍ମାରକୀରେ ଦୀପଦାନ କରିବାକୁ ନିଷ୍ପତ୍ତି ହୋଇଛି। ପରେ ବଳରାମଙ୍କୁ ଦର୍ଶନ ଏବଂ ଦୀପଦାନ କରାଯାଇ ଢେଙ୍କାନାଳବାସୀଙ୍କ ମଙ୍ଗଳ କାମନା କରାଯିବ। ସେହିପରି ଜୁଲାଇ ୧୭ ତାରିଖ ପୁରୁଣା ଜିଲ୍ଲାପରିଷଦ ହଲରେ ଢେଙ୍କାନାଳକୁ ନେଇ କବିତା ପାଠ କରାଯିବ। ପରେ ସ୍ଥାନୀୟ କଳାକାରନୃତ୍ୟ, ସଙ୍ଗୀତ, ଭଜନ ପରିବେଷଣ କରିବେ। ସନ୍ଧ୍ୟାରେ ଢେଙ୍କାନାଳ ନାମକରଣ ଦିବସ ଉତ୍ସବ ସମାରୋହରେ ସାଂସ୍କୃତିକ ସଭା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ବୈଠକରେ ପୁରୁଷୋତ୍ତମ ନନ୍ଦ, ପରେଶ ଚନ୍ଦ୍ର ପଟ୍ଟନାୟକ, ଇଂ. କିଶୋର ମିଶ୍ର, ଅନୀତା ରଥ, ପ୍ରେମାନନ୍ଦ ଶତପଥୀ, ଶରତ କୁମାର ବେହେରା, ବିବେକାନନ୍ଦ ଷଡ଼ଙ୍ଗୀ, ସର୍ବେଶ୍ୱର ବ୍ରହ୍ମ, ଶୈଳବାଳା ମିଶ୍ର, ପ୍ରଶାନ୍ତ ତ୍ରିପାଠୀ, ଦୀପକ ମିଶ୍ର, ଅଥୟ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ନିର୍ମଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଇଫୁନା ଓ ଉଫୁନା ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ଢେଙ୍କାନାଳ,୧୧।୭(ସମିସ)

ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍ସ ଆସୋସିଏସନ (ଇଫୁନା) ଓ ଉତ୍କଳ ଫେଡେରେସନ୍ ଅଫ୍ ୟୁନାଇଟେଡ୍ ନେସନ୍‌ସ ଆସୋସିଏସନ୍ (ଉଫୁନା) ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଛି। ଇଫୁନାର ମହାସଚିବ ତଥା ୱାର୍ଲ୍ଡ ଫେଡରେସନ ଅଫ୍ ୟୁନାଇଟେଡ୍ ନେସନ୍‌ସ ଆସୋସିଏସନ୍‌ର ଭାଇସ୍ ଚେୟାରମ୍ୟାନ୍ ସୁରେଶ ଶ୍ରୀବାସ୍ତବ ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରିଥିଲେ। ଇଫୁନାର ଜାତୀୟ ଉପସଭାପତି ତଥା ଉଫୁନାର ରାଜ୍ୟ ସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଦନ୍ତ ଚିକିତ୍ସକ ଡା. ତାପସ ମହାପାତ୍ର ଯୋଗେଦେଇ ଜନସଂଖ୍ୟା ବିସ୍ଫୋରଣ ଯୋଗୁଁ ଭାରତରେ ବିକାଶ ବାଧାପ୍ରାପ୍ତ ହେବା ସହ ଜନସଂଖ୍ୟା ସ୍ଥିର ରଖିବା ପାଇଁ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଶିଳ୍ପପତି ବିନୟ ସାହୁ ଯୋଗଦେଇ ଜନସଂଖ୍ୟା ବୃଦ୍ଧି ଯୋଗୁଁ ବେକାରୀ ସମସ୍ୟା ବଢ଼ି ଚାଲିଛି ଏବଂ ସେଥିପାଇଁ ବହୁ ଅପରାଧ ସଂଗଠିତ ହେଉଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ଚୀନ ଭଳି ସାମ୍ୟବାଦୀ ଦେଶ ଏକ ଦମ୍ପତି ଏକ ସନ୍ତାନ ନୀତି ତିଆରି କରିଥିଲେ। ଭାରତବର୍ଷରେ ଏକ ଦମ୍ପତି ଦୁଇ ସନ୍ତାନ ନୀତି ଅନୁକରଣ କରାଯାଉଛି। ବର୍ତ୍ତମାନ ରୁଷ-ୟୁକ୍ରେନ ଯୁଦ୍ଧରେ ବହୁ ରଷୀୟ ସୈନିକ ପ୍ରାଣତ୍ୟାଗ କରିବାରୁ ରୁଷ ପ୍ରଶାସନ ଅଧିକ ସନ୍ତାନ ଜନ୍ମ ପାଇଁ ଆହ୍ୱାନ ଦେଇଛନ୍ତି। ଜନସଂଖ୍ୟା ଅଧିକ ଯୋଗୁଁ କନ୍ୟା ସନ୍ତାନକୁ ମାରିଦେଉଛନ୍ତି ବୋଲି କହିଥିଲେ। ପରିବେଶବିତ୍ ଉପେନ୍ଦ୍ର ରାଉତ କହିଲେ, ଗୋଟେ ସମ୍ପ୍ରଦାୟର ଦମ୍ପତିମାନେ ଜନ୍ମ ନିୟନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ବର୍ତ୍ତମାନ ପୁତ୍ରମାନଙ୍କ ତୁଳନାରେ ଝିଅ ଜନ୍ମହାର ଆନୁପାତିକ ଭାବେ କମିଯାଉଛି। ଫଳରେ ଜନସଂଖ୍ୟା ନିୟନ୍ତ୍ରଣରେ ଭାରସାମ୍ୟ ରକ୍ଷା କରାଯାଇ ପାରୁନାହିଁ। ଏଥିପାଇଁ ବହୁ ଦେଶରେ ପୁତ୍ରସନ୍ତାନ ନୀତିକୁ ଆପଣାଇଛନ୍ତି ବୋଲି କହିଛନ୍ତି। ସର୍ବୋଦୟ ନେତା ଲଳିତ ମୋହନ ବେହେରା କହିଲେ, ଜନ୍ମ ନିୟନ୍ତ୍ରଣ ପାଇଁ ପ୍ରଚାରପ୍ରସାର କରୁଥିବାରୁ ଆଜିକାଲି ବହୁ ଦମ୍ପତି ଏକ ସନ୍ତାନ ନୀତି ଆପଣାଇଛନ୍ତି। ସଭାରେ ଉଫୁନାର ସାଧାରଣ ସମ୍ପାଦକ ବାହାଦୁର ପାଟସାହାଣୀ ବିଶ୍ୱ ଜନସଂଖ୍ୟା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେମାନନ୍ଦ ଶତପଥୀ, ଶିକ୍ଷାବିତ୍ ଲକ୍ଷ୍ମୀଧର ଶତପଥୀ, ରବି ନାରାୟଣ ପଟ୍ଟନାୟକ, ତରୁଣ ବିଶ୍ୱାଳ, ବିପିନ ବିହାରୀ ବେହେରା, ଶ୍ୟାମସୁନ୍ଦର ସାହୁ, ଯୁଧିଷ୍ଠିର ସାହୁ, ଅକାନନ୍ଦ ସାହୁ, ଗିରୀଶ ଚନ୍ଦ୍ର ସାମଲ, ଦେବପ୍ରସାଦ ମିଶ୍ର, ଦିଲୀପ କୁମାର ସାହୁ, ବିନୟ ପାତ୍ର, ବିଚିତ୍ରାନନ୍ଦ ମହାନ୍ତି ପ୍ରମୁଖ ଇଫୁନାର ଶତାଧିକ ସହଯୋଗୀ ସଦସ୍ୟ ଉପସ୍ଥିତ ଥିଲେ। ସଦସ୍ୟ ବସନ୍ତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ରଥଖଳାରୁ...

## ରଥରେ ଲାଗିଲା କଳସ, ଓଲଟ ଶୁଆ ଓ ଅଁଳା



ପୁରୀ,୧୧।୭(ସମିସ): ସରିଆସିଲାଣି ତିନିରଥ ନିର୍ମାଣ। ଶନିବାର ତିନିରଥକୁ କଳସ, ଓଲଟ ଶୁଆ ଏବଂ ଅଁଳା ଉଠି ରଥ ପୋଟଳ ଖପୁରୀରେ ସ୍ଥାପନ କରାଯାଇ କଣ୍ଟା ବସିବା କାର୍ଯ୍ୟ ସମ୍ପନ୍ନ ହୋଇଛି। ଚିତ୍ରକାର ସେବକମାନଙ୍କ ଦ୍ୱାରା ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ସହ ଘୋଡ଼ା, ସାରଥୀଙ୍କ ରଙ୍ଗ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦରଜୀ ସେବକମାନେ ତିନିରଥ ବତା କନା କାର୍ଯ୍ୟ ଶେଷ କରି ରଥ ଉପରେ କନା ପଡ଼ିବା ପାଇଁ କନା ଯୋଡ଼ଣି କାର୍ଯ୍ୟ ସାରିଛନ୍ତି। ତିନିରଥର ଦୁଆରବେଢ଼ା ଏବଂ ଚନ୍ଦ୍ରଶାଳୀରେ ଚିକ୍କଣ ଫୁଲ, ଜରି ଲେସ୍ ପକା କାର୍ଯ୍ୟ ଶେଷ କରିଛନ୍ତି। ପୋଟଳ କନା କଟିଙ୍ଗ୍ ପରେ ସେଥିରେ ଚିକ୍କଣ ଜରି ଲେସ୍ କାର୍ଯ୍ୟ ଜାରି ରହିଛି ଏବଂ ତିନିରଥର ସାରଥୀଙ୍କ ପୋଷାକ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ଅପରାହ୍ଣରେ ତିନିରଥରେ କନା ପଡ଼ିବା କାର୍ଯ୍ୟ ଆରମ୍ଭ ହେବ। କମାର ସେବକମାନେ ତିନିରଥରେ କନାପକା କାର୍ଯ୍ୟ, ଅଣସର ତାଟି କାଟିବା ଏବଂ ଚାର ବାନ୍ଧିବା ପାଇଁ କୋଠ ସୁଆଁସିଆ ସେବକଙ୍କ ନିମନ୍ତେ ଛୁରୀ, କଟୁରୀ ଏବଂ ହାତୁଡ଼ି ଇତ୍ୟାଦି ସାଜ ସରଞ୍ଜାମ ନିର୍ମାଣ ଶେଷ କରିଛନ୍ତି। ପାହି ମହାରଣାମାନେ ରଥଯାତ୍ରା ପାଇଁ କାଠ ନିର୍ମିତ ସରଞ୍ଜାମ ଶେଷ ପରେ ରଥ ପ୍ରତିଷ୍ଠା ପାଇଁ ଆବଶ୍ୟକ କାଠ ନିର୍ମିତ ସାମଗ୍ରୀ ତିଆରି କରୁଛନ୍ତି।

ଶ୍ରୀମନ୍ଦିରରେ ଖଳିଲାଗି ଏକାଦଶୀ

## ଦାରୁଦିଅଁଙ୍କୁ ଲାଗି ହେଲା ପୁଷ୍ପ, ତୁଳସୀ

ପୁରୀ,୧୧।୭(ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଥିବା ଠାକୁର ଏବେ ଅଣସର ଘରେ। ଶୀଘ୍ର ଆରୋଗ୍ୟ ପାଇଁ ଚାଲିଛି ଆୟୁର୍ବେଦିକ ପଦ୍ଧତିରେ ଉପଚାର। ଗୁପ୍ତ ସେବା କରୁଛନ୍ତି ଦଇତାପତି ସେବକ। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ସେବକ ଦେଇଥିବା ଓଷୁଅ ଲାଗି ହେବା ପରେ ଶୁକ୍ରବାର ଶ୍ରୀବିଗ୍ରହ ଚକାବିଜେ କରିଛନ୍ତି। ଶନିବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ବିରାଜିତ ଦାରୁଦିଅଁଙ୍କୁ ଖଳିଲାଗି ସହ ତୁଳସୀ, ସୁବାଷିତ ରଙ୍ଗୀନ ପୁଷ୍ପ ମଧ୍ୟ ଲାଗି କରାଯାଇଛି। ଏଥିସହ ଦଶମୂଳ ମେହୌଷଧୀ ସେବନ କରି ସୁସ୍ଥ ହୋଇଛନ୍ତି ବିଶ୍ୱନିୟନ୍ତା। ରବିବାର ତ୍ରୟୋଦଶୀରେ ରାଜପ୍ରସାଦ ବିଜେ ନୀତି ରହିଛି।

ଶ୍ରୀମନ୍ଦିର ପଟିଦିଅଁଙ୍କ ନିକଟରେ ମଧ୍ୟାହ୍ନ ଧୂପ ଏବଂ ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର

### ଆଜି ରାଜପ୍ରସାଦ ବିଜେ

ଖୋଲିଥିଲା। ଏହାପରେ ଅଣସର ଗୃହରେ ଥିବା ଚତୁର୍ଦ୍ଧାବିଗ୍ରହଙ୍କ ଅଣସର ନୀତି ଆରମ୍ଭ ହୋଇଥିଲା। ଶୁଦ୍ଧସୁଆରଙ୍କ ଘରୁ ଆସିଥିବା ଖଳି ଠାକୁରଙ୍କୁ ଲାଗି କରାଯିବା ସହିତ ରକ୍ତ ବସ୍ତ୍ର ଲାଗି କରାଯାଇଥିଲା। ପରେ ଚକଟା ଭୋଗ ଏବଂ ପଣାଭୋଗ ହୋଇ ବେହେରଣ ଦ୍ୱାର ବନ୍ଦ ହୋଇଥିଲା। ଜୟବିଜୟଦ୍ୱାର ଖୋଲି ପଟିଦିଅଁଙ୍କ ନୀତି ଆରମ୍ଭ ହୋଇଥିଲା। ପଟିଦିଅଁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ବଢ଼ିବା ପରେ ବେହେରଣ ଦ୍ୱାରା ଖୋଲିଥିଲା। ପଟିଦିଅଁଙ୍କ ସର୍ବାଙ୍ଗ ଆରମ୍ଭ ହେବା ସହ ଅଣସର ଗୃହରେ ଘଣ୍ଟ, କାହାଳୀ ବାଜି ଚତୁର୍ଦ୍ଧାବିଗ୍ରହଙ୍କ ସର୍ବାଙ୍ଗ ହୋଇଥିଲା। ସର୍ବାଙ୍ଗ ବଢ଼ିବା ପରେ ଗୀତିଗୋବିନ୍ଦ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ, ଗୁଣା, ଝୁମ୍ପା, କରପଲ୍ଲବ, ହୃଦୟପଦକ ଏବଂ ତୁଳସୀ ଲାଗି କରାଯାଇଥିଲା। ସ୍ନାନପୂର୍ଣ୍ଣିମା ପରେ ମହାପ୍ରଭୁ ପ୍ରଥମ ତୁଳସୀ ଧାରଣ କରିଥିଲେ। ଏହାପରେ ବୈଦ୍ୟ ସେବକଙ୍କ ଘରୁ ଆସିଥିବା ଦଶମୂଳକୁ ପତିମହାପାତ୍ର ସେବକ ସଂସ୍କାର କରିବା ପରେ ଦଇତାପତିମାନେ ଦାରୁବିଗ୍ରହଙ୍କୁ ଲାଗି କରାଇଥିଲେ।

## ରଥଯାତ୍ରା ଆରମ୍ଭ ପୂର୍ବରୁ ସିସିଟିଭି ବଦ୍‌ନାମ

ପୁରୀ,୧୧।୭(ସମିସ): ଗତବର୍ଷ ରଥଯାତ୍ରାରେ ଦଳାଚକଟା ଘଟି ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ୩ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଯାଇଥିଲା। ଏହି ଦୁଃଖଦ ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ତଦନ୍ତ ରିପୋର୍ଟରେ ଆଇସିସିସି (ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ

### ଗଳିପଡ଼ିଲା ଖୁଣ୍ଟି; ପ୍ରସ୍ତୁତିକୁ ନେଇ ଉଠିଲା ପ୍ରଶ୍ନ



ସେଣ୍ଟର) ଠିକ୍ ଭାବେ କାମ ନ କରିବା, ଆବଶ୍ୟକ ସ୍ଥାନରେ ସିସିଟିଭି ନ ଲାଗିବା ଓ ଭିଡ଼ ନିୟନ୍ତ୍ରଣ ପାଇଁ ଡ୍ରୋନ୍ ବ୍ୟବହାର ଅଭାବ ଦାୟୀ କରାଯାଇଥିଲା। ହେଲେ ଚଳିତ ବର୍ଷ ରଥଯାତ୍ରା ଆରମ୍ଭରୁ ପୁଣି ସିସିଟିଭି ଖୁଣ୍ଟି ଗଳିପଡ଼ିବା ଘଟଣା ସମଗ୍ର ପ୍ରସ୍ତୁତିକୁ ପ୍ରଶ୍ନବାଚୀ ଘେରରେ ଛାଡ଼ିଦେଇଛି। ଚଳିତ ବର୍ଷ ରଥଯାତ୍ରାକୁ ସୁରକ୍ଷିତ କରିବା ପାଇଁ ପ୍ରାୟ ୪୭୦ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ କିଛି ଖୁଣ୍ଟି ତରବରିଆ ଭାବେ ସ୍ଥାପନ ହୋଇଥିବା ଅଭିଯୋଗ ହୋଇଛି। ଏହାର ନିଛକ ଉଦାହରଣ ଦେଖିବାକୁ ମିଳିଛି ଷ୍ଟର୍ଲି ଛକରେ। ଏଠାରେ ଲଗାଯାଇଥିବା ସିସିଟିଭି ଖୁଣ୍ଟି ଶନିବାର ଗଳିପଡ଼ିଛି। କେବଳ ଏହି ଗୋଟିଏ ନୁହେଁ, ପୁରୀ ସହରର ବିଭିନ୍ନ ସ୍ଥାନରେ ନବନିର୍ମିତ ଲାଇଟ୍ ଓ ସିସିଟିଭି ଖୁଣ୍ଟି ବଙ୍କା ହୋଇ ରହିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସହରର ବୁଦ୍ଧିଜୀବୀ।

ଭଏସ୍ ଅଫ୍ କମନ୍‌ମ୍ୟାନ୍‌ର ମୁଖ୍ୟ ହେକ୍ଟର ମିଶ୍ର କହିଛନ୍ତି, "ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଯେମିତି ତରବରିଆ କାମ ହେଉଛି ତାହା ସୁରକ୍ଷା ପାଇଁ ବିପଦ। ସିସିଟିଭି ଖୁଣ୍ଟି ଗଳିପଡ଼ିବା ପ୍ରମାଣ କରୁଛି ଯେ କାମର ଗୁଣବତ୍ତା ଉପରେ କେହି ନଜର ରଖୁନାହାନ୍ତି। ଏହା ସରକାରଙ୍କ ଠିକାଦାର ପ୍ରୀତି ବୋଲି ପ୍ରମାଣିତ କରୁଛି। କ୍ୟାମେରା ବାବଦ ଯାହା କ୍ଷତି ଘଟିଲା ଏହାକୁ ଭରଣା କରିବ କିଏ? ତୁରନ୍ତ ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟରୁ ହଟାଯାଉ। ସେହିପରି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ରଥଯାତ୍ରା ପାଇଁ ରାସ୍ତାଘାଟ ମରାମତି, ସଫେଇଠାରୁ ଆରମ୍ଭ କରି ସିସିଟିଭି ପର୍ଯ୍ୟନ୍ତ ସବୁ କାମ ଶେଷ ମୁହୂର୍ତ୍ତରେ ହେଉଛି। ବର୍ଷା ଯୋଗୁଁ ରାସ୍ତା କାମ ଅଟକିଛି, ସିସିଟିଭି ଖୁଣ୍ଟି ଗଳିପଡ଼ିଲାଣି। ଏହା ସରକାରଙ୍କ ପ୍ରସ୍ତୁତିର ବାସ୍ତବତାକୁ ପଦାରେ ପକାଇଦେଇଛି। ଲୋକଙ୍କ ଜୀବନ ସହ ଖେଳ ହେଉଛି। ଯଦି ଏହି ଖୁଣ୍ଟି କାହା ଉପରେ ପଡ଼ିଥା'ନ୍ତା ତେବେ ଏଥିପାଇଁ କିଏ ଦାୟୀ ହୋଇଥା'ନ୍ତା। ରଥଯାତ୍ରା ଆରମ୍ଭ ପୂର୍ବରୁ ଏଭଳି ଘଟଣା ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ଆଶଙ୍କା ସୃଷ୍ଟି କରିଛି।

ସାବଧାନ! ସାଇବର ଠକ ବିଛାଇଛନ୍ତି ଜାଲ

## ହ୍ୱାଟ୍ସଆପ୍‌ରେ ଆସୁଛି ନକଲି ଇ-ଚାଲାଣ ମେସେଜ୍

କଟକ,୧୧।୭(ସମିସ): ରାଜ୍ୟରେ ଏବେ ସାଇବର ଠକମାନେ ଲୋକଙ୍କୁ ଲୁଟିବା ପାଇଁ ନୂଆ ନୂଆ ଉପାୟ ଅବଲମ୍ବନ କରୁଛନ୍ତି। ଏବେ ଯାନବାହନ ଯାଞ୍ଚକୁ କିଛି ଦିନ ହେବ କଡାକଡି କରାଯାଇଥିବା ବେଳେ ପରିବହନ ବିଭାଗ ଚାଲାଣ କାଟିବା ସହ ଗାଡି ଜବତ କରୁଛି। ଏହି ସୁଯୋଗରେ କିନ୍ତୁ ସାଇବର ଠକମାନେ ସାଧାରଣ ଲୋକଙ୍କୁ ଲୁଟିବା ପାଇଁ ଜାଲ ବିଛାଉଛନ୍ତି। ବର୍ତ୍ତମାନ ସମୟରେ ଗାଡ଼ି ଚାଳକମାନଙ୍କୁ ଟାର୍ଗେଟ୍ କରି ଏକ ବଡ଼ଧରଣର 'ଇ-ଚାଲାଣ ସ୍କାମ୍' ଚାଲିଥିବା ନେଇ ପରିବହନ ବିଭାଗ ମଧ୍ୟ ସତର୍କ ସୂଚନା ଜାରି କରିଛି। ହ୍ୱାଟ୍ସଆପ୍ କିମ୍ବା ମେସେଜ୍ ଜରିଆରେ ନକଲି ଲିଙ୍କ୍ ଓ ଏପିକେ ଫାଇଲ୍ ପଠାଇ ଲୋକଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ କରାଯାଉଥିବା ଅଭିଯୋଗ ହେଉଛି। ସାଇବର ଅପରାଧୀମାନେ ପରିବହନ ବିଭାଗ ନାଁରେ ମୋବାଇଲ୍‌କୁ ଏକ ମେସେଜ୍ ପଠାଉଛନ୍ତି, ଯେଉଁଥିରେ ଆପଣଙ୍କ ଗାଡ଼ି ନାମରେ ଜରିମାନା କିମ୍ବା ଚାଲାଣ କଟିଥିବା ଦର୍ଶାଯାଉଛି। ଏହି ଜରିମାନା ପଇଠ କରିବା ପାଇଁ ସେମାନେ ମେସେଜ୍‌ରେ ଏକ ନକଲି ୱେବସାଇଟ୍ ଲିଙ୍କ୍ କିମ୍ବା ଏକ ଅଜ୍ଞାତ ଏପିକେ ଫାଇଲ୍ ପଠାଉଛନ୍ତି। ଗ୍ରାହକମାନେ ଏହାକୁ ପ୍ରକୃତ ସରକାରୀ ମେସେଜ୍ ଭାବି ଯେତେବେଳେ ସେହି ଲିଙ୍କ୍ ଉପରେ କ୍ଲିକ୍ କରୁଛନ୍ତି କିମ୍ବା ଆପ୍ଲିକେସନ୍ ଡାଉନଲୋଡ୍ କରୁଛନ୍ତି, ସେମାନଙ୍କ ଫୋନ୍ ହ୍ୟାକ୍ ହୋଇଯାଉଛି ଏବଂ ବ୍ୟାଙ୍କ୍ ଆକାଉଣ୍ଟରୁ ସମସ୍ତ ଟଙ୍କା ଚୋରି କରିବାକୁ ସକ୍ଷମ ହେଉଛନ୍ତି ଲୁଟେରା। ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ପରିବହନ ବିଭାଗ କଦାପି ହ୍ୱାଟ୍ସଆପ୍‌ରେ କୌଣସି ଏପିକେ ଫାଇଲ୍ ପଠାଇ ଚାଲାଣ ପଇଠ କରିବାକୁ କୁହେନାହିଁ। ହ୍ୱାଟ୍ସଆପ୍ ଗ୍ରୁପ୍ କିମ୍ବା ବ୍ୟକ୍ତିଗତ ଚାଟ୍‌ରେ ପରିବହନ ବିଭାଗ ପକ୍ଷରୁ ଇ-ଚାଲାଣ ପଠାଯାଏ ନାହିଁ। ଏଣୁ ଅସଲି ୱେବସାଇଟ୍ ଚିହ୍ନଟ କରି ଇ-ଚାଲାଣ ପଇଠ କରିବାକୁ କୁହାଯାଇଛି। ଗାଡ଼ିର ଚାଲାଣ ସ୍ଥିତି ସର୍ବଦା ପରିବହନ ବିଭାଗର ମୋବାଇଲ ଆପ୍ଲିକେସନ୍ ଏମ ପରିବହନ କିମ୍ବା ସରକାରୀ ୱେବସାଇଟ୍ ମାଧ୍ୟମରେ ଯାଞ୍ଚ କରିବାକୁ ପରିବହନ ବିଭାଗ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଯଦି ଆପଣ ଏଭଳି କୌଣସି ସନ୍ଦେହଜନକ ମେସେଜ୍ ପାଉଛନ୍ତି, ତେବେ ତୁରନ୍ତ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବାକୁ କୁହାଯାଇଛି।

ଘରୋଇ ନର୍ସିଂ କଲେଜରେ ଅଘଟଣ

## ବିଷାକ୍ତ ଖାଦ୍ୟ ଖାଇ ୧୧ ଛାତ୍ରୀ ଗୁରୁତର

ଖୋର୍ଦ୍ଧା,୧୧।୭ (ସମିସ): ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବରୁଣେଇ ପାଦଦେଶରେ ଥିବା କେଏମ୍‌ବିବି ନର୍ସିଂ କଲେଜରେ ଘଟିଛି ଅଘଟଣ। ବିଷାକ୍ତ ଖାଦ୍ୟ ଖାଇ ୧୧ଜଣ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତନ୍ମଧ୍ୟରେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ଆହତ ଛାତ୍ରୀମାନେ ହେଲେ ମଧୁସ୍ମିତା ବେହେରା (୧୯), ଗାୟତ୍ରୀ ଛୁଆଳସିଂହ (୧୮), ରାଜଶ୍ରୀ ଜେନା (୧୭), ଯଶ୍ମିନ ନାୟକ (୧୭), ଗୀତିକ୍ରିଷ୍ଣା ମହାନ୍ତି (୧୮), ପ୍ରାଚୀ ପୃଷ୍ଟି (୧୮), ସୁଭଦ୍ରା (୧୭), ଲୋପାମୁଦ୍ରା ପଣ୍ଡା (୧୯), ଶୁଭଲକ୍ଷ୍ମୀ ସାମନ୍ତରାୟ(୧୯) ପ୍ରମୁଖ ୧୧ଜଣ ରହିଛନ୍ତି।

ଅସୁସ୍ଥ ଛାତ୍ରୀଙ୍କ ଅଭିଯୋଗ ଅନୁସାରେ, କଲେଜ ହଷ୍ଟେଲରେ ଛାତ୍ରୀମାନେ ରହୁଥିଲେ। ଏଠାରେ ଦିଆଯାଉଥିବା ଖାଦ୍ୟର ମାନ ଅତି ନିମ୍ନମାନର ଥିଲା। ଗତ ସପ୍ତାହ ହେଲା ଖାଦ୍ୟରେ ପୋକ ବାହାରୁଥିବା ନେଇ ଅଭିଯୋଗ ସତ୍ତ୍ୱେ ମଧ୍ୟ ହଷ୍ଟେଲ ୱାର୍ଡେନର ଏବଂ କ୍ୟାଣ୍ଟିନ୍ ମାଲିକ ଗୁରୁତ୍ୱ ଦେଇନଥିଲେ। ଗତକାଲି ରାତିରେ ମଧ୍ୟ ସମାନ ଅଭିଯୋଗ ହୋଇଥିଲା। କିଛି ଛାତ୍ରୀ ଅସନ୍ତୋଷ ପ୍ରକାଶ କରି ଖାଦ୍ୟ ଖାଇ ନ ଥିଲେ। ଆଜି ଦ୍ୱିପ୍ରହରରେ ଖାଦ୍ୟ ଖାଇବା ପରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି




କରିଥିଲେ। ସେମାନଙ୍କ ମଧ୍ୟରୁ କିଛି ଜଣଙ୍କର ପେଟ ଓ ଛାତିରେ ଯନ୍ତ୍ରଣା ଅନୁଭବ ସହ ନିଶ୍ୱାସ ନେବାରେ କଷ୍ଟ ହେଉଥିବା ଗଣମାଧ୍ୟମ ଆଗରେ କହିଛନ୍ତି।

ଏ ସଂକ୍ରାନ୍ତରେ କେତେକ ଛାତ୍ରୀଙ୍କ ଅଭିଭାବକ ତଥା ବାଜପୁର ସରପଞ୍ଚ କେଦାର ସାମନ୍ତରାୟ ଓ ଆଇନଜୀବୀ ଶ୍ରୀକୃଷ୍ଣ ଦଳବେହେରା କୁହନ୍ତି, ହଷ୍ଟେଲରେ ଏଭଳି ଅବ୍ୟବସ୍ଥା ନେଇ ଝିଅଠାରୁ ଖବର ପାଇ କର୍ତ୍ତୃପକ୍ଷଙ୍କ ସହ ପୂର୍ବରୁ ଆଲୋଚନା କରିଥିଲୁ। ପୂର୍ବରୁ ମଧ୍ୟ ପିଲାଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାର ପୋକ ବାହାରୁଥିବା ଅଭିଯୋଗ ହୋଇଥିଲା। ଏପରିକି ପିଲାଙ୍କ ଖାଦ୍ୟରେ ତେଲୁଣିପୋକ, ଜନ୍ଦା, କାଚେରା ପୋକ ବାହାରିବା ନେଇ ଅଭିଯୋଗ ହୋଇଥିବା ଅଭିଭାବକମାନେ କହିଛନ୍ତି। ମାତ୍ର ଅଭିଭାବକଙ୍କ ଅଭିଯୋଗକୁ କର୍ତ୍ତୃପକ୍ଷ ଅତି ହାଲୁକାଭାବେ ଗ୍ରହଣ କରିଥିଲେ। ତେବେ ଆଜି ଅପରାହ୍ନରେ ଝିଅର ସହପାଠୀଙ୍କ ଠାରୁ ଖବର ପାଇ ମେଡିକାଲରେ ପହଁଚିବାବେଳେ ଝିଅର ଅବସ୍ଥା ଭଲ ନ ଥିବା ଦେଖିଥିଲି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କହିଥିଲେ। ଏଭଳି ଅଘଟଣ ପାଇଁ ସିଧାସଳଖ ଭାବେ ଅଭିଭାବକମାନେ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି।

ଅନ୍ୟପକ୍ଷରେ ବିଷାକ୍ତ ଖାଦ୍ୟ କଥାକୁ କ୍ୟାଣ୍ଟିନ୍ ଦାୟିତ୍ୱରେ ଥିବା ଏସ୍‌ଏମ୍ କ୍ୟାଟରିଙ୍ଗ ସର୍ଭିସର ମାଲିକ ପ୍ରକାଶ ସାମନ୍ତରାୟ ଅସ୍ୱୀକାର କରିଛନ୍ତି। ଛାତ୍ରୀମାନେ ଅନ୍ୟ କୌଣସି କାରଣରୁ ଅସୁସ୍ଥ ହୋଇପଡିଥିବା ସେ କହିଛନ୍ତି। ଏ ସମ୍ପର୍କରେ ଡା. ପ୍ରିୟରଞ୍ଜନ ସାହୁ କୁହନ୍ତି ଭୋକ ଉପାସ ଏବଂ ଅତ୍ୟଧିକ ଏସିଡିଟି କାରଣରୁ ଛାତ୍ରୀମାନେ ଅସୁସ୍ଥ ହୋଇପଡିଥିବା ଅନୁମାନ କରାଯାଇଛି। ସମସ୍ତଙ୍କ ସ୍ଥିତି ସ୍ୱାଭାବିକ ରହିଛି। ଜଣଙ୍କୁ ଛାତିରେ ଯନ୍ତ୍ରଣା ଯୋଗୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ଜଗନ୍ନାଥଙ୍କ ସମ୍ମାନ ପାଇଁ ଓହ୍ଲାଇଲେ ଭକ୍ତ

## ଶରଧାବାଲିରୁ ହଟିଲା ଇସ୍କନ ବହି ଷ୍ଟଲ୍



ପୁରୀ,୧୧।୭(ସମିସ): ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଇସ୍କନକୁ ନେଇ ପୁରୀ ମାଟିରେ ବିରୋଧ ଆରମ୍ଭ ହୋଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅପିଲ୍‌କୁ ଇସ୍କନ ପ୍ରତ୍ୟାଖ୍ୟାନ କରିବା ପରେ ଜଗନ୍ନାଥପ୍ରେମୀ ଓ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରଭାବରେ ଶନିବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଥିବା ଇସ୍କନର ବହି ବିକ୍ରି ଭ୍ରାମ୍ୟମାଣ ଯାନକୁ ବହୁ ଭକ୍ତ ଫେରାଇ ଦେଇଛନ୍ତି। ଭକ୍ତମାନେ କହିଛନ୍ତି, ଆମ ଜଗନ୍ନାଥ ଓ ଗଜପତି ମହାରାଜାଙ୍କୁ ଅସମ୍ମାନ କଲେ ମହାପ୍ରଭୁଙ୍କ ମୂଳପୀଠ ଶ୍ରୀକ୍ଷେତ୍ର ପୁରୀରେ ଇସ୍କନ ବହି ବିକିପାରିବନି, ଆଉ କୀର୍ତ୍ତନ ବି କରିପାରିବନି। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ଓ ଆଇନଜୀବୀ ବିଭୂତି ତ୍ରିପାଠୀଙ୍କ ନେତୃତ୍ୱରେ ପୁରୀରୁ "ଇସ୍କନ ହଟାଓ' ଅଭିଯାନ ଆରମ୍ଭ ହୋଇଛି। ଆନ୍ଦୋଳନକାରୀମାନଙ୍କ ଅଭିଯୋଗ ଯେ, ଇସ୍କନ ବାରମ୍ବାର ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅପମାନିତ କରୁଛି। ତେଣୁ ପୁରୀରେ ଏହାର କୌଣସି କାର୍ଯ୍ୟକଳାପ ଚଳିବା ଉଚିତ୍ ନୁହେଁ। ଏହି ପଦକ୍ଷେପକୁ ସାଧାରଣ ଭକ୍ତ ଓ ସଂଗଠନ ସମର୍ଥନ କରିଛନ୍ତି। ଏହି ଘଟଣା ପରେ ପୁରୀରେ ଇସ୍କନ ବିରୋଧୀ ମନୋଭାବ ଆହୁରି ଜୋର୍ ଧରିଛି।

କେନ୍ଦୁପତ୍ର ବନ୍ଧାଳିଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ

## ଦିଆଯାଉନି ବୋନସ୍; ଶ୍ରମିକ ନିରାଶ

ନୂଆପଡ଼ା/ସିନାପାଲି,୧୧।୭(ସମିସ): ବିଜେଡି ସରକାର କେନ୍ଦୁପତ୍ର ବନ୍ଧାଳୀ ଶ୍ରମିକମାନଙ୍କୁ ବୋନସ୍ ଦେବାସହ ସେମାନଙ୍କ ନ୍ୟାଯ୍ୟ ଦାବି ପ୍ରତି ଯଥୋଚିତ ସମ୍ମାନ ଜଣାଇ ସେମାନଙ୍କ ଅଧିକାର ସାବ୍ୟସ୍ତ କରିଥିଲେ। ହେଲେ ରାଜ୍ୟରେ ବିଜେପି ସରକାର ଆସିବା ପରଠୁ ଦୁଇବର୍ଷ ହେଲା ଶ୍ରମିକମାନଙ୍କୁ ବୋନସ୍ ଟଙ୍କା ପ୍ରଦାନ କରାଯାଇ ନ ଥିବାବେଳେ ଶ୍ରମିକମାନେ ନିରାଶ ହେବାସହ ପରିବାର ପ୍ରତିପୋଷଣ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି। ଖଡ଼ିଆଳ କେନ୍ଦୁପତ୍ର ଡିଭିଜନ ଅଧୀନରେ ସଦର ନୂଆପଡ଼ା, ବୋଡେନ, ସିନାପାଲି, କୋମନା ଓ ଖଡ଼ିଆଳ ବ୍ଲକ୍ ସମେତ ୬ଟି ରେଞ୍ଜର ବର୍ତ୍ତମାନ କେନ୍ଦୁପତ୍ର ବନ୍ଧା କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ଏହି ଡିଭିଜନ୍‌ରେ ୩୧୮ ଫଡ଼ି ଥିବାବେଳେ ୩୦ଟି ବନ୍ଧାଳି ଦଳର ୫୬୦ ଜଣ ଶ୍ରମିକ କାମରେ ନିୟୋଜିତ ଅଛନ୍ତି। ଶତାଧିକ ବନ୍ଧାଳୀ ନିଜ ପରିବାର ସହ ଫଡ଼ିରେ ରହି କେନ୍ଦୁପତ୍ର ବଛାବଛି ଓ ବନ୍ଧା କାମରେ ନିୟୋଜିତ ଅଛନ୍ତି। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ କଠିନ ପରିଶ୍ରମକରି ସେମାନେ କେନ୍ଦୁପତ୍ରକୁ ନିୟମ ଅନୁଯାୟୀ କେରିରେ ବାନ୍ଧୁଛନ୍ତି। ସରକାରୀ ନିୟମ ଅନୁସାରେ ୫ କେରି ପିଛା ୯୫ ଟଙ୍କା ମଜୁରି ସହ ୫ ଟଙ୍କା ବୋନସ ମିଳିବାର ବ୍ୟବସ୍ଥା ରହିଛି। କିନ୍ତୁ ବନ୍ଧାଳିମାନଙ୍କୁ କେବଳ ୯୫ ଟଙ୍କା ଦିଆଯାଉଛି। ୨୦୨୪ରେ ତତ୍କାଳୀନ ବିଜେଡି ସରକାର ଅମଳରେ ବୋନସ୍ ମିଳିଥିଲା, ହେଲେ ନୂତନ ସରକାର ଗଠନ ପରେ ବୋନସ ଟଙ୍କା ପ୍ରଦାନ କରାଯିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଶ୍ରମିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ, ଫଡ଼ିରେ କାମ କରୁଥିବା ବନ୍ଧାଳୀ ଓ ସେମାନଙ୍କ ପରିବାରର ଜୀବନଯାପନ ମଧ୍ୟ ବେଶ୍ କଷ୍ଟଦାୟକ। ସେମାନେ ଫଡ଼ି ବାରଣ୍ଡାରେ ପଲିଥିନ ତଳେ ରାତି ବିତାଉଛନ୍ତି। ଅନେକ ସ୍ଥାନରେ ପିଇବା ପାଣିର ବ୍ୟବସ୍ଥା ନଥିବାରୁ ଦୂରରୁ ପାଣି ଆଣିବାକୁ ପଡୁଛି। ରାତିରେ ବିଦ୍ୟୁତ୍ ଆଲୋକ ନଥିବାରୁ ଅନ୍ଧାର ମଧ୍ୟରେ ରହିବାକୁ ପଡୁଛି। ଶୌଚାଳୟ, ସ୍ନାନଘର ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ମଧ୍ୟ ସେମାନଙ୍କ



ଦୈନନ୍ଦିନ ଜୀବନକୁ ଅଧିକ କଷ୍ଟକର କରିଦେଇଛି। ପ୍ରତିବର୍ଷ ଏଭଳି ପରିସ୍ଥିତିରେ କାମ କରିବାକୁ ପଡୁଥିଲେ ମଧ୍ୟ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ। ଏପରି ସ୍ଥିତିରେ ପ୍ରାପ୍ୟ ବୋନସ ତୁରନ୍ତ ପ୍ରଦାନ କରିବା ସହ ଫଡ଼ିଗୁଡ଼ିକରେ ପାନୀୟ ଜଳ, ବିଦ୍ୟୁତ୍ ଆଲୋକ, ଶୌଚାଳୟ ଓ ରହିବା ପାଇଁ ଉନ୍ନତ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏନେଇ ଖଡ଼ିଆଳ କେନ୍ଦୁପତ୍ର ଡିଭିଜନ ଅଧିକାରିଣୀ ଏ.ମାଧବୀ ଲତାଙ୍କୁ ପଚାରିବାରୁ ସବୁ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି କହିଥିଲେ।

## ଭିଜିଲାନ୍ସ ଜାଲରେ ନାଟୁଣୀ ଥାନା ଏଏସ୍‌ଆଇ

ବାଣପୁର,୧୧।୭(ସମିସ) : ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନାଟୁଣୀ ଥାନାର ଜଣେ ଏଏସ୍‌ଆଇ ଅକ୍ଷୟ କୁମାର ସେଠୀଙ୍କ ବିରୋଧରେ ଲାଞ୍ଚ କାରବାରର ଏକ ସଙ୍ଗୀନ ଅଭିଯୋଗରେ ଶନିବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛି। ଏକ ଜମି ବିବାଦ ମାମଲାର ଫଇସଲା କରିବା ପାଇଁ ଏଏସଆଇ ସେଠୀ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡି ଥିବା ବେଳେ ଭିଜିଲାନ୍ସ ଟିମ୍‌କୁ ଦେଖି ଟଙ୍କା ସହ ବାଇକ୍‌ରେ ସେ ଫେରାର ହୋଇଯାଇ ଥିବାରୁ ତାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ



ଭଜିଲାନ୍ସ ଟିମ୍ ଚଢ଼ଉ କରି ଶେଷରେ ଏଏସଆଇ ସେଠୀଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ଗତ ୫ ତାରିଖରେ ନାଟୁଣୀ ଥାନା ଅନ୍ତର୍ଗତ ଅଞ୍ଚଳରେ ଏକ ପରିବାରରେ ଜମି ବାଡ଼ିକୁ କେନ୍ଦ୍ର କରି ଦୁଇ ଭାଇଙ୍କ ବିବାଦ ଲାଗି ରହିଥିଲା। ଉଭୟ ପକ୍ଷ ତରଫରୁ ନାଟୁଣୀ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅଭିଯୋଗର ଗୋଟିଏ ଦିନ ପରେ ସନ୍ଧ୍ୟାରେ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିଲା। ଥାନାରୁ ମାମଲା ପ୍ରତ୍ୟାହାର ପାଇଁ ଉଭୟ ପକ୍ଷ ଏହି ମାମଲାର ତଦନ୍ତକାରୀ ଅଧିକାରୀ ଏଏସଆଇ ଅକ୍ଷୟ କୁମାର ସେଠୀଙ୍କୁ ଅନୁରୋଧ କରିଥିବା ବେଳେ ଏଥିରେ ଉତକ୍ଷିପ୍ତ ହୋଇ ପଡି ଏଏସଆଇ ସେଠୀ ଉଭୟ ପକ୍ଷଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦାବି କରିବା ସହିତ ଆପୋଷ ବୁଝାମଣା ସମ୍ପର୍କରେ ଏକ ସତ୍ୟ ପାଠ ଦାଖଲ କରିବାକୁ କହିଥିଲେ। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଗୋଟିଏ ପକ୍ଷ ଭୁବନେଶ୍ୱରସ୍ଥିତ ଦୁର୍ନୀତି ନିବାରଣ ବିଭାଗର ଦ୍ୱାରସ୍ଥ ହୋଇ ଥିଲେ। ଦୁର୍ନୀତି ନିବାରଣ ବିଭାଗ ତରଫରୁ ଏ ସମ୍ପର୍କରେ ଏକ ମାମଲା ରୁଜୁ କାରାଯାଇ ରସାୟନ ପ୍ରଲେପ ଥିବା ୫ ହଜାର ଟଙ୍କା ଅଭିଯୋଗ କାରୀଙ୍କୁ ଦିଆଯାଇଥିଲା। ଯୋଜନା ମୁତାବକ ଶୁକ୍ରବାର ରାତିରେ ନାଟୁଣୀ ଥାନା ନିକଟସ୍ଥ ଏକ ନିକାଞ୍ଚନ ସ୍ଥାନରେ ଏଏସଆଇ ସେଠୀ ଲାଞ୍ଚ ଟଙ୍କା ନେଉଥିବା ବେଳେ ସେଠାରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀଙ୍କୁ ଦେଖି ଟଙ୍କା ସହିତ ନିଜ ବାଇକ୍ ରେ ଦ୍ରୁତ ଗତିରେ ସେଠାରୁ ଫେରାର ହୋଇଯାଇଥିଲେ। ତେବେ ଏଏସଆଇ ସେଠୀଙ୍କୁ ଗିରଫ କରିବା ପାଇଁ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ଘଟଣା ଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷେ ଏଏସଆଇ ସେଠିଙ୍କୁ ଦୁର୍ନୀତି ନିବାରଣ ବିଭାଗ ଗିରଫ କରିଥିବା ସୂଚନା ମିଳିଛି।

ପୁଣି ଖାକିରେ ଲାଗିଲା କଳଙ୍କ

## ରାତିଅଧରେ ଏଏସ୍‌ଆଇଙ୍କ ପ୍ରେମଲୀଳା

ରଣପୁର/ଗୋପାଳପୁର,୧୧।୭(ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ପୂର୍ବତନ ଏସଡିପିଓ ମଦନମୋହନ ପ୍ରଧାନ, ଶରଣକୁଳ ଥାନା ଅଧିକାରୀ ସୁଜିତ୍ କୁମାର ଦାଶଙ୍କ ପରେ ରଣପୁରରେ କାର୍ଯ୍ୟରତ ଏଏସ୍‌ଆଇ ପ୍ରଶାନ୍ତ ପରିଡ଼ାଙ୍କ ପ୍ରେମଲୀଳା ସାମ୍ନାକୁ ଆସିଛି। ରାତିଅଧରେ ଜଣେ ମହିଳାଙ୍କ ଘରୁ ତାଙ୍କୁ ସ୍ଥାନୀୟ ଲୋକେ ଧରି ଉତ୍ତମ ମଧ୍ୟମ ଦେଇଛନ୍ତି। ଖାକିରେ ପୁଣି ଦାଗ ଲଗାଇଛନ୍ତି ଏ ଏ ସ ଆ ଇ ପ୍ରଶାନ୍ତ ପରିଡ଼ା। ଗତ କିଛିମାସ ହେବ ବିବାଦୀୟ



କର୍ମଚାରୀଙ୍କ ପାଇଁ ପୁଲିସ ବିଭାଗ ବଦନାମ ହେଉଛି। ଖଣ୍ଡପଡ଼ା, ଶରଣକୁଳ ପରେ ରଣପୁର ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ପୁଣି ଚର୍ଚ୍ଚାକୁ ଆସିଛି ପୁଲିସ ବାବୁଙ୍କ ରସିକିଆ କାରନାମା। ରଣପୁର କୋର୍ଟରେ କାର୍ଯ୍ୟରତ ଏଏସ୍‌ଆଇ ପ୍ରଶାନ୍ତ ପରିଡ଼ା ଶୁକ୍ରବାର ବିଳମ୍ବିତ ରାତିରେ ରଣପୁର ଥାନାଠାରୁ ମାତ୍ର ୫୦ ମିଟର ଦୂର ବଡ଼କୂଅ ସାହିରେ ଜଣେ ମହିଳାଙ୍କ ଘରେ ପଶିଥିଲେ। ମହିଳାଙ୍କ ସହ ଅସଞ୍ଜତ ଅବସ୍ଥାରେ ଧରାପଡ଼ିବା ପରେ ହଟହଟା ହେବା ସହ ନିର୍ଦ୍ଧୁମ ଛେଚା ଖାଇଛନ୍ତି ଏଏସ୍‌ଆଇ ପରିଡ଼ା। ପ୍ରଚୁର ମଦ୍ୟପାନ କରି ପରିଡ଼ା ମହିଳାଙ୍କ ଘରକୁ ରାତି ୨ଟାରେ ବାରିପଟୁ ଲୁଚିଛପି ପ୍ରବେଶ କରିଥିଲେ। ପରିବାର ଲୋକେ କିଛି ଶବ୍ଦ ଶୁଣି ଉଠିପଡ଼ିବାରୁ ସେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ପରିବାର ଲୋକେ ତାଙ୍କୁ କାବୁ କରି ଚିତ୍କାର କରିଥିଲେ। ଚିତ୍କାର ଶୁଣି ସାହିପଡ଼ିଶା ଲୋକେ ରୁଣ୍ଡ ହେବା ପରେ ଏଏସ୍‌ଆଇଙ୍କ ରାସଲୀଳା ଘଟଣା ଲୋକଲୋଚନକୁ ଆସିଛି। ଇତିମଧ୍ୟରେ ଏଏସ୍‌ଆଇ ପରିଡ଼ା ଉପସ୍ଥିତ ଲୋକଙ୍କ ଗୋଡ଼ତଳେ ପଡ଼ି ଭୁଲ ହୋଇଯାଇଛି ବୋଲି କହିଥିଲେ। ଆଉ କେବେ ଏହି

■ ଖଣ୍ଡପଡ଼ା, ଶରଣକୁଳ ପରେ ରଣପୁର
■ ବିଭାଗକୁ ବଦନାମ କରୁଛନ୍ତି କର୍ମଚାରୀ

ସାହିକୁ ଆସିବିନି। ମୋତେ କ୍ଷମା କରିଦିଅ ବୋଲି କହି ନିଜ ଭୁଲ ସ୍ୱୀକାର କରିଥିଲେ। ଏ ବିଷୟରେ ଏଏସ୍‌ଆଇ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ କହିଲେ, ସେ ଉକ୍ତ ମହିଳାଙ୍କ ଘରେ ପୂର୍ବରୁ ଭଡ଼ାରେ ରହୁଥିଲେ। ପରିବାରର ସମସ୍ତଙ୍କ ସହ ଭଲ ସମ୍ପର୍କ ଥିଲା। ଶୁକ୍ରବାର ରାତିରେ ସେ ମହିଳାଙ୍କୁ ଜ୍ୱର ମେଡିସିନ ଦେବାକୁ ଯାଇଥିଲେ ବୋଲି ସଫେଇ ଦେଇଛନ୍ତି। ଅନ୍ୟପଟେ ପୁଲିସ ବାବୁଙ୍କ ସହ ଉକ୍ତ ମହିଳାଙ୍କର ପୂର୍ବରୁ ଅନୈତିକ ପ୍ରେମ ସମ୍ପର୍କ ଥିଲା ବୋଲି ସାହିବାସିନ୍ଦା କହିଛନ୍ତି। ଉତ୍ତେଜନା ପ୍ରକାଶ ପାଇବା ପରେ ଆଉ କେବେ ବି ଏଭଳି ଭୁଲ କରିବେ ନାହିଁ ବୋଲି ବାବୁଜଣକ କହିବାରୁ ସାହିବାସିନ୍ଦା ତାଙ୍କୁ ଛାଡ଼ି ଦେଇଛନ୍ତି। ତେବେ ଘଟଣା ସମ୍ପର୍କରେ ରଣପୁର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।



# ରଥଯାତ୍ରାରେ 'ଗଣ୍ଡ ଭୈରବ'

ବାବୁ ଭାଇ ପ୍ରଡକ୍ସନ ୟୁଟ୍ୟୁବ୍ ଚ୍ୟାନେଲରେ ଆଜି (ଜୁଲାଇ ୧୨) ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ର ଆଉ ଏକ ରୋମାଣ୍ଟିକ୍ ଗୀତ 'ମରାମତି' । ଗୀତଟି ଦେବାଶିଷ ଏବଂ ଶିବାନୀ ସଙ୍ଗୀତାଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ଅନନ୍ୟା ଶ୍ରୀତମ ନନ୍ଦ । 'ଆର୍. ଆର୍. ଇଭେଣ୍ଟ' ଏବଂ 'ସିନେ ପ୍ରଡକ୍ସନ' ନିବେଦିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନେତା ଦେବାଶିଷ ଏବଂ ଶିବାନୀଙ୍କୁ ଦେଖିବାକୁ ମିଳିବ । ଅବଶ୍ୟ ଏଥିରେ ଦେବାଶିଷଙ୍କୁ ଦର୍ଶକେ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂଆ ଲୁକ୍‌ରେ ଦେଖିବାକୁ ପାଇବେ । ସିନେମାଟି ଜଣେ ଅବଢ଼ା ବୋଝିଆର ଜୀବନୀ ଉପରେ ଆଧାରିତ । ଭକ୍ତି, ସଂସ୍କୃତି, ପ୍ରେମ, ତ୍ୟାଗ, ହାସ୍ୟ, କ୍ରୋଧ, ପ୍ରତିଶୋଧ, ଆକ୍ସନ ଏବଂ ସର୍ବୋପରି ଏକ ସୁନ୍ଦର କାହାଣୀ ଏହି ସିନେମାରେ ରହିଛି । କେବଳ ସେତିକି ନୁହେଁ, ଏଥିରେ ଖୁବ୍ ସୁନ୍ଦର ଗୀତ ମଧ୍ୟ ରହିଛି । ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ଏବଂ ରମେଶ ବାରିକଙ୍କ ପ୍ରଯୋଜିତ ଏହି ସିନେମାରେ ପୃଥ୍ୱୀରାଜ, ଅସିତ, ପୁଷ୍ପା ପଣ୍ଡା, ସୋମା ଭୌମିକ, କେକେ ପ୍ରମୁଖ ଅଭିନୟ କରିଛନ୍ତି । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଗୌରବ ଆନନ୍ଦ ଥିବା ବେଳେ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀ । ତେବେ ସିନେମାଟି ରଥଯାତ୍ରା (ଜୁଲାଇ ୧୬) ଅବସରରେ ପ୍ରେକ୍ଷାଳୟକୁ ଆସିବ । ■



# 'ଜଗା ତୁ ଥାଉ ଥାଉ' ରିଲିଜ୍

ପବିତ୍ର ରଥଯାତ୍ରା ଉପଲକ୍ଷେ ମୁକ୍ତିଲାଭ କରିଛି ସୁନ୍ଦର ଓଡ଼ିଆ ଭଜନ 'ଜଗା ତୁ ଥାଉ ଥାଉ' । ଭକ୍ତର ଭାବ-ଅଭାବ, ଅଳି-ଗାଳିକୁ ନେଇ ଶବ୍ଦ-ସ୍ୱରରେ ଗୁନ୍ଥା ଏହି ସୁନ୍ଦର ଗୀତଟିକୁ ରଚନା କରିଛନ୍ତି ଯୁବ ଗୀତିକାର ରାମକୃଷ୍ଣ ବାରିକ । ନିଜର ଯାଦୁଗରୀ ସ୍ୱରରେ ପୁଣି ଥରେ ଜଗନ୍ନାଥପ୍ରେମୀଙ୍କ ମନ ଜିଣିଛନ୍ତି ଅଭିଜିତ ମିଶ୍ର । ଏଥିରେ ସେ କଣ୍ଠଦାନ ସହ ସଂଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳିଛନ୍ତି । ଅଭିଜିତ ମିଶ୍ର ୟୁଟ୍ୟୁବ ଚ୍ୟାନେଲରେ ଗୀତଟି ରିଲିଜ୍ ହୋଇଥିବା ବେଳେ ୨୦୨୪ ମସିହାରେ ରିଲିଜ ହୋଇଥିବା ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଏହା ହେଉଛି ସିକ୍ୱେଲ୍ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ମୁକ୍ତିଲାଭ କରିଥିବା 'ଜଗା ତୁ ଯାଦୁଗର'କୁ ମିଳିଛି ଇଣ୍ଡିଆନ୍ ମ୍ୟୁଜିକ୍ ଆୱାର୍ଡ-୨୦୨୪ । ଜାତୀୟ ସମ୍ମାନ ମିଳିବା ପରେ ଏହି ଗୀତକୁ ଆପଣେଇ ନେଇଛନ୍ତି କୋଟି କୋଟି ଜଗନ୍ନାଥପ୍ରେମୀ । ଏବେ 'ଜଗା ତୁ ଥାଉ ଥାଉ' ଶ୍ରୋତାଙ୍କ ହୃଦୟ ଜିଣୁଛି । କଣ୍ଠଶିଳ୍ପୀ ଅଭିଜିତ ମିଶ୍ର ଏବଂ ଗୀତିକାର ରାମକୃଷ୍ଣ ବାରିକ 'ଜଗା ତୁ ଯାଦୁଗର' ପାଇଁ ବେଶ୍ ପ୍ରଶଂସା ଓ ପରିଚିତି ଲାଭ କରିଥିବା ବେଳେ ଉଭୟଙ୍କ ଯୋଡ଼ିକୁ ପସନ୍ଦ କରିଛନ୍ତି ଜଗନ୍ନାଥପ୍ରେମୀ । ■

# ପ୍ରେକ୍ଷାଳୟରେ 'ଲାଇନ୍ ବାଲା'

ଆମ ଦୈନନ୍ଦିନ ଜୀବନରେ ପ୍ରତି ମୁହୂର୍ତ୍ତରେ ଆବଶ୍ୟକ ପଡୁଥିବା ଜଣେ ଲାଇନ୍ ବାଲାର ଜୀବନକୁ ନେଇ ନିର୍ମିତ ହୋଇଛି 'ଲାଇନ୍ ବାଲା' ଚଳଚ୍ଚିତ୍ର । ଏହି ଚଳଚ୍ଚିତ୍ରଟି ରିଲିଜ୍ ହେବା ପରେ ବେଶ୍ ଲୋକାଦୃତ ହୋଇଛି । ସତ୍ୟ ତଥା ମୌଳିକ କାହାଣୀକୁ ଖୁବ ସୁନ୍ଦର ଭାବେ ଏହି ଚଳଚ୍ଚିତ୍ରରେ ଚିତ୍ରଣ କରାଯାଇଛି । 'ଶ୍ରୀହରି ମୋସନ ପିକ୍ଚର୍ସ' ବ୍ୟାନରରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର କାହାଣୀ ରଚନା ଏବଂ ପ୍ରଯୋଜନା କରିଛନ୍ତି ଇଂ ସୁଶାନ୍ତ କୁମାର ମହାନ୍ତି । ଚିତ୍ରନାଟ୍ୟ, ସଂଳାପ ରଚନା ଏବଂ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ପ୍ରଥମଥର ପାଇଁ ନାୟକ ସମ୍ବିତ ଆଚାର୍ଯ୍ୟ ଏବଂ ସ୍ୱପ୍ନା ପ୍ରିୟଦର୍ଶିନୀ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି । ସେହିପରି ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଦେବୁ ବ୍ରହ୍ମା, କୁନାଲ ପଟ୍ଟନାୟକ, ସୁମନ ମହାରଣାଙ୍କ ସମେତ ଅନେକ କଳାକାର ଅଭିନୟ କରିଛନ୍ତି । ପ୍ରଚାର ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ଅଛନ୍ତି । ବୈଦ୍ୟନାଥ ଦାଶ ଏବଂ ବିଭୂତି ଗଡ଼ନାୟକ ମିଳିତ ଭାବେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି । ଏହି ଚଳଚ୍ଚିତ୍ରକୁ ଦର୍ଶକଙ୍କ ଭଲ ପାଇବା ମିଳିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି । ■





# 'ଜୀ ସାର୍ଥକ ସଂସାର ଉତ୍ସବ' ଆରମ୍ଭ

ଜୀ ସାର୍ଥକରେ ସମ୍ପୂର୍ଣ୍ଣ ନୂଆ ତଥା ନିଆରା ରିଆଲିଟି ଶୋ' 'ଜୀ ସାର୍ଥକ ସଂସାର ଉତ୍ସବ' ଗତ ଶନିବାର (ଜୁଲାଇ ୧୧)ରୁ ଆରମ୍ଭ ହୋଇଯାଇଛି । ଏଥିରେ ଜୀ ସାର୍ଥକର ୪ଟି ଲୋକପ୍ରିୟ ମେଗା ଧାରାବାହିକର କଳାକାରମାନଙ୍କ ସଂସାରକୁ ନେଇ ବିଭିନ୍ନ ମଜାଦାର ଖେଳ ଓ ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କ ସଂସାର ମଧ୍ୟରୁ ବଛାଯିବ ୧ ନମ୍ବର ସଂସାର । ଯିଏ କି ଆସନ୍ତା ଜୀ ସାର୍ଥକ ସଂସାର ଆୱାର୍ଡର ମେଗା ବିଜେତା ହେବେ । ଏଥିରେ ଅଂଶଗ୍ରହଣ କରିଥିବା ୪ଟି ଲୋକପ୍ରିୟ ଧାରାବାହିକର ସଂସାର ହେଲା, 'ସାଥି ସାତ ଜନ୍ମର', 'ସୁନାଝିଅ', 'କିଛି ସତ କିଛି ମିଛ' ଓ 'ତୁ ଖରା ମୁଁ ଛାଇ' । ଏହି ନୂଆ ସ୍ୱାଦର ଶୋ'ରେ ବିଚାରକ ଅଛନ୍ତି ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ଶ୍ରୀତମ ଦାସ ଓ ଅଭିନେତ୍ରୀ ଅନିଷା ମହାକୁଡ଼ । ସେହିପରି ଉପସ୍ଥାପନା ଦାୟିତ୍ୱ ତୁଲାଇଛନ୍ତି ସୁଜିତ କୁମାର ଏବଂ ଜ୍ୟୋତି ରଞ୍ଜନ । କେବଳ ଏତିକି ନୁହେଁ, ଦର୍ଶକଙ୍କୁ ହସେଇ ହସେଇ ବେଦମ୍ କରିବା ପାଇଁ ପ୍ରତି ଏପିସୋଡ୍‌ରେ କମେଡିର ତଡ଼କା ଲଗାଇବେ ଓଡିଆ ଫିଲ୍ମର ଲୋକପ୍ରିୟ ହାସ୍ୟ ଅଭିନେତା ଭକ୍ତି ଓ ସୋସିଆଲ୍ ମିଡିଆ ଷ୍ଟାର୍ କ୍ରୀଷ୍ଟା । ତେବେ ନାଚ, ଗୀତ, କମେଡି ଏବଂ ସେଲିବ୍ରିଟିଙ୍କୁ ନେଇ ଏହା ଏକ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ୟାକେଜ୍ । ଏହା ପ୍ରତି ଶନିବାର ଓ ରବିବାର ରାତି ୯ଟା ୩୦ ମିନିଟ୍‌ରେ ଜୀ ସାର୍ଥକରେ ପ୍ରସାରିତ ହେବ । ■

ପରଦା ପଛର କାହାଣୀ



# ନିର୍ଦ୍ଦେଶକଙ୍କ ଲିଖିତ ଗୀତ ହିଟ୍

୧୯୭୪ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ହବସ' । ଏଥିରେ ଅଭିନେତ୍ରୀ ରେଖା ଏକ ସ୍ୱତନ୍ତ୍ର ଚରିତ୍ରରେ ଅଭିନୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନିଲ୍ ଧବନ, ନୀତୁ ସିଂ, ବିନ୍ଦୁ, ବିନୋଦ ମେହରା ପ୍ରମୁଖ କଳାକାର ଅଭିନୟ କରିଥିଲେ । ପ୍ରସିଦ୍ଧ ନିର୍ଦ୍ଦେଶକ ସାବନ କୁମାର ଟାକ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ । ତେବେ ଫିଲ୍ମ ଗୀତ ରଚନାକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଫିଲ୍ମରେ ଗୋଟିଏ ଗୀତକୁ ଲେଖିବା ପାଇଁ ନିର୍ଦ୍ଦେଶକଙ୍କୁ ବହୁତ ହଟହଟା ହେବାକୁ ପଡ଼ିଥିଲା । ଗୀତିକାର ଗୀତ ଲେଖିବା ପାଇଁ ଅଧିକ ଟଙ୍କା ଦାବି କରିଥିଲେ । ତେଣୁ ନିର୍ଦ୍ଦେଶକ ମୁହଁ ତଳକୁ କରି ଘରକୁ ଚାଲି ଆସିଥିଲେ । ଏହାପରେ ନିର୍ଦ୍ଦେଶକ ନିଜେ 'ତେରି ଗଲିୟୋଁ ମେଁ ନା ରଖେଙ୍ଗେ କଦମ୍' ଭଳି ହୃଦୟସ୍ପର୍ଶୀ ଗୀତ ରଚନା କରିଥିଲେ । କାରଣ 'ହବସ' ଫିଲ୍ମ ତିଆରି ସମୟରେ ସାବନ କୁମାର ହବସଙ୍କ ଆର୍ଥିକ ସ୍ଥିତି ଭଲ ନଥିଲା । ଏହା ପୂର୍ବରୁ ତାଙ୍କର 'ଗୌମତୀ କି ପ୍ୟାର୍' ଫିଲ୍ମ ଫ୍ଲପ୍ ହୋଇଥିଲା । ତେଣୁ 'ହବସ' ଫିଲ୍ମ ନିର୍ମାଣ ସମୟରେ, ଫିଲ୍ମର ଗୁଣବତ୍ତା ସହ କୌଣସି ସାଲିସ କରିବାକୁ ଚାହୁଁ ନ ଥିଲେ । ତେଣୁ କମ୍ ବଜେଟ୍‌ରେ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଥିଲେ । ସେ ଗୀତ ଲେଖିବା ପାଇଁ ପ୍ରସିଦ୍ଧ ଗୀତିକାର ମଜ୍‌ରୁହ ସୁଲତାନପୁରୀଙ୍କ ପାଖରେ ପହଞ୍ଚିଥିଲେ । ଦୁହିଁଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ଚାଲିଥିଲା । ଗୀତିକାର ଗୀତ ରଚନା ପାଇଁ ୨୫ ହଜାର ଟଙ୍କା ନେବେ ବୋଲି ସିଧାସଳଖ କହିଥିଲେ । ତେବେ ନିର୍ଦ୍ଦେଶକ ବଜେଟ୍ କମ୍ ଥିବାରୁ ତାଙ୍କୁ ମାତ୍ର ଗୋଟିଏ ଗୀତ ଲେଖିବାକୁ କହିଥିଲେ । ତେଣୁ ଟଙ୍କା ଟିକେ କମ୍ କରିବା ପାଇଁ ତାଙ୍କୁ ନିବେଦନ କରିଥିଲେ । ଗୋଟିଏ ହେଉ ବା ଚାରୋଟି ଗୀତ ହେଉ ଗୋଟିଏ ଟଙ୍କା ମଧ୍ୟ କମ୍ କରିବେନି ବୋଲି ସିଧାସଳଖ ମନା କରିଥିଲେ । ତେଣୁ ଗୀତିକାରଙ୍କ କଥାରେ ସାବନ କୁମାର ଭାଙ୍ଗି ପଡ଼ି ମନଦୁଃଖରେ ଘରକୁ ଫେରିଥିଲେ । ସେ ଘରୁ ଫେରିବାବେଳେ ତାଙ୍କ ମନକୁ ଏକ ଧାଡ଼ି ଆସିଥିଲା । 'ଅବ୍ ଇନ୍‌କି ଗଲିୟୋଁ ମେଁ କଦମ୍ ନେହିଁ ରଖୁଙ୍ଗା' -ଏହା ହିଁ ଏହି ଫିଲ୍ମର ମୁଖ୍ୟ ଲାଇନ୍ ଥିଲା । ସେ ମ୍ୟୁଜିକ୍ କମ୍ପୋଜର ଉଷା ଖାନଙ୍କ ସହ ଗୀତ ପ୍ରସ୍ତୁତ କରିଥିଲେ । ଏହି ଗୀତଟି ହିଟ୍ ମଧ୍ୟ ହୋଇଥିଲା । ■

ଆଖା ଓ ଝାଠ

# 'ସିନେମାରେ ଅଭିନୟ କରିବା ମୋର ଲକ୍ଷ୍ୟ'

**ଜୟଦେବ ରାଉଳ, ଅଭିନେତା**



ପିଲାଦିନୁ ସେ ସ୍ୱପ୍ନ ଦେଖିଥିଲେ ଜଣେ ଅଭିନେତା ହେବେ ବୋଲି । ସ୍ୱପ୍ନ ପୂରା କରିବାକୁ ସେ ଟିକ୍‌ଟକ୍‌ରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ପ୍ରୟାସ ହିଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ଦେଲା । ବର୍ତ୍ତମାନ ଆଲବମ୍ ଜଗତର ସେ ଜଣେ ଜଣାଶୁଣା ନାୟକ । ମୟୂରଭଞ୍ଜ ଜିଲ୍ଲା ବାରିପଦାର ଜୟଦେବ ରାଉଳ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି । ତାଙ୍କ ଅଭିନୀତ 'ପରଦେଶୀୟା ରାଜା', 'ଚାଙ୍ଗୁମାଡ଼' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା । ନିକଟରେ ତାଙ୍କ ଅଭିନୀତ 'କନ୍ଧମାଳ ହଳଦୀ' ମ୍ୟୁଜିକ୍ ଭିଡ଼ିଓ ରିଲିଜ୍ ହୋଇଛି । ଅଭିନୟ ଜଗତକୁ ଆସିବା ପାଇଁ ଜୟଦେବଙ୍କୁ ନାନା ସଂଘର୍ଷ କରିବାକୁ ପଡ଼ିଛି । ତାଙ୍କ ସଂଘର୍ଷ ଓ ସଫଳତାର କାହାଣୀ ଶୁଣିବା ତାଙ୍କରି ମୁହଁରୁ ।

### କଳା ଦୁନିଆକୁ କାହିଁକି ବାଛିଲେ ?

- ଅଭିନେତା ହେବାକୁ ଛୋଟ ବେଳୁ ଇଚ୍ଛା ଥିଲା । ସ୍କୁଲ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ଏହା ପରେ ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କରିଲି । ଟିକ୍‌ଟକ୍‌ରେ ମୋର ଅନେକ ପ୍ରଶଂସକ ଥିଲେ । ସୌଭାଗ୍ୟବଶତଃ ଟିକ୍‌ଟକ୍ ଜରିଆରୁ ହିଁ ମ୍ୟୁଜିକ୍ ଆଲବମ୍‌ରେ ଅଭିନୟ କରିବାକୁ ସୁଯୋଗ ମିଳିଲା । 'ଝରି ଯାଏ ଲୁହ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ । 'ପରଦେଶୀୟା ରାଜା','ଚାଙ୍ଗୁମାଡ଼', 'ଝିପି ଝିପି ମେଘ', 'ବାବୁ ସୁନା ଜାନ୍', 'ତାକୁ ଭୁଲିଯାରେ ହୃଦୟ' ଆଦି ମ୍ୟୁଜିକ୍ ଭିଡିଓ ସବୁଠୁ ଅଧିକ ଲୋକପ୍ରିୟତା ଦେଇଛି ।

### ପ୍ରଥମ ପାରିଶ୍ରମିକରେ କ'ଣ କରିଥିଲେ?

- ପ୍ରଥମେ ୪ ଟି ୫ଟି ମ୍ୟୁଜିକ୍ ଭିଡିଓ କରିବା ପରେ ମୋତେ ପାରିଶ୍ରମିକ ମିଳି ନ ଥିଲା । ଯେହେତୁ ଅଭିନୟ ଜଗତରେ କାମ କରିବା ମୋର ଇଚ୍ଛା ଥିଲା, ତେଣୁ ପାରିଶ୍ରମିକକୁ ନେଇ କେବେ ମନ ଊଣା କରି ନାହିଁ ।

### ମ୍ୟୁଜିକ୍ ଭିଡିଓ କରିବାକୁ କେମିତି ପ୍ରସ୍ତୁତ ହୁଅନ୍ତି?

- ନୂଆ ନୂଆ କାମ ଆରମ୍ଭ କରିଥିଲି ଟିକେ ନର୍ଭସ୍ ଲାଗୁଥିଲା । ହେଲେ ଏବେ କାମ କରିବାକୁ ମଜା ଲାଗୁଛି । ପ୍ରଥମେ ଗୀତ ଶୁଣେ । ଏହା ମୋର ହୃଦୟକୁ ଛୁଇଁଲା ପରେ ଅଭିନୟ କରିବାକୁ ସହଜ ହୁଏ । ସେହିପରି ଯେଉଁ ଗୀତ ବୁଝିବାକୁ ମୋତେ କଷ୍ଟ ଲାଗେ ତାହାକୁ ବାରମ୍ବାର ଅଭ୍ୟାସ କରିବାକୁ ପଡ଼ିଥାଏ ।

### କାମ କରିବାକୁ କେତେ ସଂଘର୍ଷ କରିବାକୁ ପଡ଼ିଥିଲା?

- ପ୍ରଥମେ କିଛିଟା ମ୍ୟୁଜିକ୍ ଭିଡିଓ କରିବା ପରେ ମୁଁ ଭୁବନେଶ୍ୱରକୁ ଚାଲିଆସିଲି । ଭାବିଥିଲି ମ୍ୟୁଜିକ୍ ଡିରେକ୍ଟରଙ୍କ ଦ୍ୱାରା ଅନେକ ଗୁଡ଼ିଏ ପ୍ରୋଜେକ୍ଟରେ କାମ କରିପାରିବି । ଭୁବନେଶ୍ୱର ଆସିବା ପରେ ବର୍ଷରେ ମୋତେ ମାତ୍ର ଗୋଟିଏ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ମିଳିଥିଲା । ଏଥିରୁ ୨୦୦୦ ଟଙ୍କା ପାରିଶ୍ରମିକ ମିଳିଥିଲା । ମୋ ମା' ଜଣେ ସରକାରୀ କର୍ମଚାରୀ । ବାପା ବି ଚାକିରିଆ । କେହି ବି ଚାହୁଁନଥିଲେ ମୁଁ ଏ ଲାଇନ୍‌କୁ ଆସେ । ସେଥିପାଇଁ ମୁଁ ସେମାନଙ୍କ ସହ କିଛି ସେୟାର୍ କରିପାରିନଥିଲି । ବହୁତ କଷ୍ଟ କରିବାକୁ ପଡ଼ିଥିଲା । ସେହି ସମୟ ମୋ' ଜୀବନର ସବୁଠୁ ଦୁଃଖଦ ମୁହୂର୍ତ୍ତ ।

### ସୁଟିଂ ସେଟ୍‌ରୁ ଆପଣଙ୍କୁ ଜୀବନ ସାଥି ମିଳିଥିଲା?

- ଅଭିନୟ ଜଗତରେ କାମ କରିବାର ୩ରୁ ୪ବର୍ଷ ପରେ ବରଗଡ଼ରେ କୁକିଜଙ୍କ ସହିତ 'କୁଞ୍ଚ ମରା ଶାଢ଼ି' ମ୍ୟୁଜିକ୍ ଭିଡିଓ ସୁଟ୍ ଚାଲିଥିଲା । ସେହି ସୁଟିଂସେଟ୍‌ରୁ ଆମ ଭିତରେ ବନ୍ଧୁତ୍ୱ, ପ୍ରେମ ଆଉ ତା'ପରେ ଆମେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲୁ ।

### ଫିଟ୍ ରହିବାକୁ କ'ଣ କରନ୍ତି?

- ପ୍ରତିଦିନ ବ୍ୟାୟାମ କରିବା ସହିତ ଘରୋଇ ସନ୍ତୁଳିତ ଖାଦ୍ୟ ଖାଏ ।

### ୟୁଟ୍ୟୁବ୍‌ରେ ମଧ୍ୟ ଆପଣଙ୍କ ଭିଡିଓ ଆସୁଛି, ଏହାର ଉଦ୍ଦେଶ୍ୟ କ'ଣ?

- ଆମେ ଦୁଇଜଣ କଳା ଲାଇନ୍‌ରେ ଅଛୁ । ପ୍ରତ୍ୟେକଙ୍କ ପାଇଁ କାମ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଭଲ ଭାବେ ଜାଣିଛୁ । ପରସ୍ପରକୁ ଆମେ ସହଯୋଗ କରୁ । ସେହିପରି ଆମ ବିବାହର କିଛି ଦିନ ପରେ ଆମେ ବିନା ଯୋଜନାରେ ଗୋଟିଏ ଛୋଟ ବ୍ଲଗ୍ ଅପଲୋଡ୍ କରିଥିଲୁ । ସେତେବେଳେ ବ୍ଲଗ୍‌ଟିକୁ ମିଲିୟନ୍ ଲୋକ ଦେଖିଲେ । ତେଣୁ ଦର୍ଶକଙ୍କ ସହିତ ଯୋଡ଼ି ରହିବାକୁ ଆମେ ବିଭିନ୍ନ ପ୍ରକାର ଭିଡିଓ ବନାଇ ଚାଲିଲୁ । ତେବେ ସାମାଜିକ ଗଣମାଧ୍ୟମର ସଦୁପଯୋଗ କରି ଦର୍ଶକଙ୍କ ସହ ଯୋଡ଼ି ରହିବା ଆମର ମୂଳ ଉଦ୍ଦେଶ୍ୟ ।

### ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?

- ପିଲାଦିନରୁ ସିନେମାରେ ଅଭିନୟ କରିବାର ସ୍ୱପ୍ନ ଓ ଲକ୍ଷ୍ୟ ରହିଛି । ସେଥିପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରୁଛି । ■







# ଫାଇନାଲ ଲାଗି ଫ୍ରାନ୍ସ-ସ୍ପେନ୍ ଲଢ଼େଇ

**ଲସ୍ ଏଞ୍ଜେଲସ,୧୧।୭ (ଏଜେନ୍ସି):**

ବେଲ୍‌ଜିୟମକୁ ୨-୧ ଗୋଲରେ ପରାସ୍ତ କରି ସ୍ପେନ୍ ଏଠାରେ ଚାଲିଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରେ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଆନ୍ ରୁଇଜ୍ ଓ ମିକେଲ ମେରିନୋ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। କ୍ୱାର୍ଟରଫାଇନାଲରେ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିବା ବେଲଜିୟମ୍ ପକ୍ଷରୁ ଫରୱାର୍ଡ ଖେଳାଳି ଚାର୍ଲସ ଡି କାଟଲେୟାର ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଆର୍ଲିଂଟନରେ ଜୁଲାଇ ୧୪ ତାରିଖ ରାତି ୧୨ଟା ୩୦ ମିନିଟ୍‌ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସ୍ପେନ୍ ସହ ଗତଥରର ରନର୍ସ ଅପ୍ ଫ୍ରାନ୍ସର ମୁକାବିଲା ହେବ। ପୂର୍ବରୁ ଖେଳାଯାଇଥିବା ପ୍ରଥମ କ୍ୱାର୍ଟରରେ ଫ୍ରାନ୍ସ ୨-୦ ଗୋଲରେ ମରୋକ୍କୋକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଟିକଟ ହାସଲ ଲାଗି ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ୨୦୧୦ ବିଜେତା ସ୍ପେନ୍ ମଧ୍ୟରେ ଜୋରଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି।

ସୋଫି ଷ୍ଟାଡିୟମ୍‌ରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ଉଭୟ ଦଳ ଅତ୍ୟଧିକ ସତର୍କ ହୋଇ ଖେଳିଥିଲେ। ଖେଳର ୨୯ତମ ମିନିଟ୍‌ରେ ଡେଭିଡ୍ ଓଲମୋଙ୍କ ସଟ୍‌କୁ ବେଲଜିୟମ ଗୋଲରକ୍ଷକ ଥିବାଉଟ୍ କୋର୍ଟୋଇସ୍ ଅଟକାଇ ଦେଇଥିଲେ। କିନ୍ତୁ ବଲ୍ ତାଙ୍କ ହାତରେ ବାଜି ରିବାଉଣ୍ଡ ହେଉଥିଲାବେଳେ ସେଠାରେ ଥିବା ସ୍ପେନ୍ ମିଡ୍‌ଫିଲ୍ଡର ଫାବିଆନ୍ ରୁଇଜ୍ ପୋଷ୍ଟକୁ ବଲ ପଠାଇ ପ୍ରଥମ ଗୋଲ ଦେଇଥିଲେ। ଖେଳର ୪୦ତମ ମିନିଟ୍‌ରେ ତିମୋଥି କାଷ୍ଟାଗେନ୍‌ଙ୍କଠାରୁ କ୍ରସ୍ ପାସ୍ ପାଇ ଚାର୍ଲସ ଡି କାଟେଲେୟାର ହେଡର ଜରିଆରେ ଗୋଲ୍‌ଟି ଶୁଝାଇଦେଇଥିଲେ। ପ୍ରଥମାର୍ଦ୍ଧ ଏବଂ ଖେଳର ୮୬ତମ ମିନିଟ୍‌ରେ ଉଭୟ ଦଳ ଖେଳାଳି ବଦଳ କରି ମଧ୍ୟ ଗୋଲ ସ୍କୋର କରିପାରି ନ ଥିଲେ। କିନ୍ତୁ ୮୫ତମ ମିନିଟ୍‌ରେ ଡାନି ଓଲମୋଙ୍କ ସ୍ଥାନରେ ବଦଳ ଖେଳାଳିଭାବେ ଆସିଥିବା ମିକେଲ ମେରିନୋ ୮୭ତମ ମିନିଟ୍‌ରେ ଗୋଲ ସ୍କୋର କରି ଖେଳର ମୋଡ଼ ବଦଳାଇ ଦେଇଥିଲେ। ପର୍ତ୍ତୁଗାଲ ବିପକ୍ଷ ପ୍ରି-କ୍ୱାର୍ଟର ଫାଇନାଲରେ ମଧ୍ୟ ମେରିନୋ ବିଜୟସୂଚକ ଗୋଲ ବଦଳ ଖେଳାଳିଭାବେ ଆସି ସ୍କୋର କରିଥିଲେ। ଖେଳର ଶେଷ ହ୍ୱିସିଲ ବାଜିବା ପର୍ଯ୍ୟନ୍ତ ସ୍ପେନ୍ ୨-୧ରେ ଅଗ୍ରଣୀ ବଜାୟ ରଖିବା ସହ ମୁକାବିଲାକୁ ଜିତି ତୃତୀୟଥର ଲାଗି ସେମିଫାଇନାଲରେ ପ୍ରବେଶ କରିଥିଲା।



## ସୁପର ସବ୍ ମେରିନୋ

**ଲସ୍ ଏଞ୍ଜେଲସ, ୧୧।୭ (ଏଜେନ୍ସି):** ବେଲଜିୟମ୍ ବିପକ୍ଷ କ୍ୱାର୍ଟର ମୁକାବିଲାରେ ମିଇେଲ ମେରିନୋ ୮୭ମିନିଟ୍‌ରେ ଗୋଲ ସ୍କୋର କରି ସ୍ପେନ୍‌କୁ ବିଜୟୀ କରାଇଥିଲେ। ସେ ୮୫ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିଲେ। ଏହି ମୁକାବିଲାରେ ସେ ମାତ୍ର ୫ ମିନିଟ୍ ଖେଳି ଏହି ସଫଳତା ପାଇଥିଲେ। ସେହିପରି ପର୍ତ୍ତୁଗାଲ ବିପକ୍ଷ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଖେଳ ଯେତେବେଳେ ଅତିରିକ୍ତ ସମୟକୁ ଯିବ ବୋଲି ଜଣାପଡୁଥିଲା ଠିକ୍ ସେତିକିବେଳେ ବଦଳ ଖେଳାଳିଭାବେ ଆସିଥିବା ମେରିନୋ ଷ୍ଟପେଜ୍ ଟାଇମ୍ ବା ୯୧ ତମ ମିନିଟ୍‌ରେ ଗୋଲ ଦେଇ ସ୍ପେନ୍‌କୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ଏହି ୩୦ ବର୍ଷୀୟ ମିଡ୍‌ଫିଲ୍ଡର ବାର୍ସିଲୋନା ଲାଗି କ୍ଲବ୍ ଫୁଟବଲ ଖେଳୁଛନ୍ତି।

## ସୁପରଷ୍ଟାର ମାନେଙ୍କ ଅବସର

**ଡାକାର,୧୧।୭ (ଏଜେନ୍ସି):** ପ୍ରି-କ୍ୱାର୍ଟରରେ ବେଲଜିୟମ ନିକଟରୁ ୩-୨ ଗୋଲରେ ହାରିଯିବା ପରେ ସେନେଗାଲ ଦଳର ସୁପରଷ୍ଟାର



ସାଦିଓ ମାନେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେଇଛନ୍ତି। ଦୀର୍ଘ ୧୪ ବର୍ଷ ଧରି ସେନେଗାଲ ପକ୍ଷରୁ ସେ ୧୩୨ଟି ମ୍ୟାଚ୍ ଖେଳି ରେକର୍ଡ ୩୪ଟି ଗୋଲ ସ୍କୋର କରିଛନ୍ତି। ସେ ଏବେ ଦେଶର ଟପ୍ ଗୋଲ ସ୍କୋରର ରହିଛନ୍ତି। ମାନେଙ୍କ ନେତୃତ୍ୱରେ ସେନେଗାଲ ୨୦୨୧ରେ ପ୍ରଥମଥର ଆଫ୍ରିକୀୟ ନେସନ୍ସ କପ୍‌ରେ ଚାମ୍ପିଅନ ହୋଇଥିଲା। ଅନ୍ତର୍ଜାତୀୟ ଫୁଟବଲ ଖେଳରୁ ଅବସର ନେଇଥିଲେ ମଧ୍ୟ ସେ କ୍ଲବ୍ ଫୁଟବଲ ଖେଳିବା ଜାରି ରଖିବେ ବୋଲି କହିଛନ୍ତି। ଏବେ ସେ ସାଉଦି ଆରବର ପ୍ରୋ-ଲିଗ୍‌ରେ ଅଲ-ନାସର ପକ୍ଷରୁ ଖେଳୁଛନ୍ତି।

## ହଲାଣ୍ଡଙ୍କ ଜର୍ସିରେ ବ୍ରାଉଟ୍ କାହିଁକି ଲେଖାଯାଇଛି


**ନ୍ୟୁୟର୍କ,୧୧।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍‌ରେ ନରୱେର ଫରୱାର୍ଡ ଖେଳାଳି ଏର୍ଲିଙ୍ଗ୍ ବ୍ରାଉଟ ହଲାଣ୍ଡଙ୍କର ଲୋକପ୍ରିୟତା ଢ଼େର ବୃଦ୍ଧି ପାଇଛି। ସେ ପାଞ୍ଚଟି ମ୍ୟାଚ୍‌ରୁ ୭ଟି ଗୋଲ ଦେଇସାରିଛନ୍ତି।




ହଲାଣ୍ଡଙ୍କ ଲୋକପ୍ରିୟତା ଇନ୍‌ଷ୍ଟାଗ୍ରାମ୍‌ରେ ୪୦ ମିଲିଅନରୁ ବୃଦ୍ଧି ପାଇ ୬୦ ମିଲିଅନ୍‌ରେ ପହଞ୍ଚିଛି। ସେ ମାଞ୍ଚେଷ୍ଟର ସିଟି ପକ୍ଷରୁ କ୍ଲବ୍ ଫୁଟବଲ ଖେଳୁଛନ୍ତି। ସେଠାରେ ତାଙ୍କ ଜର୍ସିରେ କେବଳ ହଲାଣ୍ଡ ଲେଖାଯାଇଛି। କିନ୍ତୁ ସେ ଦେଶ ପକ୍ଷରୁ ଖେଳୁଥିଲାବେଳେ ଜର୍ସିରେ ବ୍ରାଉଟ ହଲାଣ୍ଡ (braut haaland) ଲେଖିଥାନ୍ତି। ଏହାର କାରଣ ହେଲା ମା'ଙ୍କୁ ସମ୍ମାନ ଦେବା। ତାଙ୍କ ମା'ଙ୍କ ନାମ ହେଉଛି ଗ୍ରାଇ ମାରିଟା ବ୍ରାଉଟ। ମା'ଙ୍କ ଶେଷ ନାମକୁ ନରୱେରେ ଅନେକ ଖେଳାଳି ସମ୍ମାନ ଦେବା ସକାଶେ ଜର୍ସିରେ ଲେଖିଥାନ୍ତି। ଏଣୁ ହଲାଣ୍ଡଙ୍କ ନା ପୂର୍ବରୁ ମା'ଙ୍କ ଶେଷନାମ ବ୍ରାଉଟ ରହିଛି। ହଲାଣ୍ଡଙ୍କ ପିତା ଆଲଫ୍-ଆଙ୍ଗ୍ ମଧ୍ୟ ନରୱେ ପକ୍ଷରୁ ଫୁଟବଲ ଖେଳୁଥିଲେ। ସେ ୧୯୯୪ ବିଶ୍ୱକପ୍‌ରେ ନରୱେର ପ୍ରତିନିଧିତ୍ୱ କରିଥିଲେ।

## ଫୁଟବଲର୍ ଆଦାମ୍ସଙ୍କ ଅକାଳ ବିୟୋଗ

**କେପଟାଉନ, ୧୧।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ ମଧ୍ୟରେ ଏକ ବଡ଼ ଦୁଃଖଦ ଖବର ଆସିଛି। ଦକ୍ଷିଣ ଆଫ୍ରିକା ଫୁଟବଲ୍ ଦଳର ମିଡଫିଲ୍ଡର ଜାଏଡେନ୍ ଆଦାମ୍ସଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୨୫ ବର୍ଷ ବୟସ ହୋଇଥିଲା। ଚଳିତ ବିଶ୍ୱକପରେ



ଅଂଶଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ ସେ ସଦସ୍ୟ ରହିଥିଲେ। ଦକ୍ଷିଣ ଆଫ୍ରିକୀୟ ଫୁଟବଲ୍ ତା'ର ଜଣେ ଉଜ୍ଜ୍ୱଳ ଯୁବ ପ୍ରତିଭାଙ୍କୁ ହରାଇଛି ବୋଲି ଦେଶର କ୍ରୀଡା ମନ୍ତ୍ରୀ ଗେଟନ୍ ମ୍ୟାକେଞ୍ଜି କହିଛନ୍ତି। ତେବେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନି। ପୋଲିସ କହିଛି ଯେ ଶନିବାର ସକାଳେ କେନ୍ଦ୍ରୀୟ କେପ୍ ଟାଉନର ଏକ ଘରେ ଆଦାମ୍ସଙ୍କ ମୃତଦେହ ମିଳିଥିଲା। ଆଟଲାଣ୍ଟା ଷ୍ଟାଡିୟମ୍‌ରେ ଚେକିଆ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ରୁପ୍-ଏ ମ୍ୟାଚ୍ ପୂର୍ବରୁ ଆଦାମ୍ସଙ୍କ ଜେଜେମା'ଙ୍କ ମଧ୍ୟ ମୃତ୍ୟୁ ହୋଇଥିଲା।

## ବିକ୍ରି ହେବ ଫାଇନାଲ୍ ପଡ଼ିଆର ଘାସ

### ପ୍ରତି ଖଣ୍ଡର ମୂଲ୍ୟ ପ୍ରାୟ ୪୩ ହଜାର ଟଙ୍କା

**ନିଉ ଜର୍ସି,୧୧।୭ (ଏଜେନ୍ସି):** ଚଳିତ ଫିଫା ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍‌ର ସ୍ମୃତିକୁ ସାଉଁଟି ରଖିବା ପାଇଁ ଫୁଟବଲ୍‌ପ୍ରେମୀଙ୍କୁ ଏକ ଅଭିନବ ସୁଯୋଗ ମିଳିବାକୁ ଯାଉଛି। ବିଶ୍ୱ ଫୁଟବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଏଥିପାଇଁ ଏକ ଉପାୟ ଅବଲମ୍ବନ କରିବାକୁ ଯାଉଛି। ନ୍ୟୁ ଜର୍ସି ଷ୍ଟାଡିୟମରେ ହେବାକୁ ଥିବା ଫାଇନାଲ୍ ମ୍ୟାଚ୍‌ର ପଡ଼ିଆରୁ ଘାସର ଏକ ଛୋଟ ଛୋଟ ଖଣ୍ଡକୁ ସ୍ମାରକୀ ଭାବେ ବିକ୍ରି କରିବାକୁ ଫିଫା ଘୋଷଣା କରିଛି। ଏହି ପ୍ରକୃତ ଘାସ ଖଣ୍ଡର ସାଇଜ ୧୭.୫ ଗୁଣା ୧୭.୫ ରହିଛି। ତେବେ ଏହି ସଂଖ୍ୟା ଇଞ୍ଚ, ସେଣ୍ଟିମିଟର କିମ୍ବା ମିଲିମିଟର ତାହା ସ୍ପଷ୍ଟ କରାଯାଇନାହିଁ। ଫିଫାର ଅନଲାଇନ୍ ଷ୍ଟୋର୍‌ରେ ଏହି ଘାସ ଖଣ୍ଡ ଉପଲବ୍ଧ ହେବ। ଯାହାର ପ୍ରତି ଖଣ୍ଡର ମୂଲ୍ୟ ୪୫୦ ଡଲାର (ପ୍ରାୟ ୪୩ ହଜାର ଟଙ୍କା) ରଖାଯାଇଛି। ଆସନ୍ତା ଜୁଲାଇ ୧୯ରେ ହେବାକୁ ଥିବା ଫାଇନାଲ୍ ପରେ ଏହି ସ୍ମାରକୀଗୁଡ଼ିକୁ ଗ୍ରାହକମାନଙ୍କ ପାଖକୁ ପଠାଯିବ। ପ୍ରତି ଖଣ୍ଡ ଘାସକୁ ଏକ ପ୍ରିମିୟମ୍ କାଚ ବାକ୍ସ ଭିତରେ ସୁରକ୍ଷିତ ଭାବେ ରଖାଯିବ। ଏଥିସହିତ ଏକ ସ୍ମାରକୀ ଡିଭାଇସ୍ ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ପାଇଁ ଏହି ସ୍ମାରକୀର ବିତରଣ କେବଳ ଆମେରିକା ଏବଂ ୟୁରୋପର ଠିକଣା ମଧ୍ୟରେ ସୀମିତ ରହିବ।

## ୬୪୯ ମିନିଟ୍ ପରେ ଗୋଲ୍ ବରଣକଲେ ସାଇମନ୍

**ଲସ୍‌ଏଞ୍ଜେଲ୍‌ସ,୧୧।୭ (ଏଜେନ୍ସି):** ସ୍ପେନ୍‌ର ଗୋଲରକ୍ଷକ ଉନାଇ ସାଇମନ୍ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସମୟ ଗୋଲ ବରଣ ନ କରିବାର ରେକର୍ଡ କରିଛନ୍ତି। ୨୦୨୨ରୁ ୨୦୨୬ ବିଶ୍ୱକପ୍ ଯାଏ ୬୪୯ ମିନିଟ୍‌କାଳ ଖେଳରେ ସାଇମନ୍ ଗୋଟିଏ ହେଲେ ଗୋଲ ବରଣ କରିନାହାନ୍ତି। ଏଠାରେ ଗତକାଲି ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌ର ୫୪ତମ ମିନିଟରେ ବେଲଜିୟମର ଚାର୍ଲସ ଡି କେଟଲାୟର ହେଡର ଜରିଆରେ ଗୋଲ ଦେବା ପରେ ସାଇମନ୍ ପ୍ରଥମ ଗୋଲବରଣ କରିଥିଲେ। ଏହି କ୍ରମରେ ସେ ଇଟାଲୀର ଗୋଲରକ୍ଷକ



ୱାଲଟର ଜେଙ୍ଗାଙ୍କ ବିଶ୍ୱକପ୍ ରେକର୍ଡକୁ ଭାଙ୍ଗିଦେଇଥିଲେ। ୧୯୯୦ ବିଶ୍ୱକପ୍‌ରେ ଜେଙ୍ଗା ୫୧୭ ମିନିଟ୍ ଖେଳ ପର୍ଯ୍ୟନ୍ତ ଗୋଲ ବରଣ କରି ନ ଥିଲେ। ୨୦୨୨ ବିଶ୍ୱକପ୍‌ରେ ଜାପାନଠାରୁ ୨-୧ ଗୋଲରେ ହାରିବାରେ ସାଇମନ୍ ଶେଷଥର ଗୋଲ ବରଣ କରିଥିଲେ। ତାଙ୍କ ଚମତ୍କାର ଗୋଲରକ୍ଷଣ ବଳରେ ସ୍ପେନ୍ ଏବେ ସେମିଫାଇନାଲରେ ଫ୍ରାନ୍ସ ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ମୁକାବିଲାଟି ମଙ୍ଗଳବାର ରାତିରେ ଖେଳାଯିବ।

## ଜାତୀୟ ଜୁନିଅର ରଗ୍‌ବୀ: ଓଡ଼ିଶାକୁ କାଂସ୍ୟ

**ଭୁବନେଶ୍ୱର, ୧୧।୭ (ସମିସ):** ହାଇଦରାବାଦ୍‌ରେ ଶେଷ ହୋଇଥିବା ଜାତୀୟ ଜୁନିଅର ରଗ୍‌ବୀରେ ଓଡ଼ିଶା କାଂସ୍ୟ ପଦକ ହାସଲ କରିଛି। ତୃତୀୟ ସ୍ଥାନ ଲାଗି ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୩୩-୦ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଥିଲା। ସେମିଫାଇନାଲରେ ଓଡ଼ିଶାକୁ ୧୨-୭ରେ ହରାଇଥିବା ବିହାର ଫାଇନାଲରେ ମହାରାଷ୍ଟ୍ରକୁ ୩୬-୫ରେ ପରାସ୍ତ କରି ଚାମ୍ପିଅନ ହୋଇଛି। ଓଡ଼ିଶାର ଖେଳାଳିମାନଙ୍କୁ ରାଜ୍ୟ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବିଦେଶ ମାଟିରେ ଅନିମେଶ ଦ୍ରୁତତମ ଭାରତୀୟ

**ଭୁବନେଶ୍ୱର, ୧୧।୭ (ସମିସ):** ଅନିମେଶ କୁଜୁର ବିଦେଶ ମାଟିରେ ଦ୍ରୁତତମ ଭାରତୀୟ ଧାବକ ହୋଇଛନ୍ତି। ଜର୍ମାନୀରେ ଅନୁଷ୍ଠିତ ଫାଷ୍ଟ ଆର୍ମ ଫାଷ୍ଟ ଲେଗ୍ ମିଟ୍‌'ରେ ଅନିମେଶ ପୁରୁଷ ୧୦୦ ମିଟର ରେସକୁ ୧୦.୧୪ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନ ଲାଭ କରିଛନ୍ତି। ଫଳରେ ବିଦେଶ ମାଟିରେ ସେ ଦ୍ରୁତତମ ଭାରତୀୟ ଧାବକ ହୋଇଛନ୍ତି। ସେହିଭଳି ଏହା ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ମଧ୍ୟ ହୋଇଛି। ପୂର୍ବରୁ



୧୦୦ ମିଟରରେ ଅନିମେଶଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ୧୦.୧୫ ସେକେଣ୍ଡ ରହିଥିଲା। ଅନିମେଶ ଏବେ ଓଭରଅଲ୍ ଦେଶର ଦ୍ୱିତୀୟ ଦ୍ରୁତତମ ଧାବକ। ଗତ ମାସରେ ରାଞ୍ଚିରେ ଅନୁଷ୍ଠିତ ଫେଡରେସନ କପ୍‌ରେ ୧୦.୦୯ ସେକେଣ୍ଡରେ ରେସ ଫିନିଶ କରି ଗୁରିନ୍ଦରବୀର ସିଂହ ଭାରତର ଦ୍ରୁତତମ ଧାବକ ରହିଛନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଶ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ାକୁ ୨୦୦ ମିଟରରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।

**ପୁରୁଷ ୧୦୦ ମିଟରରେ ଭାରତର ଶ୍ରେଷ୍ଠ-୫ ଟାଇମିଂ**

| ଧାବକ | ଟାଇମିଂ (ସେକେଣ୍ଡ) |
|---|---|
| ଗୁରିନ୍ଦରବୀର ସିଂହ | ୧୦.୦୯ |
| ଅନିମେଶ କୁଜୁର | ୧୦.୧୪ |
| ଅନିମେଶ କୁଜୁର | ୧୦.୧୫ |
| ଗୁରିନ୍ଦରବୀର ସିଂହ | ୧୦.୧୭ |
| ଅନିମେଶ କୁଜୁର | ୧୦.୧୮ |

## ୱିମ୍ବଲଡନ: ନୋସ୍କୋଭାଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ୍

**ଲଣ୍ଡନ, ୧୧।୭ (ଏଜେନ୍ସି):** ଚେକ୍ ରିପବ୍ଲିକର ଲିଣ୍ଡା ନୋସ୍କୋଭା ଏଠାରେ ଚାଲିଥିବା ୱିମ୍ବଲଡନର ୧୩୯ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ୯ମ ସିଡ୍ ନୋସ୍କୋଭା ୬-୨, ୭-୫, ୬-୩ ସେଟ୍‌ରେ ନିଜ ଦେଶର କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଥିଲେ। ୨୧ ବର୍ଷୀୟା ନୋସ୍କୋଭାଙ୍କ କ୍ୟାରିୟରର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟ୍ରଫି ହୋଇଛି। ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ଦେଢ଼ ଘଣ୍ଟାରୁ କମ୍ ସମୟ ଲାଗିଥିଲା। ଚାମ୍ପିଅନ ନୋସ୍କୋଭାଙ୍କୁ ୪.୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୪୫.୮



କୋଟି) ପୁରସ୍କାର ଜିତିଛନ୍ତି। ଓପନ୍ ଏରା ଇତିହାସରେ ୨୭ତମ ଖେଳାଳି ଭାବେ ନୋସ୍କୋଭା ୱିମ୍ବଲଡନ ଟାଇଟଲ୍ ହାସଲ କରିଛନ୍ତି। ସେଥିମଧ୍ୟରୁ ମାର୍ଟିନା ନାଭ୍ରାତିଲୋଭା ସର୍ବାଧିକ ୯ଥର ଚାମ୍ପିଅନ ହୋଇଛନ୍ତି। ସେହିଭଳି ପୁରୁଷ ବିଭାଗ ଏକକ ଫାଇନାଲରେ ପ୍ରଥମ ଦୁଇ ସିଡ୍ ନଂ-୧ ଇଟାଲୀର ଜାନିକ୍ ସିନ୍ନର ଓ ନଂ-୨ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭଙ୍କ ମଧ୍ୟରେ ରବିବାର ଫାଇନାଲ ଖେଳାଯିବ। ଅପରପକ୍ଷରେ ଫିନ୍‌ଲ୍ୟାଣ୍ଡର ହ୍ୟାରୀ ହେଲିଓଭାରା ଓ ବ୍ରିଟେନ୍‌ର ହେନରୀ ପାଟେନ ପୁରୁଷ ଯୁଗଳରେ ଚାମ୍ପିଅନ ହୋଇଛନ୍ତି।

## ଭାରତକୁ ଅଗ୍ରଣୀ ଦେଲେ କ୍ରାନ୍ତି

**ଲଣ୍ଡନ,୧୧।୭ (ଏଜେନ୍ସି):** ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡଙ୍କ ଘାତକ ବୋଲିଂ ବଳରେ ଐତିହାସିକ ଲର୍ଡ୍ସ ଷ୍ଟାଡିୟମ୍‌ରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ୧୧୫ ରନ୍‌ର ବୃହତ୍ ଅଗ୍ରଣୀ ନେଇଛି। ଏହି ମ୍ୟାଚ୍‌ର ପ୍ରଥମ

**ଲର୍ଡ୍ସ ଟେଷ୍ଟ**

ଇନିଂସରେ ଭାରତର ୨୮୫ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳରେ ଇଂଲଣ୍ଡ ୧୭୦ ରନ୍ କରିଥିଲା। କ୍ରାନ୍ତି ଗୌଡ଼ ୩୭ ରନ୍ ଦେଇ ସର୍ବାଧିକ ୫ ୱିକେଟ ନେଇଥିଲା। ଇଂଲଣ୍ଡ ପକ୍ଷରୁ ଆମି ଜୋନ୍ସ ସର୍ବାଧିକ ୫୨ ଓ



ଅଧିନାୟିକା ନାତାଲି ସିଭର-ବ୍ରଂଟ୍ ୪୪ ରନ୍‌ର ଯୋଗଦାନ ଦେଇଥିଲେ। ଶନିବାର ଷ୍ଟମ୍ପ ସୁଦ୍ଧା ଭାରତ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ ହରାଇ ୧୫୪ ରନ୍ ସଂଗ୍ରହ କରିନେଇଛି। ସ୍ମୃତି ମନ୍ଧାନା ୬୯ ଓ ୟସ୍ତିକା ଭାଟିଆ ୩୯ ରନ୍ କରି ଖେଳୁଛନ୍ତି। ଭାରତ ମୋଟ ଉପରେ ୨୬୯ ରନ୍‌ରେ ଅଗ୍ରଣୀ ରହିଛି।

ନନ୍ଦିଘୋଷ TV
ନନ୍ଦିଘୋଷ
ନିଯୁକ୍ତି ସୁଯୋଗ
ଓଡ଼ିଶାର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନନ୍ଦିଘୋଷ ଟିଭି ଏହାର ସମ୍ପାଦକୀୟ ବିଭାଗ (Editorial Team) ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ଗଣମାଧ୍ୟମ ପ୍ରଫେସନାଲ୍‌ଙ୍କଠାରୁ ଆବେଦନ ଆହ୍ୱାନ କରୁଅଛି।
ଖାଲି ପଦବୀ
1 କରେସ୍‌ପଣ୍ଡେଣ୍ଟ (Correspondent)
ଶିକ୍ଷାଗତ ଯୋଗ୍ୟତା :
• ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ
ଅଭିଜ୍ଞତା :
• ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ସର୍ବନିମ୍ନ ୭ ବର୍ଷର କାର୍ଯ୍ୟ ଅଭିଜ୍ଞତା।
ଆବଶ୍ୟକ ଦକ୍ଷତା :
• ରାଜନୀତି ଓ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ଖବର ପରିବେଷଣରେ ଉତ୍କୃଷ୍ଟ ଜ୍ଞାନ।
• ଖବର ସଂଗ୍ରହ, ଯାଞ୍ଚ ଏବଂ ବିଶ୍ଳେଷଣ କରିବାର ଦକ୍ଷତା।
• ଦୃଢ଼ ସୂତ୍ର ନେଟୱର୍କ ଏବଂ ଉତ୍କୃଷ୍ଟ ସମ୍ପାଦକୀୟ ବିଚାରଶକ୍ତି।
• ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
• ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥାନକୁ ଯାତ୍ରା କରି କାର୍ଯ୍ୟ କରିବାର ଦକ୍ଷତା।
2 ରିପୋର୍ଟର (Reporter)
ଶିକ୍ଷାଗତ ଯୋଗ୍ୟତା :
• ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ
ଅଭିଜ୍ଞତା :
• ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ୩-୫ ବର୍ଷର କାର୍ଯ୍ୟ ଅଭିଜ୍ଞତା।
ଆବଶ୍ୟକ ଦକ୍ଷତା :
• ସ୍ପଟ୍ ରିପୋର୍ଟିଂ, ଅପରାଧ (Crime) ରିପୋର୍ଟିଂ ଏବଂ ସହର (City) ରିପୋର୍ଟିଂରେ ପ୍ରାୟୋଗିକ ଅଭିଜ୍ଞତା।
• ଉତ୍କୃଷ୍ଟ 'ନ୍ୟୁଜ୍ ସେନ୍ସ ଓ ରିପୋର୍ଟିଂ' କୌଶଳ।
• ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
• ବ୍ରେକିଂ ନ୍ୟୁଜ୍ କଭର କରିବା ସହିତ ଦ୍ରୁତଗତିର ନ୍ୟୁଜରୁମ୍ ପରିବେଶରେ କାର୍ଯ୍ୟ କରିବାର ଦକ୍ଷତା।
ଆବେଦନ ପ୍ରକ୍ରିୟା
ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।
ଇମେଲ୍: hr@nandighoshatv.com
ଦ୍ରଷ୍ଟବ୍ୟ : କେବଳ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କୁ ଚୟନ ପ୍ରକ୍ରିୟା ପାଇଁ ଯୋଗାଯୋଗ କରାଯିବ।
ଯୋଗାଯୋଗ ନମ୍ବର
9437016499
HR Dept.

## ପଞ୍ଚମ ଟି-୨୦: ପରାଜୟ ଭାରତର ପିଛା ଛାଡୁନି

# ଇଂଲଣ୍ଡ ୪-୦ରେ ସିରିଜ ବିଜୟୀ




**ସାଉଥାମ୍ପଟନ, ୧୧।୭ (ଏଜେନ୍ସି):**

ଭ୍ରମଣକାରୀ ଭାରତ ବିପକ୍ଷରେ ଏଠାରେ ଶନିବାର ଖେଳାଯାଇଥିବା ଅନ୍ତିମ ତଥା ୫ମ ଟି-୨୦ ମ୍ୟାଚକୁ ଇଂଲଣ୍ଡ ୫୬ ରନରେ ଜିତିନେଇଛି। ଏଥିସହ ହ୍ୟାରୀ ବ୍ରୁକ୍‌ଙ୍କ ନେତୃତ୍ୱାଧୀନ ଘରୋଇ ଇଂଲଣ୍ଡ ୪-୦ରେ ସିରିଜ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ଟି-୨୦ ସିରିଜର ପ୍ରଥମ ମ୍ୟାଚ ବର୍ଷା ଲାଗି ବାତିଲ ହୋଇଥିଲା। ପରବର୍ତ୍ତୀ ୪ଟି ମ୍ୟାଚରେ ଭାରତୀୟ ଦଳ ଶୋଚନୀୟ ଭାବେ ପରାସ୍ତ ହୋଇ ସିରିଜ ହାରିଛି। ଏହି ସିରିଜ ପୂର୍ବରୁ ଆୟର୍ଲାଣ୍ଡ ନିକଟରୁ ମଧ୍ୟ ଭାରତ ୨-୦ରେ ସିରିଜ ହାରିଥିଲା। ଫଳରେ ଚଳିତ ୟୁକେ ଗସ୍ତରେ ଭାରତ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ୭ ଟି-୨୦ରୁ ଛଅଟି ପରାଜୟବରଣ କରିଛି। ଏବେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ସିରିଜ ଜୁଲାଇ ୧୪ରୁ ଏଜବାଷ୍ଟନରେ ଆରମ୍ଭ ହେବ।

ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଜୋଶ ବଟଲରଙ୍କ ଶତକ ବଳରେ ୩ ୱିକେଟରେ ୨୫୭ ରନର ବିଶାଳ ସ୍କୋର କରିଥିଲା। ବଟଲର ସର୍ବାଧିକ ୧୩୧ ରନ କରିଥିଲେ। କ୍ୟାରିୟରର ଏହି ଦ୍ୱିତୀୟ ଟି-୨୦ ଶତକରେ ସେ ୬୪ ବଲର ସାମ୍ନା କରି ୧୨ଟି ଚୌକା ଓ ୮ଟି ଛକା ମାରିଥିଲେ। ସେହିଭଳି ଅଧିନାୟକ ହ୍ୟାରୀ ବ୍ରୁକ ୪୫ଟି ବଲରେ ୯୫ ରନ (୮ଟି ଛକା ଓ ୪ଟି ଚୌକା)ର ଅପରାଜିତ ପାଳି ଖେଳିଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୧୦୨ ବଲରୁ ୨୩୩ ରନ ସଂଗ୍ରହ କରିଥିଲେ। ଟି-୨୦ କ୍ରିକେଟ୍‌ରେ ଯେକୌଣସି ୱିକେଟରେ ଏହା ଇଂଲଣ୍ଡ ପାଇଁ ସର୍ବବୃହତ ଭାଗୀଦାରି ହୋଇଛି। ଭାରତୀୟ ବୋଲରଙ୍କ ମଧ୍ୟରେ ଶିବମ ଦୁବେ ଗୋଟିଏ ଓଭରରେ ୨୨ ରନ ଦେଇ ସର୍ବାଧିକ ଦୁଇଟି ୱିକେଟ୍ ନେଇଥିଲେ। ଜବାବରେ ଇଶାନ କିଶାନ (୫୬ ରନ) ଓ ତିଳକ ବର୍ମା (୫୩ ରନ)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଭାରତ ୮ ୱିକେଟରେ ୨୦୧ ରନ କରିବାକୁ ସମର୍ଥ ହୋଇଥିଲା। ବୈଭବ ସୂର୍ଯ୍ୟବଂଶୀଙ୍କ ବଦଳରେ ସ୍ଥାନ ପାଇଥିବା ସଞ୍ଜୁ ସାମସନ ୨୭ ରନ କରିଥିଲେ। ସାମ କରନଙ୍କୁ ୩ ଓ ଆଦିଲ ରଶିଦଙ୍କୁ ୨ଟି ୱିକେଟ୍ ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS